R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୩୩
ତିଥି : ପଞ୍ଚମୀ
୩୧ ମେ' ୨୦୨୫, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 233
31 May 2025, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ପାକ୍‌କୁ ରାଜନାଥଙ୍କ ଖୋଲା ଆହ୍ୱାନ

# ମାସୁଦ୍-ହାଫିଜକୁ ଆଗ ଫେରାଅ



ନୂଆଦିଲ୍ଲୀ, ୩୦।୫ : ଭାରତ ସହ ଯଦି ପାକିସ୍ତାନ ଆଲୋଚନା ପାଇଁ ଗୁରୁତର ସହ ଆଗ୍ରହୀ ଅଛି ତେବେ ପ୍ରଥମେ ଦୁଇ ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ। ଲସ୍କରି-ଇ-ତୋଇବାର ମୁଖ୍ୟ ହାଫିଜ୍ ସୟଦ ଜୈସ୍-ଇ-ମହମ୍ମଦ ପ୍ରତିଷ୍ଠାତା ମାସୁଦ୍ ଆଝାରମଙ୍କୁ ହସ୍ତାନ୍ତର କଲାପରେ ଆଲୋଚନା ହେବା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଗୋଆ ଠାରେ ନୌସେନାର ଅଧିକାରୀଙ୍କୁ ଭେଟିବା ଅବସରରେ ମତ ରଖିଛନ୍ତି।

ଶ୍ରୀ ସିଂହ ଆଜି ଗୋଆରେ ଆଇଏନ୍ଏସ୍ ବିକ୍ରାନ୍ତର ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଆତଙ୍କବାଦର ଆକ୍ରମଣକୁ ମୁକାବିଲା କରିବା ପାଇଁ ଏହାର ପ୍ରସ୍ତୁତି ଦେଖିଥିଲେ। ଶ୍ରୀ ସିଂହ ଆଜି ଯେ ଅପରେସନ୍ ସିନ୍ଦୂରର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଭାରତ ଏବେ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ପ୍ରସ୍ତୁତ ହେଉଛି। ପାକିସ୍ତାନ ଯଦି ପୁନର୍ବାର ଏଭଳି କରିବ ସେ ଏଣିକି ନୌସେନାର ଯୁଦ୍ଧ କ୍ଷମତା ଦେଖିବ। ନୌସେନାର ସୁଚିନ୍ତିତ ବାହିନୀ ଓ ଏହାର ରଣନୀତି ଭାରତର ଜଳସୀମାକୁ ଶକ୍ତିଶାଳୀ କରିଛି। ଶତ୍ରୁ ପକ୍ଷରୁ ସତର୍କ କରାଇ ସେ କହିଛନ୍ତି ଯେ ଭାରତ ଏବେ ଆଉ ଆଞ୍ଚଳିକ କ୍ଷମତାଶାଳୀ ନୁହେଁ। ଭାରତ ଏବେ ବିଶ୍ୱର କ୍ଷମତା କେନ୍ଦ୍ର ପାଲଟିଛି। ପାକିସ୍ତାନ ନୌସେନା ଆକ୍ରମଣରେ ସାମିଲ ହୋଇନଥିଲା। ଯଦି ଭାରତୀୟ ନୌସେନା ଅପରେସନ୍ ସିନ୍ଦୂରର ସ୍ଥଳସେନା ଓ ବାୟୁସେନା ସହ ସାମିଲ ହୋଇଥାନ୍ତା ତେବେ ପାକିସ୍ତାନର ସ୍ଥିତି ୧୯୭୧ ତୁଳନାରେ ଆହୁରି ଭୟଙ୍କର ହୋଇଥାନ୍ତା। ସମ୍ଭବତଃ ପାକିସ୍ତାନ ୪ ଭାଗରେ ବିଭକ୍ତ ହୋଇଥାନ୍ତା। ଅପରେସନ୍ ବେଳେ ନୌସେନା ସବୁ ବିପଦକୁ ଏଡାଇବାକୁ ସକ୍ଷମ ହୋଇଥିବାରୁ ଶ୍ରୀ ସିଂହ ଏହାର ପ୍ରଶଂସା କରିଥିଲେ। ଅପରେସନ୍ ସିନ୍ଦୂର ବେଳେ ନିଜର ନୀରବ ସେବାଦ୍ୱାରା ନୌସେନା ପ୍ରତ୍ୟେକ ଭାରତୀୟଙ୍କୁ ପ୍ରଭାବିତ କରିଛି। ସ୍ୱାଧୀନତା ପରଠାରୁ ପାକିସ୍ତାନ ବିପଜ୍ଜନକ ଆତଙ୍କବାଦ ଖେଳ ଖେଳିଚାଲିଛି। ଏହାର ଶେଷ ହେବା ଆବଶ୍ୟକ। ପାକିସ୍ତାନ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟ ଲାଗି ପ୍ରୋତ୍ସାହିତ କରୁଛି। ତେବେ ଏହାର ଜବାବ ଦେବାପାଇଁ ଭାରତ ତିଳେମାତ୍ର କୁଣ୍ଠାବୋଧ କରିବ ନାହିଁ। ଯେଉଁ ବାଟରେ ହେଉ ଯଦି ଆତଙ୍କବାଦ (୯ ପୃଷ୍ଠାରେ)




## ୬.୫%କୁ ଖସିଲା

# ଆର୍ଥିକ ଅଭିବୃଦ୍ଧି ୪ ବର୍ଷ ପରେ ସର୍ବନିମ୍ନ

ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୈତିକ ଅବିବୃଦ୍ଧି ବିଗତ ୪ ବର୍ଷ ଠାରୁ ସବୁଠୁ କମ୍ ହୋଇଛି। ଆର୍ଥିକ ଅଭିବୃଦ୍ଧି ହାର ଏହି ଆର୍ଥିକ ବର୍ଷରେ ୬.୫% ରହିଥିବା କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ମନ୍ତ୍ରଣାଳୟ ଅଧିନରେ ଥିବା ଜାତୀୟ ପରିସଂଖ୍ୟନ ଅଫିସ (ଏନ୍ଏସ୍ଓ) ପକ୍ଷରୁ ଜଣାପଡିଛି।

ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ଅବିବୃଦ୍ଧି ହାର କମ୍ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ରେକର୍ଡ ୨.୯% ଥିଲା। ତେବେ ଏହି ଆର୍ଥିକ ବର୍ଷର ଚତୁର୍ଥ ତ୍ରୟୋମାସରେ ଜିଡ଼ିପିରେ ଆଶାଜନକ ପରିଲକ୍ଷିତ ହୋଇଛି। ମହାମାରୀ ପରେ ଦେଶର ଅର୍ଥନୀତି ଅପେକ୍ଷାକୃତ ଭାବେ ଦ୍ରୁତଗତିରେ ଆଗକୁ ବଢ଼ିଥିଲା। ତେବେ ୨୦୨୪-୨୫ରେ ଏହି ହାର ଚିନ୍ତାରେ ପକାଇଛି। ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ପକ୍ଷରୁ ଆକଳନ କରାଯାଇଥିଲା ଯେ ଏହି ବର୍ଷ ଶେଷ ସୁଦ୍ଧା ଭାରତର ଅର୍ଥନୀତି ଜାପାନକୁ ଅତିକ୍ରମ କରି ୪.୧୮ ଟ୍ରିଲିୟନ୍ ଡଲାରରେ ପହଞ୍ଚିବ ଓ ଜିଡ଼ିପି ଅଭିବୃଦ୍ଧି ୧୦.୮% ହେବ। ତେବେ ସରକାର ଜାରି କରିଥିବା ବିବୃତ୍ତିରେ ଦର୍ଶାଇଛନ୍ତି ଯେ ବାସ୍ତବ ଜିଡ଼ିପି ୨୦୨୪-୨୫ ଆର୍ଥିକ ବର୍ଷରେ ୬.୫% ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ନୋମିନାଲ ଜିଡ଼ିପିରେ ୯.୮% ଅଭିବୃଦ୍ଧି ହୋଇଛି। ପୂର୍ବ ଆର୍ଥିକ ବର୍ଷରେ ଜିଡ଼ିପି ସଂଖ୍ୟା ୪ ବର୍ଷ ମଧ୍ୟରେ କମ ରହିଛି। ଯେବେ ଚତୁର୍ଥ କ୍ୱାର୍ଟର ବା ମାର୍ଚ୍ଚ ତ୍ରୟୋମାସରେ ଜିଡ଼ିପି ଅଭିବୃଦ୍ଧି ୭.୪% ହୋଇଛି। ଘରୋଇ ଖର୍ଚ୍ଚ ଗୋଟିଏ ବର୍ଷରେ ୭.୨% ବୃଦ୍ଧି ପାଇଛି। ଗ୍ରାମାଞ୍ଚଳରେ ଖର୍ଚ୍ଚର ଚାହିଦା ବଢ଼ିଥିବାରୁ ଏପରି ସ୍ଥିତି ଦେଖାଦେଇଛି। କୃଷିକ୍ଷେତ୍ରରେ ଅଭିବୃଦ୍ଧି ୨୦୨୪-୨୫ ଆର୍ଥିକ ବର୍ଷରେ ୪.୬% ରହିଛି। ପୂର୍ବ ବର୍ଷ ତୁଳନାରେ ଏକ୍ଷେତ୍ରରେ ଅଭିବୃଦ୍ଧି ହାର ୨.୭% ଅଧିକ। ନିର୍ମାଣ କ୍ଷେତ୍ରରେ ଅଭିବୃଦ୍ଧି ହାର ୯.୪% ଥିଲା ବେଳେ ପୂର୍ବ ବର୍ଷରେ ୧୦.୪% ରହିଥିଲା। ଉତ୍ପାଦନ କ୍ଷେତ୍ରରେ ଅଭିବୃଦ୍ଧି ହାର ୪.୫% ରହିଛି। ପୂର୍ବ ବର୍ଷରେ ଏହା ୧୨.୩% ରହିଥିଲା।

# କାଳବୈଶାଖୀ ପ୍ରଭାବରେ ବଜ୍ରପାତ ବଢ଼ିବ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ମୌସୁମୀ ୧୧ ଜିଲ୍ଲାକୁ ଛୁଇଁଥିବାବେଳେ ଏବେ ଦୁର୍ବଳ ହୋଇଛି । ଆଉ ଆଗକୁ ବଢ଼ିବନି। କିଛିଦିନ ପାଇଁ ବିରତି ନେଇଛି । ତେବେ କାଳବୈଶାଖୀ ପ୍ରଭାବ ସହ ବଜ୍ରପାତ ବଢ଼ିବ । ବଜ୍ରପାତ ଯୋଗୁ ଧନଜୀବନ କ୍ଷତି ପହଞ୍ଚାଇପାରେ। ତେଣୁ ବଜ୍ରପାତ ସମୟରେ ଘରୁ ନବାହାରିବା ପାଇଁ ସତର୍କ କରାଇଛନ୍ତି ପାଣିପାଗ ବିଶେଷଜ୍ଞ ।

ପାଣିପାଗ ବିଶେଷଜ୍ଞଙ୍କ କହିବା ଅନୁସାରେ, ଅବପାତ ଦୁର୍ବଳ ହେଇ ବାଂଲାଦେଶ ଓ ଉତ୍ତର-ପୂର୍ବ ରାଜ୍ୟ ଆଡ଼କୁ ମୁହାଁଇଛି । ଯାହା ଫଳରେ ରାଜ୍ୟ ମଧ୍ୟକୁ ଶୁଷ୍କ ବାୟୁ ପ୍ରବେଶ କରୁଛି । ଶୁଷ୍କ ବାୟୁ ରାଜ୍ୟ ମଧ୍ୟକୁ ଆସିଲେ ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ କମିଯିବ। ଏହି ଜଳୀୟ ବାଷ୍ପ ହ୍ରାସ ଯୋଗୁ ଭୟଙ୍କର ବଜ୍ରପାତ ସୃଷ୍ଟି ହେବ। ଫଳରେ ଝଡ଼ତୋଫାନ ସହ ବଜ୍ରପାତ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏଥିସହ କାଳବୈଶାଖୀ ବର୍ଷା ବିଭିନ୍ନ ସ୍ଥାନରେ ହୋଇପାରେ ।

### ତାତି ସହିତ ଗୁଳୁଗୁଳି ବଢ଼ିବ

ମୌସୁମୀ ଦୁର୍ବଳ ହେବା ଫଳରେ ଏବେ ରାଜ୍ୟରେ ତାପମାତ୍ରା ବୃଦ୍ଧି ପାଇବ। ଏହାସହ ଆର୍ଦ୍ରତା ଅଧିକ ରହିବା ଯୋଗୁ ଗୁଳୁଗୁଳି ନାକେଦମ କରିବ ।

ବିସ୍ତାରିତ ଆକଳନ ଅନୁଯାୟୀ, ଆସନ୍ତା ୮ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ । ଏହି ଲଘୁଚାପ ସୃଷ୍ଟି ହେବାପରେ ମୌସୁମୀ ପୁଣି ସକ୍ରିୟ ହେବ । ମୌସୁମୀ ସକ୍ରିୟ ହେବା ସହ ସାରା ରାଜ୍ୟକୁ ଏହା ସ୍ପର୍ଶ କରିବ। ଏବେ ୧୧ଟି ଜିଲ୍ଲାରେ ମୌସୁମୀ ପ୍ରବେଶ କରିଛି। ତେବେ ବାକି ଜିଲ୍ଲାଗୁଡ଼ିକରେ ଆଗକୁ ଯିବାଲାଗି ସହାୟକ ହେବ ଲଘୁଚାପ।

ଶୁକ୍ରବାର ସକାଳ ସାଢ଼େ ୮ଟାରୁ ସନ୍ଧ୍ୟା ୫.୩୦ ପର୍ଯ୍ୟନ୍ତ ବରଗଡ଼ରେ ସର୍ବାଧିକ ୩୫ ମିମି ବର୍ଷା ହୋଇଥିବାବେଳେ ଚାନ୍ଦବାଲି ୨୬.୮ ମିମି, ବଲାଙ୍ଗିରରେ ୨୬.୫ ମିମି, ଢେଙ୍କାନାଳରେ ୯.୮ ମିମି, ନୟାଗଡ଼ରେ ୭ ମିମି, ଯାଜପୁରରେ ୬.୫ ମିମି ଓ କଟକରେ ୨ ମିମି ବର୍ଷା ରେକର୍ଡ଼ କରାଯାଇଛି ।

# ସିକିମରେ ହଜାରେ ଫୁଟ ତଳକୁ ଖସିଲା ବସ, ୨ ମୃତ



ଭୁବନେଶ୍ୱର,୩୦।୫ (ସବ୍ୟୁ): ସିକିମ୍‌ର ମନଗା ଜିଲ୍ଲାରେ ଘଟିଥିବା ସଡକ ଦୁର୍ଘଟଣାରେ ଓଡ଼ିଶାରୁ ଯାଇଥିବା ପର୍ଯ୍ୟଟକଙ୍କ ମଧ୍ୟରେ ୯ ଜଣ ନିଖୋଜ ଅଛନ୍ତି। ବିଜେପି ନେତ୍ରୀ ଇତିଶ୍ରୀ ଜେନା ଓ ତାଙ୍କ ପରିବାରର ୩ ସଦସ୍ୟ ଏହି ଘଟଣାରେ ନିଖୋଜ ଥିବା ସୂଚନା ମିଳିଛି। ସେମାନଙ୍କୁ ଉଦ୍ଧାର କରିବା ସହ ଆଇଟିବିପି ଓ ଏନ୍‌ଡିଆର୍‌ଏଫ୍

### ବିଜେପି ନେତ୍ରୀ ଇତିଶ୍ରୀଙ୍କ ସମେତ ୯ ନିଖୋଜ

ଟିମ୍ ପ୍ରୟାସ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ ଗତ ରବିବାର ରାତି ୧୨.୩୦ରେ ଯାଜପୁର ରୋଡରୁ ଇତିଶ୍ରୀ ଜେନା ଓ ତାଙ୍କ ପରିବାର ଲୋକ ସିକିମ ଅଭିମୁଖେ ଯାଇଥିଲେ। ଇତିଶ୍ରୀଙ୍କ ସହ ଦୁଇ ଭାଇ, ଜଣେ ଭାଉଜ, ଦୁଇ ଭଉଣୀ, ଦୁଇ (୯ ପୃଷ୍ଠାରେ)

### ସିକିମ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହେଲେ ମୋହନ ମାଝୀ

ଭୁବନେଶ୍ୱର, ୩୦।୫ (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସିକିମ ବସ୍ ଦୁର୍ଘଟଣାରେ ଆହତ ଓଡ଼ିଆ ଯାତ୍ରୀମାନଙ୍କ ଉଦ୍ଧାର, ଚିକିତ୍ସା ଓ ଓଡ଼ିଶା ପ୍ରତ୍ୟାବର୍ତ୍ତନ ସମ୍ପର୍କରେ ସିକିମ୍ ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଗଭୀର ଦୁଃଖପ୍ରକାଶ କରିଛନ୍ତି। ଓଡ଼ିଶାରୁ (୯ ପୃଷ୍ଠାରେ)

## କଟକରେ ଦୁଇ କରୋନା ଆକ୍ରାନ୍ତ ଚିହ୍ନଟ

କଟକ, ୩୦।୫ (ସବ୍ୟୁ): କଟକକୁ ପୁଣି ଆସିଛି କରୋନା । ଦୀର୍ଘ ଦିନ ପରେ ପୁଣି କଡ ଲେଉଟାଇଛି କରୋନା ଭୁତାଣୁଛସହରାଞ୍ଚଳରୁ ଦୁଇ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଜଣେ ଗୃହ ସଙ୍ଗରୋଧ (କ୍ୱାରେଣ୍ଟାଇନ) ରେ ରହି ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ଜଣେ ଆକ୍ରାନ୍ତ ବୃଦ୍ଧ ହୋଇଥିବାରୁ ତାଙ୍କୁ ସିଡିଏ ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଉଭୟ ଆକ୍ରାନ୍ତଙ୍କ କୌଣସି ପୂର୍ବ ଯାତ୍ରା ବିବରଣୀ ମିଳିନାହିଁ । ସହରରେ ପୁର୍ନବାର କରୋନା ବ୍ୟାପିବା ଯୋଗୁଁ ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଛି ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଡାକ୍ତର ପ୍ରଶାନ୍ତ କୁମାର ହୋତା କହିଛନ୍ତି । ସିଡିଏମଓ ଡାକ୍ତର ହୋତାଙ୍କ ସୂଚନା ମୁତାବକ, ଗୁରୁବାର କିଛି ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷା ହୋଇଥିଲା । ଏମାନଙ୍କ ଭିତରୁ (୯ ପୃଷ୍ଠାରେ)

## ନବ ଦାସ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚର ତନାଘନା

ଭୁବନେଶ୍ୱର, ୩୦।୫ (ସବ୍ୟୁ):ତତକାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ୨ ବର୍ଷ ପୂର୍ବେ ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଗାନ୍ଧି ଛକ ନିକଟରେ ପୋଲିସ ଏଏସଆଇ ଗୋପାଳ ଦାସ ଗୁଳି କରି ହତ୍ୟା କରିଥିଲେ । ଏହି ଘଟଣାର ତଦନ୍ତ ତତକାଳୀନ କ୍ରାଇମବ୍ରାଞ୍ଚ ଆଇଜି ଅରୁଣ ବୋଥ୍ରା ତଦନ୍ତ କରି ସରକାରଙ୍କୁ ଚାର୍ଜସିଟ ରିପୋର୍ଟ କରିଛନ୍ତି । ରିପୋର୍ଟରେ ନବ ଦାସ ହତ୍ୟାକାଣ୍ଡର ପୋଲିସ ଏଏସଆଇ ଗୋପାଳ ଦାସ ଏକମାତ୍ର ଦୋଷୀ ବୋଲି କୁହାଯାଇଛି । କିନ୍ତୁ ଏହି ତଦନ୍ତ ଓ ଚାର୍ଜସିଟରେ ନବ ଦାସଙ୍କ ପରିବାର ସନ୍ତୁଷ୍ଟ ନଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟରେ ସିବିଆଇ ତଦନ୍ତ ଦାବି କରିଥିଲେ । କିନ୍ତୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ସିବିଆଇ ତଦନ୍ତ ନକରି ପୁଣି ଥରେ କ୍ରାଇମ ବ୍ରାଞ୍ଚ ତଦନ୍ତ କରାଇଛି । ଶୁକ୍ରବାର କ୍ରାଇମବ୍ରାଞ୍ଚର ଜନୈକ ଅତିରିକ୍ତ ଏସପି ଏହାର ତଦନ୍ତ କରିଛନ୍ତି । ଅତିରିକ୍ତ ଏସପି (୯ ପୃଷ୍ଠାରେ)

## ନକଲି ସାର୍ଟିଫିକେଟରେ ଆଇଏଏସ୍, ଖୋଳତାଡ ଆରମ୍ଭ

ଭୁବନେଶ୍ୱର, ୩୦।୫ (ସବ୍ୟୁ): ନକଲି ଆର୍ଥିକ ଅନଗ୍ରସର ସାର୍ଟିଫିକେଟ୍ ଦେଇ ହାତେଇଛନ୍ତି ଆଇଏଏସ ଚାକିରି । ତାଲିକାରେ ରହିଛି ଓଡ଼ିଶା କ୍ୟାଡର ଜଣେ ଆଇଏଏସଙ୍କ ନାଁ । କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟ ଶାସନ ସଚିବଙ୍କ ଚିଠି ଲେଖିଛି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ବା ଡିଓପିଟି ।

ନକଲି ସାର୍ଟିଫିକେଟ୍ ଦେଇ ହାତେଇଥିବା ଆଇଏଏସଙ୍କ ବିରୋଧରେ ଖୋଳାତାଡ଼ ଆରମ୍ଭ କରିଛି ଡିଓପିଟି । ଆକ୍ସନ ପାଇଁ ଓଡ଼ିଶା ସରକାରଙ୍କୁ ଚିଠି ଲେଖାଯାଇଛି । କିଏ ସେହି ଓଡ଼ିଶାର ଅଧିକାରୀ ? ୨୦୨୧ ବ୍ୟାଚର ଓଡ଼ିଶା କ୍ୟାଡରର ଜଣେ ଆଇଏଏସ ଅଧିକାରୀ ଦେଇଛନ୍ତି ନକଲି ସାର୍ଟିଫିକେଟ୍ । ତେଣୁ ଏନେଇ କେନ୍ଦ୍ର ସରକାରଙ୍କ କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ (୯ ପୃଷ୍ଠାରେ)

## ଜେଲ୍ ଗଲେ ଇଡି ଅଧିକାରୀ

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ୨୦ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଇଡିର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀଙ୍କୁ ସିବିଆଇ ଶୁକ୍ରବାର କୋର୍ଟଚାଲାଣ କରିଥିଲା । ସିବିଆଇ କୋର୍ଟରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏକ ଖଣି ଦୁର୍ନୀତି ମାମଲାରେ ରଫାଦଫା କରିବା ପାଇଁ ଅଭିଯୁକ୍ତ ଖଣି ମାଲିକଙ୍କ ଠାରୁ ବହୁଲକ୍ଷ ଟଙ୍କା ଲାଞ୍ଚ ନେବା ପରେ ପୁଣି ୫୦ଲକ୍ଷ ଟଙ୍କା ଡେପୁଟି ଡାଇରେକ୍ଟର ଦାବି କରିଥିଲେ । ସେଥିରେ ଖଣି ମାଲିକ ଅତିଷ୍ଠ ହୋଇ ସିବିଆଇରେ ଜଣାଇବା ପରେ ଚିନ୍ତନ ରଘୁବଂଶୀଙ୍କୁ ଟ୍ରାପ୍ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ସିଆର୍‌ପି ଛକ ନିକଟ ଡେପୁଟି ଡାଇରେକ୍ଟରଙ୍କ କ୍ୱାର୍ଟର୍ସରେ ଗୁରୁବାର ଖଣି ମାଲିକ ୨୦ଲକ୍ଷ ଲାଞ୍ଚ ଦେଉଥିବା ବେଳେ ଚିନ୍ତନ ରଘୁବଂଶୀଙ୍କୁ (୯ ପୃଷ୍ଠାରେ)

# କୋଟିପତି ମୁଖ୍ୟଯନ୍ତ୍ରୀଙ୍କ ଘରୁ ୨.୫୬ କୋଟି ଜବତ



ଭୁବନେଶ୍ୱର, ୩୦।୫ (ସବ୍ୟୁ) : ଗ୍ରାମ୍ୟ ନିର୍ମାଣ (ରାସ୍ତା) ବିଭାଗର ମୁଖ୍ୟ ଯନ୍ତ୍ରୀ (ଯୋଜନା) ବୈକୁଣ୍ଠନାଥ ଶତପଥୀଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଚଢାଉ କରିଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର, ଅନୁଗୁଳ ଓ ପିପିଲିର ୭ଟି ସ୍ଥାନରେ ଏକସଙ୍ଗେ ଚଢ଼ାଉ କରାଯାଇଥିଲା । ଅବସରର ଦିନକ ପୂର୍ବରୁ ଭିଜିଲାନ୍ସ ଚଢ଼ାଉ ହେବାକୁ ନେଇ ଚର୍ଚ୍ଚା ହେଉଛି।

ଭୁବନେଶ୍ୱର ଓ ଅନୁଗୁଳ ଘରୁ ନଗଦ ୨.୫୬ କୋଟି ଟଙ୍କା ମିଳିଥିବା ବେଳେ ୨ଟି ବହୁତଳ କୋଠା, ଦୁଇଟି ଫ୍ଲାଟ୍, ୭ଟି ଉଚ୍ଚ ମୂଲ୍ୟର ପ୍ଲଟ୍, ୧.୫ କୋଟି ଜମା ହୋଇଥିବା ଟଙ୍କା, ସେୟାର ମାର୍କେଟ ଏବଂ ମ୍ୟୁଚୁଆଲ ଫଣ୍ଡରେ ୨.୭ କୋଟି ବିନିଯୋଗ, ୧.୧କେଜି ସୁନା ଅଳଙ୍କାର ଜବତ କରାଯାଇଛି । ସେହିପରି ଘରୁ ୧୫ଟି ମୂଲ୍ୟବାନ ଘଣ୍ଟା ଓ ଅନ୍ୟାନ୍ୟ ବହୁମୂଲ୍ୟ ଟଙ୍କାର ଗୃହପୋକରଣ ଠାବ ହୋଇଥିବା ଭିଜିଲାନ୍ସ କହିଛି । ଅନୁଗୁଳ କୋରଡଗାଡିଆରେ ୩୨୦୦ ସ୍କୋୟାର ଫୁଟ୍‌ର ଦୁଇ ମହଲା ଘର, ଅନୁଗୁଳ ମାଟିଆ ସାହିରେ ହଜାରେ ସ୍କୋୟାର ଫୁଟ୍‌ରେ ଦୁଇ ମହଲା ଘର, ଭୁବନେଶ୍ୱର ଡୁମୁଡୁମାରେ ୧୫୩୦ ସ୍କୋୟାର ଫୁଟ୍‌ର ଫ୍ଲାଟ୍, ପିପିଲିରେ ୧୧୦୦ ସ୍କୋୟାର ଫୁଟ୍‌ର ଫ୍ଲାଟ୍, ଭୁବନେଶ୍ୱର, ଅନୁଗୁଳରେ ୭ଟି ପ୍ଲଟ୍ ଠାବ ହୋଇଛି । ମିଳିଥିବା ନଗଦ ଟଙ୍କା ମଧ୍ୟରୁ ଅନୁଗୁଳ

### ଅବସରର ଦିନକ ପୂର୍ବରୁ ମାଡିବସିଲା ଭିଜିଲାନ୍ସ

କୋରଡଗାଡିଆ ଘରୁ ୧କୋଟି ୨୧ଲକ୍ଷ ୯୫ ହଜାର ଟଙ୍କା ମିଳିଥିବା ବେଳେ ଅବଶିଷ୍ଟ ଟଙ୍କା ଭୁବନେଶ୍ୱର ଘରୁ ମିଳିଛି । (୯ ପୃଷ୍ଠାରେ)

# ମିଳିଲା ଲୁଟ୍ ବିସ୍ଫୋରକ

ସୁନ୍ଦରଗଡ଼, ୩୦।୫ (ସବ୍ୟୁ): ସୁନ୍ଦରଗଡ଼ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥରଖଣିକୁ ପହଞ୍ଚିବା ପୂର୍ବରୁ ଗତ ୨୭ ତାରିଖ ଲୁଟ୍ ହୋଇଥିବା ବିପୁଳ ପରିମାଣ ବିସ୍ଫୋରକ ସାମଗ୍ରୀ ଶୁକ୍ରବାର ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରୁ ଉଦ୍ଧାର ହୋଇଛି । ସୁରକ୍ଷା ବାହିନୀର ଯବାନମାନେ ଏହାକୁ ସିଂହଭୂମ ଜିଲ୍ଲା ତିରିଲପୋଷି ଠାରେ ଜବତ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ସନ୍ଧ୍ୟା ସୁଦ୍ଧା ସୁରକ୍ଷା ବାହିନୀ ସହିତ ମାଓବାଦୀଙ୍କର ସରଣ୍ଡା ଜଙ୍ଗଲରେ ଗୁଳିବିନିମୟ ଜାରି ରହିଥିବା ଜଣାପଡ଼ିଛି । ଗୁଳି ବିନିମୟରେ ଜଣେ ଯବାନ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଯବାନଙ୍କୁ ରାଞ୍ଚି ର ଏକ ଡ଼ାକ୍ତରଖାନାକୁ ଏୟୋଲିଫଂ କରାଯାଇଥିବା ଜଣାପଡ଼ିଛି।

ସୁନ୍ଦରଗଡ଼ ବଡ଼ଗାଁରୁ ଆସୁଥିବା ବିସ୍ଫୋରକ ବୋଝେଇ ଗାଡ଼ି ଆସୁଥିବା ବେଳେ ଗତ ୨୭ ତାରିଖ ଦିନ ଲୁଟ୍ ହୋଇଥିଲା। ଗାଡ଼ି ସହ ଲୁଟ୍ ହୋଇଥିବା ପ୍ରାୟ

### ସୁରକ୍ଷା ବାହିନୀ- ମାଓବାଦୀ ଗୁଳି ବିନିମୟ

୪ ଟନ୍ ବିସ୍ଫୋରକର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗାଡ଼ିକୁ ଅଜ୍ଞାତ ୩୦ରୁ ୪୦ ମାଓବାଦୀ ଲୁଟିଥିବା କୁହାଯାଉଛି। ଗତ ୨୭ ତାରିଖ ଦିନ ବଡ଼ଗାଁରୁ ବିସ୍ଫୋରକ ବୋଝେଇ ହୋଇ ଏକ ଗାଡ଼ି ଝାଡ଼ଖଣ୍ଡ-ଓଡ଼ିଶା ସୀମାନ୍ତ ବାଙ୍କୋ ଖଣି ଅଭିମୁଖେ ବାହାରିଥିଲା । ଖଣି ପହଞ୍ଚିବାକୁ ଆଉ ଅଳ୍ପଦୂର ଥିବାବେଳେ ମଧ୍ୟାହ୍ନ ପ୍ରାୟ ୧୨ଟା ପାଖାପାଖି ୩୦ରୁ ଅଧିକ ଅଜ୍ଞାତବ୍ୟକ୍ତି ଗାଡ଼ିକୁ ଘେରି ଯାଇଥିଲେ । ଏହାପରେ ସେମାନେ ଗାଡ଼ି ସହ ବିସ୍ଫୋରକକୁ ଲୁଟି ନେଇଥିଲେ । ଏହା ପରେ ଖଣି କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ପୁଲିସ ଗୋଟିଏ ଟିମ୍ ଗଠନକରି ଛାନଭିନ୍ ଆରମ୍ଭ କରିଥିଲା । ପରେ ପୁଲିସ ଓ ସିଆରପିଏଫ୍ ଟିମ୍ ସରଣ୍ଡା ଜଙ୍ଗଲରେ ନିଜର କୁମ୍ବିଂ ଅଭିଯାନ ଆରମ୍ଭ କରିଥିଲେ। ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାବେଳକୁ (୯ ପୃଷ୍ଠାରେ)



# ଶିବ ବିବାହ



ଭାରତବର୍ଷରେ କେଉଁ ଆବାହମାନ କାଳରୁ ଶିବ ଓ ଶକ୍ତିଙ୍କ ପରମ୍ପରା ପ୍ରଚଳିତ ହୋଇଆସୁଅଛି । ଯୁଗେ ଯୁଗେ ମଣିଷ କୌଣସି ନା କୌଣସି ଶକ୍ତିର ଉପାସନା କରିଆସିଛି । ସୃଷ୍ଟି ଓ ସ୍ରଷ୍ଟାଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଆସିଛି କୋଉ ପ୍ରାଚୀନକାଳରୁ । ଦେବ ବେଦ ମହାଦେବ ଓ ସତୀ ପାର୍ବତୀଙ୍କର ବିବାହ ଉପାଖ୍ୟାନ ଆମ ପୁରାଣ ଶାସ୍ତ୍ର ମାନଙ୍କରେ ପ୍ରଚଳିତ ହୋଇ ଆସୁଅଛି । ଓଡ଼ିଶାରେ ଅନେକ ସ୍ଥାନରେ ପାଳନ ହୋଇଥାଏ ଶିବବିବାହ । ପୌରାଣିକ ଧର୍ମଶାସ୍ତ୍ରରୁ ଜଣାଯାଏ ଯେ ସମ୍ବଲପୁର ଏକ ଶକ୍ତିପୀଠ । ଦକ୍ଷଯଜ୍ଞରେ ସତୀ ଝାସ ଦେବାପରେ ମହାଦେବ କ୍ରୋଧାନ୍ୱିତ ହୋଇ ଦକ୍ଷଯଜ୍ଞ ଧ୍ୱଂସ କରିବା ସଙ୍ଗେ ସଙ୍ଗେ ସତୀଙ୍କର ଶରୀରକୁ କାନ୍ଧରେ ଧରି ତ୍ରିଭୁବନ ଭ୍ରମଣ କଲେ । ମହାଦେବଙ୍କର ଏତାଦୃଶ ଅବସ୍ଥା ଦେଖି ବିଷ୍ଣୁ ସୁଦର୍ଶନ ଚକ୍ରକୁ ଆଜ୍ଞାଦେଲେ ସତୀଙ୍କର ମୃତ ଶରୀରକୁ ଖଣ୍ଡ ଖଣ୍ଡ କାଟିଦେବାପାଇଁ । ଯେଉଁସବୁ ସ୍ଥାନରେ ସତୀଙ୍କର ଶରୀର ଖଣ୍ଡମାନ ପଡ଼ିଲା ସେ ସବୁ ସ୍ଥାନ ଗୋଟିଏ ଗୋଟିଏ ଶକ୍ତିପୀଠ ରୂପେ ପରିଗଣିତ ହେଲା । ସତୀଙ୍କ ମୁଣ୍ଡ ପଡିଥିଲା ସମ୍ବଲପୁରରେ । ସତୀ ଏହି କ୍ଷେତ୍ରରେ ସମଲେଶ୍ୱରୀ ନାମରେ ପୂଜା ପାଇଲେ ।

ସେହିପରି ପୂରାଣରେ ବର୍ଣ୍ଣନା ଅନୁସାରେ ତାରକାସୁର ନାମରେ ଜଣେ ଅସୁର ଥିଲା, ଯିଏ ଘୋର ତପସ୍ୟା କରି ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ସ୍ୱର୍ଗରେ ଦେବତାମାନଙ୍କୁ ଆକ୍ରମଣ କରୁଥିଲା । ଦେବତାମାନେ ତାଠାରୁ ପରାସ୍ତ ହୋଇ ଅତିଷ୍ଠ ହୋଇ ବ୍ରହ୍ମାଙ୍କ ଶରଣାପନ୍ନ ହେଲେ । ବ୍ରହ୍ମା ସେମାନଙ୍କୁ ଆଶ୍ୱାସନା ଜଣାଇ କହିଲେ ମହାଦେବଙ୍କ ପୁତ୍ରଙ୍କ ଦ୍ୱାରା ତାରକାସୁରର ବଧ ହେବ । ସେ ଆହୁରି କହିଲେ ଦକ୍ଷଯଜ୍ଞରେ ଯେଉଁ ସତୀ ଝାସଦେଇ ପ୍ରାଣ ହରାଇଥିଲେ ସେ ଏବେ ପର୍ବତରାଜ ହିମାଳୟର କନ୍ୟାରୂପେ ଜନ୍ମ ଗ୍ରହଣ କରିଛନ୍ତି । ପର୍ବତରାଜ ହିମାଳୟ ଓ ନୈନାଦେବୀଙ୍କ କନ୍ୟା ପାର୍ବତୀଙ୍କୁ ବିବାହ କରିବାକୁ ଦେବତାମାନେ ଶିବଙ୍କୁ ପ୍ରାର୍ଥନା କରନ୍ତୁ । ଦେବଗଣଙ୍କ ସ୍ତୁତି ଅନୁସାରେ ଶିବ ନିଜର ସମ୍ମତି ପ୍ରକାଶ କଲେ । ମାତା ପାର୍ବତୀ ହିମାଳୟର ଘଞ୍ଚ ବନାନୀ ମଧ୍ୟରେ ବରଫ ଲିଙ୍ଗ ସ୍ଥାପନ ପୂର୍ବକ ଆରାଧନା କରି କଠୋର ତପସ୍ୟାରତ ହେଲେ । ଦେବର୍ଷି ନାରଦ ବିବାହ ପ୍ରସ୍ତାବ ନେଇ ପର୍ବତରାଜଙ୍କ ପାଖରେ ପହଞ୍ଚିଲେ । ପର୍ବତରାଜଙ୍କ ଦ୍ୱାରା ଏପ୍ରସ୍ତାବ ଶୁଣିବା ପରେ ମୁନିମାନଙ୍କୁ ଡକାଇ ବିବାହର ଶୁଭଦିନ, ନକ୍ଷତ୍ର, ଲଗ୍ନ, ମୁହୂର୍ତ ସ୍ଥିର କରାଗଲା । ଜ୍ୟେଷ୍ଠମାସ ଶୁକ୍ଳ ପଞ୍ଚମୀ ତିଥିରେ ବିବାହ ସମ୍ପନ୍ନ ହୋଇ ଷଷ୍ଠୀତିଥିରେ ଶିବ ପାର୍ବତୀଙ୍କ ସହ କୈଳାସ ପ୍ରତ୍ୟାବର୍ତନ କଲେ । ଏହି ସ୍ମୃତିକୁ ଉଜ୍ଜୀବିତ କରିବାପାଇଁ ପ୍ରତିବର୍ଷ ହିନ୍ଦୁମାନେ ପାଳନ କରିଥାନ୍ତି ଶିବବିବାହ ଓ ଶୀତଳଷଷ୍ଠୀ । ଶିବ ପାର୍ବତୀଙ୍କ ବିବାହ ଫଳରେ କୁମାର ଜନ୍ମ ହେଲେ । କୁମାର ତାରକାସୁରକୁ ବଧକରି ଅଶାନ୍ତ ପୃଥିବୀକୁ ଶାନ୍ତ କରିଥିଲେ ।

ଆମ ସମାଜରେ ବିବାହ ପରି ଶିବ ପାର୍ବତୀଙ୍କ ବିବାହରେ ମଧ୍ୟ ଗୁଆ ଚଳନ, ନିମନ୍ତ୍ରଣ, ପତ୍ରପ୍ରେରଣ ଆଦି କାର୍ଯ୍ୟ ବିଧିବିଧାନ ଅନୁସାରେ ସମ୍ପାଦିତ ହୋଇଥାଏ । ସମ୍ବଲପୁରରେ ମହା ଆଡମ୍ବରରେ ପାଳନ ହୋଇଥାଏ ଶିବ ବିବାହ । ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ମାସାଧିକ କାଳ ଏହି ଯାତ୍ରା ପାଇଁ ଆୟୋଜନ କରାଯାଏ । ଏହି ଯାତ୍ରାର ମୁଖ୍ୟ ନୀତି ଗୁଡିକ ହେଲା ‘ଥାଳଉଠା’ ଅର୍ଥାତ୍ ଶୀତଳଷଷ୍ଠୀ ଯାତ୍ରାର ପ୍ରସ୍ତୁତି ପର୍ବ ଆରମ୍ଭ ହୁଏ ବୈଶାଖ ଶୁକ୍ଳ ତୃତୀୟା ଅର୍ଥାତ ଅକ୍ଷୟ ତୃତୀୟା ଦିନଠାରୁ । ଏହି ନୀତିକୁ ଥାଳଉଠା କୁହାଯାଏ । ଏହି ଦିନରୁ ଆୟୋଜନକାରୀ ମାନେ ଚାନ୍ଦା ଆଦାୟ ଓ ମହାଦେବଙ୍କ ଶ୍ୱଶୁର ଘର ଖୋଜା ଆରମ୍ଭ ହୁଏ । ଶାଶୁ ଶ୍ୱଶୁର ଠିକଣା ହେବାପରେ କନ୍ୟାପିତାଭାବରେ ସେ ପାର୍ବତୀଙ୍କ ବିବାହ ପାଇଁ ସମସ୍ତ ଆୟେଜନ କରନ୍ତି ଏବଂ ପୂର୍ବବର୍ଷ ଯିଏ ମାତାପିତା ହୋଇଥିଲେ ତାଙ୍କ ଘରକୁ ପଡ଼ାର କେତେଜଣ ମୁଖିଆ ଯାଇ ସମ୍ବନ୍ଧ ତୁଟାନ୍ତି । ଅର୍ଥାତ ପୂର୍ବ ବର୍ଷର ଶାଶୁ ଶ୍ୱଶୁରଙ୍କ ସହିତ ସଂପର୍କ ଛିଡାଇ ନୂତନ ଶାଶୁ ଶ୍ୱଶୁରଙ୍କ ସହିତ ସମ୍ବନ୍ଧ ସ୍ଥାପନ କରନ୍ତି । ତୃତୀୟ ନୀତି ହେଉଛି ‘ପତରପେଡି’ ଯାହାକି ଦ୍ୱିତୀୟା ତିଥିରେ କରାଯାଏ । ଶିବ ପାର୍ବତୀ ବିବାହର ସ୍ୱୀକୃତି ସ୍ୱରୂପ ବରପିତା କନ୍ୟାପିତାଙ୍କୁ ସରଗି ବା ଶାଳପତ୍ର ଗୋଟିଏ ପେଡି ପ୍ରଦାନ କରିଥାନ୍ତି । ଅର୍ଥାତ ନିର୍ବନ୍ଧ ସାମଗ୍ରୀ କନ୍ୟାପିତାଙ୍କୁ ଦେଇ ବିବାହ ଲଗ୍ନ ସମ୍ପର୍କରେ ଆଲୋଚନା କରାଯାଏ । ବିବାହ ଲଗ୍ନ ସ୍ଥିର ପରେ ନନ୍ଦପଡା ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପକ୍ଷରୁ ଶ୍ରୀ ନୃସିଂହ ମହାପ୍ରଭୁ ଜ୍ୟେଷ୍ଠ ଦ୍ୱତୀୟା ତିଥିରେ ଝାଡୁଆପଡ଼ାର ଶ୍ରୀ ଲୋକନାଥ ଦେବ ଓ ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା ପକ୍ଷରୁ ହନୁମାନ ଜ୍ୟେଷ୍ଠ ଚତୁର୍ଥୀ ତିଥିରେ ସମଲେଶ୍ୱରୀ ,ପାଟଣେଶ୍ୱରୀ ସମେତ ସମସ୍ତ ଦେବଦେବୀଙ୍କୁ ବରପକ୍ଷରୁ ଗୁଆ, ହଳଦୀ, ଲୁଗା ମିଷ୍ଟାନ୍ନ ପ୍ରଦାନ କରି ଶିବ ପାର୍ବତୀଙ୍କ ବିବାହରେ ଯୋଗ ଦେବାପାଇଁ ଆମନ୍ତ୍ରଣ କରିଥାନ୍ତି । ଏହି ନୀତିକୁ ‘ଗୁଆଗୁଁଡ଼ା’ କହିଥାଆନ୍ତି । ନନ୍ଦପଡ଼ାରେ ଶ୍ରୀ ନୃସିଂହ ନିଉତା କୁହାଯାଏ । ହନୁମାନ ଓ ଶ୍ରୀ ନୃସିଂହ ମହାପ୍ରଭୁଙ୍କ ଏହି ନିଉତାଯାତ୍ରା ଜ୍ୟେଷ୍ଠ ଦ୍ୱତୀୟା ଓ ଚତୁର୍ଥୀ ଦୁଇଦିନ ସମ୍ବଲପୁର ସହରକୁ ଉତ୍ସବ ମୁଖରିତ କରି ରଖେ ।

ପ୍ରତିବର୍ଷ ସହର ବା ପଡ଼ା ବା ସାହିର ଦୁଇଜଣ ବ୍ରାହ୍ମଣ କନ୍ୟାପିତା ଓ ବରପିତା ହୋଇଥାନ୍ତି । ବିବାହ ପରିଚାଳନା ପାଇଁ ଦୁଇଜଣ ବ୍ରାହ୍ମଣ ପୌରହିତ୍ୟ କରିଥାନ୍ତି । କନ୍ୟାପିତା ପାର୍ବତୀଙ୍କୁ ନିଜର କନ୍ୟା ମନେକରି କନ୍ୟାଦାନ ଓ ବିଦାୟ ଆଦି ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି । ପ୍ରଥମେ ତାଳପତ୍ରରେ ଲେଖା ପ୍ରସ୍ତାବ କନ୍ୟାପିତା ତରଫରୁ ବରପିତାଙ୍କ ଘରକୁ ସେବକ ମାଧ୍ୟମରେ ପଠାଯାଏ । ମହାପ୍ରସାଦ, ନଡିଆ ଗୁଆ ଓ ଖଣ୍ଡେ ନୂଆଲୁଗା ଯାହା ବିବାହରେ ପ୍ରଚଳିତ ପ୍ରଥା ତାହା ବାଦ୍ୟକାର ଓ ମହୁରୀବାଲା ସହିତ ଶୋଭାଯାତ୍ରାରେ ଯାଆନ୍ତି । ଏହିସବୁ କାର୍ଯ୍ୟ ଯେଉଁସାହିରେ ସମ୍ପାଦିତ ହୋଇଥାଏ ସେହି ସାହିକୁ ‘ହିମାଦ୍ରି ନଗର’ ବୋଲି କୁହାଯାଏ । ପାର୍ବତୀଙ୍କୁ ମନ୍ଦିରରୁ ଅଣାଯାଇ କନ୍ୟାପିତା ଘରେ ରଖାଯାଏ । ପାତ୍ରୀ ମନୋନୟନ ପାଇଁ ଗୋଟିଏ ଶୋଭାଯାତ୍ରା ହିମାଦ୍ରୀ ନଗରରେ ପହଁଞ୍ଚନ୍ତି । ବରପିତା ଦ୍ୱାରା କନ୍ୟା ମନୋନୟନ କାର୍ଯ୍ୟ ଶାଳପତ୍ର ପେଣ୍ଡା ଦେଇ କରାଯାଉଥିବାରୁ ଏହାକୁ ‘ପତରପେଣ୍ଡି’ ବୋଲି କହିଥାନ୍ତି । ପାତ୍ରୀ ମନୋନୟନର ତୃତୀୟ ଦିନରେ ବରପକ୍ଷରୁ ନିମନ୍ତ୍ରଣ ବଣ୍ଟାଯାଏ । ସ୍ଥାନୀୟ ଦେବତାମାନେ ଓ ଜନସାଧାରଣ ନିମନ୍ତ୍ରିତ ହୋଇ ଆସିଥାନ୍ତି । ଚତୁର୍ଥଦିନ ଶିବ ପାର୍ବତୀଙ୍କ ପୂର୍ବବର୍ଷରୁ ଥିବା ବୈବାହିକ ଗଣ୍ଠି ଫିଟାଯାଏ ଯାହାକୁ କୁହାଯାଏ ଗଇଁଣ୍ଠାଳ ଫିଟା । ସେହି ଦିନ ସନ୍ଧ୍ୟାରେ ଦେବୀଙ୍କୁ ନାନା ଅଳଙ୍କାରରେ ଭୂଷିତ କରାଯାଏ ଏବଂ ବିରାଟ ଶୋଭାଯାତ୍ରାରେ ମହାଦେବ ଦୋଳନରେ ବସି ସହର ପରିକ୍ରମା କରି ହିମାଦ୍ରୀ ନଗର ଠାରେ ଶ୍ୱଶୁରାଳୟରେ ପହଞ୍ଚନ୍ତି । ଶିବ ପାର୍ବତୀ ବିବାହ କାର୍ଯ୍ୟ ଶୁକ୍ଳ ପଞ୍ଚମୀରେ ଅନୁଷ୍ଠିତ ହୁଏ । ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କର ସମାଗମରେ ଭୋଜି ଭାତର ଆୟୋଜନ ଉଭୟ ପକ୍ଷରୁ କରାଯାଇଥାଏ । ଯେଉଁଥିରେ ସେବାୟତମାନେ ଉଭୟ ପକ୍ଷରୁ ଯୋଗଦାନ କରିଥାନ୍ତି । ବିବାହର ପରଦିନ ଅର୍ଥାତ୍ ଷଷ୍ଠୀଦିନ ସନ୍ଧ୍ୟାରେ ଦେବୀଙ୍କର ବିଦାୟ ପର୍ବ ମହାସମାରୋହରେ ଅନୁଷ୍ଠିତ ହୁଏ ।

ଜୟଶ୍ରୀ ପଟ୍ଟନାୟକ
ମୋ:୭୯୭୮୧୧୦୪୭୪



# ଧର୍ମୀୟ ଭାବନାରେ ଅଁଳା

ଶରୀରର ରୋଗପ୍ରତିରୋଧକ ଶକ୍ତି ବଢାଇବାରେ ଅଁଳା ବେଶ୍ ସହାୟକ ହୋଇଥାଏ । ତେବେ ଅଁଳା ଔଷଧୀୟ ଗୁଣ ବ୍ୟତିତ ଧର୍ମୀୟ ଗୁଣ ମଧ ଅନେକ ରହିଛି । ଏହାକୁ ପୂଜା ମଧ କରାଯାଏ । ବର୍ଷରେ ଦୁଇଥର ଅଁଳା ଗଛକୁ ପୂରା ବିଧି ବିଧାନରେ ପୂଜା କରାଯାଇଥାଏ । ଗୋଟିଏ ଥର ଫାଲଗୁନି ଶୁକ୍ଳ ପକ୍ଷର ଏକାଦଶୀ ଓ ଦ୍ୱିତୀୟଟି କାର୍ତ୍ତିକ ମାସ ଶୁକ୍ଳ ପକ୍ଷର ନବମୀ ଦିନ । ଯାହା ଅଁଳା ନବମୀ ଭାବେ ପରିଚିତ । ତେବେ ଅଁଳା ଗଛର ସୃଷ୍ଟି ପଛରେ ଏକ ପୌରାଣିକ କାହାଣୀ ମଧ ରହିଛି । ଅଁଳା ଗଛକୁ ଧର୍ମର ଆଧାର ଭାବେ ବିବେଚନା କରାଯାଇଥାଏ । ଏହି ବୃକ୍ଷ ଭଗବାନ ବିଷ୍ଣୁଙ୍କର ଅତି ପ୍ରିୟ । ସଂସାରର ସୃଷ୍ଟି ସମୟରେ ସର୍ବପ୍ରଥମେ ଅଁଳା ଗଛର ସୃଷ୍ଟି ହୋଇଥିଲା, ତେଣୁ ଏହାକୁ ଆଦି ବୃକ୍ଷର ଆଖ୍ୟା ଦିଆଯାଇଛି । ଏକ ପୌରାଣିକ ବ୍ୟାକ୍ଷାନ ଅନୁସାରେ ସାଗର ମନ୍ଥନ ବେଳେ ବାହାରିଥିବା ଅମୃତର ବୁନ୍ଦା ଯେଉଁ ସ୍ଥାନରେ ପଡିଥିଲା ସେଥିରୁ ଅଁଳା ଗଛର ସୃଷ୍ଟି ହୋଇଛି । ଅଁଳା ସହ ଅନ୍ୟ ଔଷଧୀୟ ବୃକ୍ଷ ମଧ ସେଥିରୁ ଉତ୍ପନ୍ନ ହୋଇଛି । ସେହିଭଳି ଅନ୍ୟ ଏକ ବ୍ୟାକ୍ଷା ଅନୁସାରେ ଭଗବାନ ଶିବଙ୍କ ଭଳି ବ୍ରହ୍ମାଙ୍କ ଲୁହରୁ ଅଁଳା ବୃକ୍ଷର ସୃଷ୍ଟି ହୋଇଛି । ବିଷ୍ଣୁଙ୍କର କଠୋର ଆରାଧନା ପରେ ବିଷ୍ଣୁ ବ୍ରହ୍ମାଙ୍କୁ ଦର୍ଶନ ଦେଇଥିଲେ, ବିଷ୍ଣୁଙ୍କୁ ଦେଖି ବ୍ରହ୍ମାଙ୍କ ଆଖିରୁ ବାହାରିଥିବା ଲୁହରୁ ଅଁଳା ବୃକ୍ଷର ଉତ୍ପତି ହୋଇଥିଲା । ସେହିଭଳି ଆଚାର୍ଯ୍ୟ ଚରକଙ୍କ ମତରେ ଆର୍ୟୁବେଦରେ ଅଁଳାକୁ ଅମୃତ ଭାବେ ବିବେଚନା କରାଯାଇଛି । ଔଷଧୀୟ ଗୁଣରେ ଭରପୁର ଅଁଳା ରୋଗପ୍ରତିରୋଧକ ଶକ୍ତି, ପାଚନ କ୍ରିୟା ସହ ତ୍ୱଚାର ବିଭିନ୍ନ ସମସ୍ୟାକୁ ସମାଧାନ କରିଥାଏ ।

## ଇତିହାସ

୧୫୭୭– ମୋଗଲ ସମ୍ରାଟ ଜାହାଙ୍ଗିରଙ୍କ ପତ୍ନୀ ନୁର୍‌ଜାହାଁଙ୍କ ଜନ୍ମ ହୋଇଥିଲା ।

୧୭୨୭– ଫ୍ରାନ୍ସ, ବ୍ରିଟେନ୍ ଏବଂ ନେଦରଲାଣ୍ଡ ପ୍ୟାରିସ୍ ଚୁକ୍ତିନାମାରେ ହସ୍ତାକ୍ଷର କରିଥିଲେ ।

୧୭୭୪– ଭାରତରେ ପ୍ରଥମ ଡାକସେବା କାର୍ଯ୍ୟାଳୟ ଖୋଲାଯାଇଥିଲା ।

୧୮୬୭– ବମ୍ବେରେ ପ୍ରାର୍ଥନା ସମାଜର ସ୍ଥାପନା ହୋଇଥିଲା ।

୧୯୫୯– ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କୁ ତିବ୍ବତରୁ ନିର୍ବାସନ ପରେ ଭାରତରେ ଶରଣ ଦିଆଯାଇଥିଲା ।

୧୯୮୮– ଭାରତର ପ୍ରସିଦ୍ଧ ରାଜନେତା, ସ୍ୱତନ୍ତ୍ରତା ସେନାନି, ପତ୍ରକାର, ସାହିତ୍ୟକାର ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଦ୍ୱାରକା ପ୍ରସାଦ ମିଶ୍ରଙ୍କ ପରଲୋକ ଘଟିଥିଲା ।

୨୦୦୬– ଆମେରିକା ବାୟୁସେନାର ପୂର୍ବତନ ଜେନେରାଲ ମିଶେଲ୍ ହେଡେନ୍‌ଙ୍କୁ ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସିର ନିର୍ଦ୍ଦେଶକ ରୂପେ ନିଯୁକ୍ତି ଦିଆଯାଇଥିଲା ।

୨୦୧୦– ଭାରତରେ ମାନ୍ୟତାପ୍ରାପ୍ତ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ଗରିବ ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସିଟ୍ ସଂରକ୍ଷିତ କରିବାର ଆଇନ ପ୍ରଣୟନ କରାଯାଇଥିଲା ।

୨୦୨୨– ବଲିଉଡ଼ର ପ୍ରସିଦ୍ଧ ଗାୟକ କେକେଙ୍କ ନିଧନ ହୋଇଥିଲା ।



# ନାରକେଲ୍ ନାଡୁ

**ସାମଗ୍ରୀ–** ନଡିଆ କୋରା, ଖୀର, ଚିନି, କ୍ରିମ୍, ଗୁଜୁରାତି ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ କ୍ଷୀରକୁ ଫୁଟାଇ ଏଥିରେ କୋରା ନଡିଆ ପକାଇ ସିଝାନ୍ତୁ । ଖୀର ଫୁଟିଫୁଟି ମରିବା ପର୍ଯ୍ୟନ୍ତ ସିଝାନ୍ତୁ । ଏହପରେ ଆଉ ଏକ ପାତ୍ରରେ କିଛି କ୍ରିମ୍ ନେଇ ଫୁଟାନ୍ତୁ । ଏହି କ୍ରିମ୍‌ରେ ଚିନି ଓ ପାଣି ମିଶାଇ ଗୋଳାନ୍ତୁ । ଏହାକୁ ଏକ ସିରପ ଭଳି କରନ୍ତୁ । ଏହାପରେ ଏଥିରେ ଖୀର ଓ ନଡିଆର ମିଶ୍ରଣକୁ ମିଶାଇ ଗୋଳାନ୍ତୁ । ଏହି ମିଶ୍ରଣକୁ ଥଣ୍ଡା କରନ୍ତୁ । ଥଣ୍ଡା ହେବାପରେ ଏଥିରୁ ଗୋଲଗୋଲ କରି ଲଡୁ ଗଢିନିଅନ୍ତୁ । ଏହାପରେ ଏଥିରେ ଗୁଜୁରାତି ଗୁଣ୍ଡ ଚିଞ୍ଚି ପ୍ରସ୍ତୁତ କରନ୍ତୁ ନାରକେଲ୍ ନାଡୁ ।



# ଇତିହାସ ରଚିବେ ଅରିଜିତ୍

ଭାରତର ପରିଚିତ ଗାୟକ ଅରିଜିତ୍ ସିଂ ଖୁବ ଜଲଦି ଏକ ଇତିହାସ ରଚିବାକୁ ଯାଉଛନ୍ତି । ୟୁକେର ଟୋଟେନ୍‌ହମ୍ ଷ୍ଟାଡିଅମରେ ଫରଫର୍ମ କରିବାରେ ସେ ହେବେ ପ୍ରଥମ ଭାରତୀୟ ସିଙ୍ଗର । ତାଙ୍କର ଏହି ଲାଇଭ୍ ଶୋ ଚଳିତ ବର୍ଷ ସେପ୍ଟେମ୍ବର ୫ରେ ଆୟୋଜନ କରାଯିବ । ଏହି ଖବର ଜଣା ପଡିବା ପରେ ତାଙ୍କ ଫ୍ୟାନମାନେ ଖୁବ ଉତ୍ସାହିତ ହେବା ସହିତ ଅରିଜିତଙ୍କୁ ଶୁଭେଚ୍ଛା ଜଣାଇବାରେ ଲାଗିଛନ୍ତି । ସେହିଭଳି ଅରିଜିତ୍ ଏହି ସଫଳତାର ଶ୍ରେୟ ତାଙ୍କ ପରିବାର ସହିତ ତାଙ୍କ ଶ୍ରୋତାଙ୍କୁ ଦେଇଛନ୍ତି । ଯେଉଁମାନଙ୍କ ପାଇଁ ସେ ଆଜି ଏତ ସଫଳ ହୋଇଛନ୍ତି । ସେହିଭଳି ଭାରତର ନାଁକୁ ଏଭଳି ଅନ୍ତର୍ଜାତିୟ ସ୍ତରରେ ପହଞ୍ଚାଇ ପାରୁଥିବାରୁ ସେ ଖୁବ ଖୁସି ସହିତ ଉତ୍ସାହିତ ଥିବା ଗଣମାଧ୍ୟମରେ ପ୍ରକାଶ କରିଛନ୍ତି । ସେହିଭଳି ଲଣ୍ଡନରେ ଥିବା ତାଙ୍କ ଫ୍ୟାନ ଏହି ଶୋକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଥିବା ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି । ଅରିଜିତ୍‌ଙ୍କର ଏହି ସଫଳତାରେ ବଲିଉଡର ଅନ୍ୟ କଳାକାରମାନେ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି । ସମସ୍ତେ ଅରଜିତ୍‌ଙ୍କର ଏହି ସଫଳତା ପାଇଁ ବେଶ୍ ଖୁସି ଥିବା ଜଣା ପଡିଛି ।

## ସୋସିଆଲ କୋଟ୍ସ



“ମୁନ୍ନା ଭାଇ ଏମ୍‌ବିବିଏସ୍‌ର ସରକିଟ୍ ଚରିତ୍ର ମୋ ପାଇଁ ଏକ ରିସ୍କ ଥିଲା । ହେଲେ ମୋର ସୌଭାଗ୍ୟଥିଲା କି ମୋ କୋ ଆକ୍ଟର ଭାବେ ସଞ୍ଜୟ ଦତ୍ତ ଏବଂ ନିର୍ଦ୍ଦେଶକ ଭାବେ ରାଜକୁମାର ହିରାନୀ ଥିଲେ ।

**ଅର୍ଶଦ ବର୍ସୀ, ଅଭିନେତା**



“ମୁଁ ଏବେ ବି ମୋର ବଲିଉଡ୍‌ରେ ଯୋଗଦେବା ନିଷ୍ପତ୍ତିକୁ ନେଇ ଗର୍ବ ଅନୁଭବ କରିଥାଏ । ମୋତେ ସେତେବେଳେ ମାତ୍ର ୧୮ ବର୍ଷ ହୋଇଥିଲା, ଯେତେବେଳେ ମୁଁ ଘର ଛାଡି ମୁମ୍ବାଇ ଆସିବାକୁ ନିଷ୍ପତ୍ତି ନେଇଥିଲି ।


**ଦୀପିକା ପାଦୁକୋନ୍, ଅଭିନେତ୍ରୀ**



“କୁ ଫିଲ୍ମ ଦେଖି ଖୁବ ଖୁସି ଲାଗିଥିଲା । ଏଥିରେ ଅଭିନୟ କରିଥିବା ସୁପର ଟାଲେଣ୍ଟେଡ୍ ଟ୍ରାଓଙ୍କ ଅଭିନୟ ଖୁବ ଭଲ ହୋଇଛି । ମୁଁ ଖୁବ ଏଞ୍ଜୟ କରିଛି ଫିଲ୍ମକୁ ।

**ପ୍ରିତି ଜିଣ୍ଟା, ଅଭିନେତ୍ରୀ**

Government of Madhya Pradesh




On the occasion of
300th birth anniversary year of

# Lokmata Devi Ahilyabai Holkar
# Mahila Sashaktikaran Mahasammelan

and

## 'Rashtriya Devi Ahilya Samman' Alankaran



## Release of a commemorative stamp and coin dedicated to Lokmata Devi Ahilyabai Holkar



**Dr. Mohan Yadav,** Chief Minister



**Narendra Modi,** Prime Minister

## Inauguration of Datia and Satna Airports
and
## Indore Metro
(Gandhi Nagar Metro Station to Super Corridor Station 03)

## Foundation stone laying of 29 km-long Kshipra Ghat development project & 21 barrages on the Kshipra–Kanh rivers

## Release of the first instalment of 1,271 new Atal Gram Seva Sadan (Panchayat Bhawans) worth ₹ 483 crore

— By Prime Minister —

# Narendra Modi
(Through Video Conference)

— Esteemed Presence —

**Mangubhai Patel**
Governor, Madhya Pradesh

**Dr. Mohan Yadav**
Chief Minister, Madhya Pradesh

**31st May, 2025 | 11:00 AM | Jamburi Maidan, Bhopal**

### Madhya Pradesh : Championing Women's Empowerment
- Devi Ahilya Naari Sashaktikaran Mission for holistic socio-economic empowerment of women launched in the State
- Reservation for women in government services increased to 35%
- 62 lakh rural women became self-reliant through 5 lakh self-help groups
- 89 lakh women got rid of smoke-filled kitchens through the Pradhan Mantri Ujjwala Yojana

### Enhancing Air Connectivity Across the State
- Completion of Datia Airport (124 acres; ₹ 60 crore) and Satna Airport (₹ 37 crore) with enhanced religious tourism and industrial outreach via air routes
- Direct flights to Maa Pitambara Peeth, Maa Sharda and Chitrakoot Dham will be available
- Connectivity to destinations within and beyond Madhya Pradesh will be improved

### A New Era of Urban Mobility for Indore
- Inauguration of the Yellow Line Metro, a 6 km stretch at the cost of ₹ 1520 crore will provide seamless, eco-friendly means of transport accommodating over 900 passengers per train
- Smart features like lifts, escalators, AI-based train tracking and QR-based ticketing will make commuting comfortable

### Elevating Spiritual and Tourism Experience
- Development & Beautification of Kshipra Ghats in view of Simhastha 2028 will ensure Clean, serene environment for pilgrims and tourists
- 21 barrages on Kshipra–Kanh rivers will enhance water conservation and help water management

### Strengthening Rural Governance
- Construction of 1271 new Atal Gram Seva Sadans across the state will provide permanent infrastructure for Gram Panchayats to support governance, meetings, and record management

D11032/25

LIVE STREAMING | DD News | Webcast.gov.in/mp/cmevents | @Cmmadhyapradesh @jansampark.madhyapradesh | @Cmmadhyapradesh @jansamparkMP | JansamparkMP | #AhilyaBaiHolkarAt300

Designed by M.P. Madhyam/2025

Released by the Department of Public Relations, M.P.

## ବିଳମ୍ବରେ ଆସିବାରୁ ସିଡିଏ କର୍ମଚାରୀଙ୍କ ଦରମା ବନ୍ଦ

# ବାରମ୍ବାର ଅଭିଯୋଗ ପରେ ଆକ୍ସନ ନେଲେ ସଚିବ

କଟକ(ସବ୍ୟୁ): କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) କର୍ମଚାରୀ ବିଳମ୍ବରେ ଆସିବା ମହଙ୍ଗା ପଡ଼ିଛି । ସେମାନଙ୍କ ଦରମା ବନ୍ଦ କରିଦିଆଯାଇଛି । ଏହା ସହିତ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ସିଡିଏ ସଚିବ । ଏଭଳି କଡ଼ା କାର୍ଯ୍ୟାନୁଷ୍ଠାନ ଯୋଗୁ ସହରବାସୀ ସଚିବଙ୍କୁ ପ୍ରଶଂସା କରିଛନ୍ତି ।

ସମୟ ସାଢ଼େ ୧୦ଟା ସିଡିଏ ସଚିବ ଡଃ. ଶ୍ୱେତ କୁମାର ଦାସ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସିଡିଏ କାର୍ଯ୍ୟାଳୟରେ ଅଧିକାଂଶ କର୍ମଚାରୀ ଆସିନଥିବା ଜାଣିବାକୁ ପାଇଥିଲେ । ସଙ୍ଗେ ସଙ୍ଗେ ଅଟେଣ୍ଡାନ୍ସ ରିଜିଷ୍ଟର ମଗାଇଥିଲେ ସଚିବ । ତେବେ ଗୋଟିଏ ପରେ ଗୋଟିଏ ରେଜିଷ୍ଟର ଯାଞ୍ଚ କରିଥିଲେ । ସେତେବେଳକୁ ସାଢ଼େ ୧୧ଟା ସମୟ ହେବ । ତଥାପି ବହୁ କର୍ମଚାରୀ ସିଡିଏ ଅଫିସ ଆସିନଥିଲେ । ବିଭିନ୍ନ ବିଭାଗର ୧୫ଜଣରୁ ଊର୍ଦ୍ଧ୍ୱ କର୍ମଚାରୀ ଆସିନଥିବା ଜାଣିବାକୁ ପାଇଥିଲେ ।




ବିଳମ୍ବରେ ଆସିଥିବା କର୍ମଚାରୀଙ୍କ ଶୁକ୍ରବାର ଅର୍ଥାତ ଦିନକର ଦରମା ବନ୍ଦ କରିଥିଲେ । ଏହାସହ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ ସିଡିଏ ସଚିବ ।

ସିଡିଏରେ ସେ ଦେଢ଼ ମାସ ହେବ ସଚିବ ଦାୟିତ୍ୱ ଗ୍ରହଣ କରିଛନ୍ତି । ତେବେ ପ୍ରତ୍ୟେକ ଦିନ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ସହରବାସୀ ବାରମ୍ବାର ଅଭିଯୋଗ କରିଥିଲେ । ଏଠାରେ ପ୍ଲାନିଂ ବିଭାଗ, ଏଷ୍ଟାବ୍ଲିସମେଣ୍ଟ ବିଭାଗ, ଆଲଟମେଣ୍ଟ ବିଭାଗ, ଏନଫୋର୍ସମେଣ୍ଟ ବିଭାଗ, ଲିଗାଲ ସେଲ ବିଭାଗ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ରହିଛି । ସହରବାସୀ ସିଡିଏ ଅଫିସ ଆସି କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁ ହଇରାଣ ବି ହେଉଛନ୍ତି । କେବଳ ସେତିକି ନୁହେଁ କିଛି ଅସାଧୁ କର୍ମଚାରୀ ବିଭିନ୍ନ କାର୍ଯ୍ୟ ପାଇଁ ମୋଟା ଅଙ୍କର ଟଙ୍କା ମାଗୁଥିବା ବି ଅଭିଯୋଗ ହେଉଛି । ଏସବୁ ଘଟଣାର ତଦନ୍ତ କରି ଲାଞ୍ଚୁଆ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

**୧୫ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ**

### ଉଚ୍ଚମାନର ତାଲିମ ପାଇଁ ସିଆଇଏସ୍ଏଫ୍‌କୁ ମିଳିଲା ତିନି ତାରକା ଗ୍ରେଡିଂ ମାନ୍ୟତା

କଟକ,(ସବ୍ୟୁ): ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଅଧୀନରେ ମୁଣ୍ଡଳି ଠାରେ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ(ସିଆଇଏସଏଫ୍ )ଖାରବେଳ ଆଞ୍ଚଳିକ ତାଲିମ କେନ୍ଦ୍ରକୁ ସମ୍ମାନଜନକ ତିନି ତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି । ଏଥିପାଇଁ ଭାରତ ବର୍ଷରେ ଥିବା ସମସ୍ତ ତାଲିମ କେନ୍ଦ୍ରକୁ କେନ୍ଦ୍ର ସରକାରଙ୍କର ଏକ ପ୍ରତିନିଧି ଦଳ ଯାଇ ଅନୁଧ୍ୟାନ କରିଥିଲେ । ଏହି ଅନୁଧ୍ୟାନ ସମୟ ରେ ଆସିଥିବା ମୂଲ୍ୟାଙ୍କନ ନିମନ୍ତେ ତାଲିମ କେନ୍ଦ୍ରରେ ସିଭିଲ୍ ସର୍ଭିସ୍ ଟ୍ରେନିଂ ଇନଷ୍ଟିଚ୍ୟୁସନ୍ସ ପାଇଁ ଜାତୀୟ ମାନଦଣ୍ଡ ପରିଚାଳନା, ପ୍ରଶିକ୍ଷଣ, ତାଲିମ ଦାତାଙ୍କ କ୍ଷମତା, ପରିବେଶ, ପାଠ୍ୟକ୍ରମ ଡିଜାଇନ୍ ଆଦି ୮ଟି ସ୍ତମ୍ଭ ପ୍ରତି ଗୁରୁତ୍ୱ ଦେଇଥିଲେ । ସିଆଇଏସଏଫ୍ ରେ ଉଚ୍ଚମାନର ଶିକ୍ଷା ଏବଂ ତାଲିମ କାର୍ଯ୍ୟକ୍ରମ ପ୍ରଦାନ ପ୍ରତି ପ୍ରତିବଦ୍ଧତାକୁ ସୂଚିତ କରୁଥିବାରୁ ଆସିଥିବା ଦଳ ମୂଲ୍ୟାଙ୍କନ ପରେ ସିଆଇଏସଏଫ୍ କୁ ତିନି ତାରକା ଓ ଉତ୍କୃଷ୍ଟ ମାନ୍ୟତା ମିଳିଛି । କ୍ଷମତା ନିର୍ମାଣ ଆୟୋଗ (ସିବିସି) ଦ୍ୱାରା ସମ୍ମାନଜନକ ଉତ୍କୃଷ୍ଟ ବା ବହୁତ ଭଲ ସ୍ତରର ମାନ୍ୟତା ସହ ୩ ତାରକା ଗ୍ରେଡିଂର ମାନ୍ୟତା ଦିଆଯାଇଛି ।



ବିଧାନସଭା ପରିସରରେ ଦିବଂଗତ ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ବାଚସ୍ପତି ସୁରମା ପାଢ଼ୀ

# ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀର ତିନି ଥରର ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ପରଲୋକ ଘଟିଛି । ସେ ଗତ କିଛିଦିନ ଧରି ଅସୁସ୍ଥ ଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ସେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ। ଗୁରୁବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ମରଶରୀର କାମାକ୍ଷାନଗରରେ ପହଞ୍ଚିବା ପରେ ପ୍ରବଳ ବର୍ଷା ସତ୍ତ୍ୱେ ଶତାଧିକ କାମାକ୍ଷାନଗର ବାସିନ୍ଦା ନିଜ ପ୍ରିୟ ନେତାଙ୍କୁ ଶେଷବିଦାୟ ଜଣାଇଥିଲେ । ସ୍ୱର୍ଗତଃ ପ୍ରସନ୍ନ କୁମାର ପଟ୍ଟନାୟକ ୧୯୭୭ ମସିହାରେ ଛାତ୍ର ରାଜନୀତିରୁ ରାଜନୀତିରେ ପ୍ରବେଶ କରି ମାତ୍ର ୨୮ ବର୍ଷ ବୟସରେ ଜନତାପାର୍ଟି ତରଫରୁ କାମାକ୍ଷାନଗର ପାଇଁ ପ୍ରତିନିଧିତ୍ୱ କରି ପ୍ରଥମଥର ପାଇଁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ପରେ ୧୯୮୫ ମସିହାରେ ବିଜେପି ତରଫରୁ ପ୍ରତିନିଧିତ୍ୱ କରି ରାଜ୍ୟର ପ୍ରଥମ ବିଜେପି ବିଧାୟକ ଭାବେ ବିଜୟୀ ହୋଇଥିଲେ । ୧୯୯୦ ରୁ ୯୫ ପର୍ଯ୍ୟନ୍ତ ସେ ଜନତା ଦଳ ତରଫରୁ ନିର୍ବାଚିତ ହୋଇ କାମାକ୍ଷାନଗର



ନିର୍ବାଚନମଣ୍ଡଳୀ ତରଫରୁ ତିନିଥର ବିଧାୟକ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ମୃତ୍ୟୁ ପରେ ପ୍ରସନ୍ନ ପଟ୍ଟନାୟକଙ୍କ ମରଶରୀର କାମାକ୍ଷାନଗରରେ ପହଞ୍ଚିବା ପରେ ସ୍ଥାନୀୟ ଜଗନ୍ନାଥ ବଜାର ଠାରେ ଥିବା ତାଙ୍କ ବାସଭବନ ନିକଟରେ ଦଳମତ ନିର୍ବିଶେଷରେ ଶତାଧିକ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଶେଷଦର୍ଶନ କରିଥିଲେ। କାମାକ୍ଷାନଗର ଓକିଲ ସଙ୍ଘ, ସାମ୍ବାଦିକ ସଙ୍ଘ, ବଣିକସଙ୍ଘ ଠାରୁ ଆରମ୍ଭ କରି ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତିବିଶେଷ ନିଜର ପ୍ରିୟ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ କାମାକ୍ଷାନଗରରେ ଶୋକର ଛାୟା ଖେଳିଯାଇଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

ଶ୍ରୀ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଓଡ଼ିଶା ରାଜନୀତିରେ ଜଣେ କର୍ମଯୋଗୀ ନେତା ଏବଂ ଓଡ଼ିଶାର ପ୍ରଥମ ବିଜେପି ବିଧାୟକ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ । ଶିକ୍ଷା, ସମାଜସେବା ଏବଂ ରାଜନୈତିକ କ୍ଷେତ୍ରରେ ତାଙ୍କର ଅବଦାନ ଏବଂ ଆମ ଦଳର ସଂଗଠନକୁ ଦୃଢ଼ କରିବାରେ ତାଙ୍କର ଅବଦାନ ସର୍ବଦା ସ୍ମରଣ ଯୋଗ୍ୟ ।

# ସ୍ତ୍ରୀ ହତ୍ୟାକାରୀ ସ୍ୱାମୀକୁ ଆଜୀବନ କାରାଦଣ୍ଡ

ଖୋର୍ଦ୍ଧା, (ସବ୍ୟୁ): ପତ୍ନୀ କୁ ଅତି ନିର୍ମମଭାବେ ତଂଟି ଚିପି ହତ୍ୟା କରିଥିବା ସ୍ୱାମୀ କୁ ଖୋର୍ଦ୍ଧା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ(ଏଡିଜେ-୧) ରଞ୍ଜୁଲତା ଲେଙ୍କା ଆଜୀବନ କାରାଦଣ୍ଡ ସମେତ ୧୦ହଜାର ଟଙ୍କା ଜରିମାନା ରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ ଅଧିକ ଛମାସ ଜେଲ ଦଣ୍ଡାଦେଶ ଭୋଗିବେ ।

ନୟାଗଡ଼ ଜିଲ୍ଲା ବାଣିଗୋଛା ଥାନା ଅନ୍ତର୍ଗତ ଭାଲିଆପଦର ଗ୍ରାମର ବିକାଶ ସାହୁଙ୍କ ଭଉଣୀ ରୁନୀତାଙ୍କ ର ବୌଦ୍ଧ ସିନ୍ଧୁରକୁମ୍ଭା ର ଦିପ୍ତିମାନ ସାହୁଙ୍କ ସହ ୨୦୧୦ରେ ବିବାହ ହୋଇଥିଲା । ଦିପ୍ତିମାନ ଖୋର୍ଦ୍ଧା ମଳିପଡ଼ା ଅଂଚଳରେ ପତ୍ନୀ କୁ ଧରି ୨୦୨୦ ମସିହାରେ ରହି ନିକଟ ଏକ କାରଖାନା ରେ କାମ କରୁଥିଲେ । ୨୦୨୦ ଜାନୁଆରୀ ୧୯ତାରିଖରେ ସ୍ତ୍ରୀ ରୁନିତାଙ୍କୁ ଦୀପ୍ତିମାନ ଅତିନିର୍ମମଭାବେ ତଂଟିଚିପି ହତ୍ୟା କରି ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡା କାଜୁବଗିଚା ନିକଟ ବଘେଇ ଠାକୁରାଣୀ ପାଖ ଜଙ୍ଗଲରେ ମୃତଦେହ କୁ ପକାଇଦେଇଥିଲା । ପରେ ପତ୍ରେ୍ୟକ ଦିନଭଳି କାରଖାନା ଯାଇଥିଲେ । ସେଠାରେ ସ୍ତ୍ରୀ ରୁନିତା କଥା ସହଯୋଗୀମାନେ ପଚାରିବାରୁ ନିଜ ଉପରୁ ଦୋଷ ଛଡାଇବାକୁ ଯାଇ ପୁରୀ ବୁଲିବାକୁ ଯାଇଥିବାବେଳେ ହଜିଯାଇଥିବା କହି କାରଖାନା ରୁ ତାଙ୍କ ଶଶୁର ଘରକୁ ପଳାଇଥିଲେ। ସ୍ତ୍ରୀଇଁ ଏକା ଆସିଥିବାବେଳେ ଝିଅ ନଆସିବା ଦେଖି ସେଠାରେ ଶାଶୁ ଓ ଶଳା ରୁନିତା ସମ୍ପର୍କରେ ପଚାରିବାରେ ସେଇ ସମାନ ଉତର ରଖିଥିଲେ । ସେମାନଙ୍କର ଦିପ୍ତିମାନ ଉପରେ ସନ୍ଦେହ ହେବାରୁ ସେମାନେ ବାଣିଗୋଛା ଥାନାକୁ ନେଇଥିଲେ । ଦିପ୍ତିମାନ କିପରି ସ୍ତ୍ରୀକୁ ହତ୍ୟା କରିଥିଲେ ତାହା ଥାନାରେ ସ୍ୱୀକାର କରିଥିଲେ । ପରେ ଘଟଣାସମ୍ପର୍କରେ ଜଙ୍କିଆ ଥାନା ରେ ମୃତାଙ୍କ ଭାଇ ବିକାଶ ସାହୁ ଅଭିଯୋଗ କରିଥିଲେ । ଜଙ୍କିଆ ପୋଲିସ ଅଭିଯୋଗକୁ ଭିତି କରି ଥାନାରେ ଏକ ହତ୍ୟା ମାମଲା(ନଂ ୨୪।୨୦)ରୁଜୁ କରି ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ଶୁକ୍ରବାର ଏହି ମାମଲାର ବିଚାର କରି ଏଡିଜେ ପ୍ରଥମ ୨୫ଜଣ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସୁକ୍ୟୁଟେର ରଜନୀ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।

## ସାମ୍ବାଦିକଙ୍କୁ ମାଡ ମାମଲା

# ଡିଜିପିଙ୍କୁ ରିପୋର୍ଟ ତଲବ କଲେ ମାନବାଧିକାର କମିଶନ

ଭୁବନେଶ୍ୱର, (ସବ୍ୟୁ) : ହାତଗୋଡ ବାନ୍ଧି କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ମାଡ ମାରିବା ଘଟଣାରେ ମାନବାଧିକାର କମିଶନ ନିଜ ଆଡୁ ମାମଲା ରୁଜୁ କରି ଡିଜିପି ୱାଇବି ଖୁରାନିଆଙ୍କୁ ରିପୋଟ୍ ତଲବ କରିଛନ୍ତି । ଦୁଇ ସପ୍ତାହ ମଧ୍ୟରେ ମାମଲାର ସବିଶେଷ ତଥ୍ୟ ଦେବାକୁ ନୋଟିସ୍‌ରେ ଉଲ୍ଲେଖ ହୋଇଛି ।

କାର୍ଯ୍ୟରତ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଦୁର୍ବୃତ୍ତମାନେ ହାତଗୋଡ ବାନ୍ଧି ସର୍ବସମ୍ମୁଖରେ ନିର୍ମମ ଭାବେ ମାଡ ମାରିଥିଲେ । ଏପରିକି ତାଙ୍କ ମୁହଁକୁ ଗୋଇଠା ମଧ୍ୟ ମାରିଥିଲେ । ଏହି ଘଟଣାର ଅଭିଯୋଗ ହେବା ପରେ ମୁଖ୍ୟ ଅଭିଯୁକ୍ତ ଠିକାଦାରଙ୍କ ସମେତ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି । ମାମଲାର ତଦନ୍ତ ଜାରି ରହିଥିବା ବେଳେ ଆଉ କେତେକ ଅଭିଯୁକ୍ତ ଗିରଫ ହୋଇପାରନ୍ତି । ମାନବାଧିକାର କମିଶନ ଏହି ସମ୍ବେଦନଶୀଳ ମାମଲାରେ ନିଜ ଆଡୁ ମାମଲା ରୁଜୁ କରି ଦୁଇ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଡିଜିପିଙ୍କୁ ନୋଟିସ୍ କରିବା ସାମ୍ବାଦିକଙ୍କ ମହଲରେ ଚର୍ଚ୍ଚା ହେଉଛି ।

## ଭିମ୍ସାର ପରିସରରେ 'ସୁପର ସ୍ପେସାଲିଟି ହସ୍ପିଟାଲ' ଉଦ୍‌ଘାଟିତ

# ଓଡ଼ିଶାର ଡାକ୍ତର ଓଡ଼ିଶାରେ ଚିକିତ୍ସା ସେବାରେ ରହିଲେ ହିଁ ରାଜ୍ୟ ୧ ନମ୍ବର ହେବ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଚାକିରି ପାଇଁ ବାହାରକୁ ନଯାଇ ଓଡ଼ିଶାରେ ଡାକ୍ତରୀ ସେବା କରିବା ଆବଶ୍ୟକ । ଡାକ୍ତରୀ ପିଲାମାନେ ଏହିଭଳି ମନ ବଳାଇଲେ ହିଁ ଆମ ରାଜ୍ୟ ଏକ ନମ୍ବର ହୋଇପାରିବ ବୋଲି ଗୁରୁବାର ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ(ଭିମସାର୍), ବୁର୍ଲା ପରିସରରେ ସୁପର ସ୍ପେସାଲିଟି ହସ୍ପିଟାଲକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ପ୍ରାୟ ୧୨୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ହସ୍ପିଟାଲରେ ୫୮ ଟି ଆଇସିୟୁ ଶଯ୍ୟା ସହିତ ମୋଟ୍ ୨୭୨ଟି ଶଯ୍ୟା ଅଛି । ଏହି ସୁପର୍ ସ୍ପେସାଲିଟି ହସ୍ପିଟାଲରେ ନଅଟି ସୁପର୍ ସ୍ପେସାଲିଟି ବିଭାଗ ରହିବ । ଲୋକାର୍ପିତ ସୁପର ସ୍ପେସାଲିଟି ହସ୍ପିଟାଲ ଦ୍ୱାରା ସମ୍ବଲପୁର ସମେତ ୧୩ଟି ଜିଲ୍ଲାର ଜନସାଧାରଣ ଏବଂ ଛତିଶଗଡ଼, ଝାଡ଼ଖଣ୍ଡ ରାଜ୍ୟର ସଂଲଗ୍ନ ଅଞ୍ଚଳ ଗୁଡିକରେ ରହୁଥିବା ଲୋକମାନେ ଏହି ପ୍ରକଳ୍ପ ଦ୍ୱାରା ଅତ୍ୟନ୍ତ ଲାଭବାନ ହେବେ । ସିକିଲ୍ ସେଲର ରୋଗୀମାନଙ୍କ ପାଇଁ ଏହି ହସ୍ପିଟାଲ ନୂତନ ସୁଯୋଗ ସୃଷ୍ଟି କରିବ । ରୋଗୀମାନଙ୍କୁ ଅତ୍ୟାଧୁନିକ ସମସାମୟିକ ସ୍ୱାସ୍ଥ୍ୟସେବା ପ୍ରଦାନ କରିବାରେ ଏହି ସୁପର ସ୍ପେସାଲିଟି ହସ୍ପିଟାଲ ଅଗ୍ରଣୀ ଭୂମିକା ନିର୍ବାହ କରିବ । ସମାଜର ଅନ୍ତିମ ଶ୍ରେଣୀର ଲୋକମାନଙ୍କୁ ସୁପର୍



ସ୍ପେସାଲିଟି ଚିକିତ୍ସା ସୁବିଧା ଯୋଗେଇବା ଦିଗରେ ପଦକ୍ଷେପ ନେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ଓଡ଼ିଶାକୁ ଏକ ନମ୍ବର କରିବା ପାଇଁ ହେଲେ ରାଜ୍ୟରେ ଭିମସାର ଭଳି ଅନୁଷ୍ଠାନରୁ ପାଠ ପଢୁଥିବା ଡାକ୍ତର ଛାତ୍ରଛାତ୍ରୀମାନେ ବାହାର ରାଜ୍ୟରେ ଚାକିରି ନକରି ଆମ ରାଜ୍ୟରେ ଚାକିରି କରିବା ଦରକାର । ତେବେ ଯାଇ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ । ଭିମସାର ପରିସରରେ ଏକ ୟୁନିଟାରୀ ଡେଣ୍ଟାଲ୍ କଲେଜ୍ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ବଜେଟରେ ଘୋଷଣା କରିଛନ୍ତି । ଭିମାସରର ପୁନଃବିକାଶ ପାଇଁ ମାଷ୍ଟର ପ୍ଲାନ୍ କରିବା ପାଇଁ ସରକାରଙ୍କ ଯୋଜନାରେ ରହିଛି । ଭିମସାରରେ ମେଡିଟେକ୍, ବାୟୋଟେକ୍, ଏଆଇ ଏନେବଲ୍ଡ ଟ୍ରିଟମେଣ୍ଟ ଭଳି ଅତ୍ୟାଧୁନିକ ମେଡିକାଲ ପଦ୍ଧତି ସହ ଗଣାତ୍ମକ ଶିକ୍ଷା, ସୁଶାସନ ମଡେଲ ଏବଂ ଷ୍ଟାର୍ଟଅପ ଦୁନିଆକୁ ଯୋଡିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ । ଏହାର ଭିତ୍ତିଭୂମିର ବିକାଶ ପାଇଁ ସମସ୍ତଙ୍କ ପରାମର୍ଶ ନେବା ସହ ଏଠାରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କର୍ମଶାଳାର ଆୟୋଜନ କରିବା ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ରଥଯାତ୍ରା, ବାହୁଡ଼ା ଯାତ୍ରା, ସୁନା ବେଶ ଦିନ ପୁରୀକୁ ଗଡ଼ିବ ୧ ହଜାର ବସ

# ପରିବହନ କମିଶନର, ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତାଙ୍କ ସମନ୍ୱୟ ବୈଠକ

ପୁରୀ (ସବ୍ୟୁ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ । ଶ୍ରଦ୍ଧାଳୁଙ୍କ ସୁଗମ ପରବହନକୁ ଆଖି ଆଗରେ ରଖି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ପ୍ରାଧିକରଣର ମୁଖ୍ୟାଳୟରେ ରାଜ୍ୟ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୋଲିସ କର୍ତ୍ତୃପକ୍ଷ ଏବଂ ବସ୍ ମାଲିକ ସଙ୍ଘ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଏତେ ସଂଖ୍ୟକ ଶ୍ରଦ୍ଧାଳୁ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗୁଡ଼ିକ ଗ୍ରହଣ କରାଯାଇଛି ।

ପ୍ରତିବର୍ଷ ଭଳି ଚଳିତ ଥର ମଧ୍ୟ ରଥଯାତ୍ରା ନିମନ୍ତେ ଅନ୍ୟରୁଟ୍ ଗାଡ଼ିଗୁଡ଼ିକୁ ପୁରୀ ନିମନ୍ତେ ସ୍ୱତନ୍ତ୍ର ପରମିଟ୍ ପ୍ରଦାନ କରାଯିବ । ଆଗ୍ରହୀ ବସ୍ ମାଲିକମାନେ ଏଥିନିମନ୍ତେ କିଭଳି ସୁବିଧାରେ ଆବେଦନ କରିବେ ଓ ଅନୁମତି ପାଇବେ ସେ ଦିଗରେ ଆଲୋଚନା କରାଯାଇଥିଲା । ବିଶେଷକରି, କଟକ-ଭୁବନେଶ୍ୱରରୁ ଅଧିକ ସଂଖ୍ୟକ ବସ୍ ପୁରୀ ଚଳାଚଳ



କରିବା ଉପରେ ଗୁରୁତ୍ୱ ଦିଆଯିବ । ସେହିଭଳି ନିର୍ଦ୍ଧାରିତ ବସ୍ ଭଡ଼ାଠାରୁ କୌଣସି ବସ୍ ଯାତ୍ରୀଙ୍କଠାରୁ ଅଧିକ ଭଡ଼ା ଦାବି କରିବାର ଅଭିଯୋଗ ଯେଭଳି ନ ଆସେ ସେ ଦିଗରେ ବସ ମାଲିକ ସଙ୍ଘ ଧ୍ୟାନ ଦେବାକୁ କହିଛନ୍ତି ପରିବହନ ଆୟୁକ୍ତ । ପୁରୀ ଯାଉଥିବା ଓ ପୁରୀରେ ଚଳାଚଳ କରୁଥିବା ସମସ୍ତ ବସ୍ ଓ ଅଟୋରେ ଭଡ଼ା ସଂପର୍କିତ ତଥ୍ୟ ପ୍ରଦର୍ଶିତ କରିବାକୁ ନିଷ୍ପତ୍ତି ଗ୍ରହଣ ହୋଇଛି । ଯେଭଳି କେହି ମନଇଚ୍ଛା ଭଡ଼ା ଆଦାୟ କରି ଯାତ୍ରୀଙ୍କୁ ହଇରାଣ ନ କରନ୍ତି ସେ ଦିଗରେ ପୁରୀ ପୋଲିସ ଓ ପୁରୀ ଆରଟିଓ ବିଶେଷ ଧ୍ୟାନ ଦେବାକୁ ନିଷ୍ପତ୍ତି ହୋଇଛି । ସେହିଭଳି ବସ୍ ଷ୍ଟପରେ ଯାତ୍ରୀମାନଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯିବ । ସ୍ୱତନ୍ତ୍ର ଟିମ୍ ଗଠନ କରି ଯାତ୍ରୀଙ୍କ ସୁବିଧାକୁ ପୁରୀ, ଭୁବନେଶ୍ୱର, କଟକ ସମେତ ଅନ୍ୟାନ୍ୟ ସହରର ବସଷ୍ଟାଣ୍ଡରେ ମନିଟର କରାଯିବ । ଏହା ସହ ପୁରୀର ତାଳବଣିଆରେ ସିସିଟିଭି ମଧ୍ୟ ଲାଗିବ । ବସମାନଙ୍କରେ ଫାଷ୍ଟଏଡ୍ କିଟ୍ ଓ ପର୍ଯ୍ୟାପ୍ତ ପରିମାଣର ଓଆରଏସ ମହଜୁଦ୍ ରହିବ ଓ ତାହା ଏସଟିଏ ପକ୍ଷରୁ ଯୋଗାଇ ଦିଆଯିବ । ଯାତ୍ରୀ ଓ ଯାତ୍ରୀବାହୀ ଗାଡ଼ିମାନଙ୍କ ସୁବିଧା ନିମନ୍ତେ ରଥଯାତ୍ରା ସମୟରେ ପୁରୀରେ ଆରଟିଓଙ୍କ ପକ୍ଷରୁ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ । ଏହାସହ ଗାଡ଼ି ମରାମତି ନିମନ୍ତେ ବିଭିନ୍ନ କମ୍ପାନୀଙ୍କ ସହଯୋଗ, କ୍ରେନ୍ ଓ ଆମ୍ବୁଲାନ୍ସ ସୁବିଧା ମଧ୍ୟ କରାଯିବ । ଶୃଙ୍ଖଳିତ ଟ୍ରାଫିକ ବ୍ୟବସ୍ଥା ଉପରେ ବିଶେଷ ଧ୍ୟାନ ଦିଆଯିବ । ଜାତୀୟ ରାଜପଥରେ ଗହଳି ଆଶଙ୍କା ଥିବା ସ୍ଥାନ ଗୁଡ଼ିକରେ ସ୍ୱତନ୍ତ୍ର ଟିମ୍ ଦାୟିତ୍ୱରେ ରହିବେ । କୋଣାର୍କ- ପୁରୀ ରୁଟ୍ ପାଇଁ ସ୍ୱତନ୍ତ୍ର ଟ୍ରାଫିକ କଟକଣା ଲାଗୁ ହେବ । ସମସ୍ତ ବିଭାଗ, ଗାଡ଼ି ମାଲିକ ଓ କର୍ମଚାରୀଙ୍କ ସହଯୋଗରେ ଜନସାଧାରଣଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ପରିବହନ ଆୟୁକ୍ତ ।

# ବିଶ୍ୱଶାନ୍ତି ଯଜ୍ଞ ଉପଲକ୍ଷେ ଭଜନ ସମାରୋହ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ପରି ଚଳିତବର୍ଷ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ମା' ସନ୍ତୋଷୀଦେବୀଙ୍କ ୧୮ତମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ଧରି ସ୍ଥାନୀୟ ବରମୁଣ୍ଡାଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ପିପିଲିରୁ ଏକ ଘଣ୍ଟୁଆ, ପାବୀ ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ ଏକ କଳସ ଶୋଭାଯାତ୍ରାରେ ମା' ସନ୍ତୋଷୀ ଦେବୀଙ୍କ ପୀଠ ଠାରୁ ଶୁଭାରମ୍ଭ କରାଯାଇଥିଲା। ଏହି କଳସ ଯାତ୍ରା ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଯାଇ ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲା। ୨୭ ତାରିଖରେ ଅଙ୍କୁରା ରୋପଣ, ୨୮ ତାରିଖରେ ଜଳଯାତ୍ରା, ମଣ୍ଡଳାଧୀବାସ, ଘଟସ୍ଥାପନ ଏବଂ ୨୯ ତାରିଖ ଦିନ ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କ ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି ଓ ପୂର୍ଣ୍ଣାହୂତି କରାଯାଇଥିଲା ।

ଏହି ବିଶ୍ୱଶାନ୍ତି ମହାଯଜ୍ଞ ଉତ୍ସବରେ ୫୦ ନମ୍ବର ୱାର୍ଡର କର୍ପୋରେଟର ରାମଚନ୍ଦ୍ର ରଣସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୩୦ ନମ୍ବର ୱାର୍ଡ଼ର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ବରମୁଣ୍ଡାର ବରିଷ୍ଠ ନାଗରିକ ନାରାୟଣ ପ୍ରଧାନ, ବିଶିଷ୍ଟ ସମାଜସେବୀ ସମରେନ୍ଦ୍ର ଜେନା, ମା' ସନ୍ତୋଷୀ ଦେବୀ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ସନତ ମିଶ୍ର, ବରିଷ୍ଠ ସାମ୍ବାଦିକ ବିବେକାନନ୍ଦ ଜେନା, ଦେବକାନ୍ତ ମହାପାତ୍ର, ମାଧବାନନ୍ଦ ବେହୁରା ଓ ତପନ କୁମାର, ସମାଜସେବୀ ନେହେରୁ ସେନାପତି,



ବିଶ୍ୱରଞ୍ଜନ ସାହୁ, ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶାସ୍ତ୍ରୀ ନଗରର ତୁଳସୀ ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଆଶା ମୁକୁଳ ବାରିକ ଓ ତାଙ୍କ ଦଳଙ୍କ ନିର୍ଦ୍ଦେଶନାରେ ଭଜନ ପରିବେଷଣ କରାଯାଇଥିଲା । ଏହି ସଙ୍ଗୀତ କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଜ୍ୟୋତିପ୍ରକାଶ ମିଶ୍ର, ରତିକାନ୍ତ ତ୍ରିପାଠୀ, ରଚନା ମିଶ୍ର ଓ ଅନିମେସ ଅନୁପମ ଭଜନ ପରିବେଷଣ କରିଥିଲେ। ଅକ୍ଟୋପ୍ୟାଡ଼ରେ ଅନିଲ କୁମାର ଓ ତବଲାରେ ସନ୍ଦୀପ ବାରିକ ସହଯୋଗ କରିଥିଲେ। ମା' ସନ୍ତୋଷୀ ଦେବୀଙ୍କ ପୂଜକ ଆଦିତ୍ୟ କୁମାର ସ୍ୱାଇଁ, ସୁଦର୍ଶନ ବାରିକ, ସୁରେନ୍ଦ୍ର କୁମାର ବିଶ୍ୱାଳ, ହାଓ୍ୱା ସ୍ୱାଇଁ, ସରୋଜ କୁମାର ସାହୁ, ସୀବ କୁମାର ବିଶ୍ୱାଳ, ସତ୍ୟଭାମା ସ୍ୱାଇଁଙ୍କ ଦ୍ୱାରା ବିଶ୍ୱଶାନ୍ତି ଯଜ୍ଞ ଆୟୋଜନ କରାଯାଇଥିଲା । ଏହି ବିଶ୍ୱଶାନ୍ତି ମହାଯଜ୍ଞରେ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଭକ୍ତମାନେ ଯୋଗ ଦେଇଥିଲେ।

## ଥମୁନି ଜଲିଉଡ୍ ବିବାଦ

# ପୁଣି ଯାତ୍ରା ପାର୍ଟି ମାଲିକଙ୍କ ନାଁରେ ଅଭିଯୋଗ

ଭୁବନେଶ୍ୱର, (ସବ୍ୟୁ) : ଜଲିଉଡ୍‌ରେ ବିବାଦ ଦିନକୁ ଦିନ ବଢିବାରେ ଲାଗିଛି । ଯାତ୍ରା ପାର୍ଟି ମାଲିକ ଅନନ୍ତ ନାରାୟଣ ଧଳ ଓରଫ ନାଣ୍ଟୁଙ୍କ ନାରେ ପୁଣି ଅଭିଯୋଗ କରିଛନ୍ତି ନାୟିକା ପୂଜା । ନାଣ୍ଟୁ ତାଙ୍କୁ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରିଥିଲେ । ସେଥିରେ ସେ ରାଜି ନହେବାରୁ ତାଙ୍କଠାରୁ ଅଗ୍ରୀମ ଟଙ୍କା ବନ୍ଧୁକ ଦେଖାଇ ଫେରାଇ ନେବା ପରେ ଯାତ୍ରା ପାର୍ଟିରୁ ତଡି ଦେଇଥିବା ପୂଜା ଅଭିଯୋଗ କରିଛନ୍ତି ।

ପୂଜା ନାମ୍ନୀ ନାୟିକା ମା'ଙ୍କ ସହ ଭୁବନେଶ୍ୱରରେ ଭଡାରେ ରୁହନ୍ତି । ତାଙ୍କ ବାପା ନଥିବା ବେଳେ ଭାଇଙ୍କର କିଛିଦିନ ତଳେ ମୃତ୍ୟୁ ହୋଇଥିବା ସେ କହିଛନ୍ତି । ଜଣେ ସାଙ୍ଗଙ୍କ ପ୍ରରୋଚନାରେ ସେ ଯାତ୍ରା ପାର୍ଟି ତୁଳସୀର ମାଲିକ ନାଣ୍ଟୁଙ୍କ ସହ ଟେଲିଫୋନ୍‌ରେ ଯୋଗାଯୋଗ କରିଥିଲେ । ନାଣ୍ଟୁଙ୍କ ସହ ସେ କଥା ହେବା ସହ ମା'ଙ୍କୁ କଥା କରାଇ ଦେଇଥିଲେ । ୨୪-୨୫ ମସିହା ପାଇଁ ୮ଲକ୍ଷ ଟଙ୍କାରେ ସେ ପୂଜାଙ୍କୁ ବୁକ୍ କରିଥିଲେ । ୪ଲକ୍ଷ ଟଙ୍କା ଅଗ୍ରୀମ ଦେବା ପରେ ପୂଜା ରିହଲସାଲ ପାଖକୁ ଯାଇଥିଲେ । ସେଠାରେ ପହଞ୍ଚିବା ପରେ ୮ଲକ୍ଷ ୧୪ଲକ୍ଷ ହୋଇଯାଇଥିଲା । ଅର୍ଥାତ୍ ବାର୍ଷିକ ୧୪ଲକ୍ଷ ଟଙ୍କା ଯାତ୍ରା ମାଲିକ ପୂଜାକୁ ଦେବା ପାଇଁ କହିଥିଲେ ।

ପୂଜା ସେଠାରେ ପହଞ୍ଚିବା ପରେ ନାଣ୍ଟୁ ତାଙ୍କୁ ୧୦ ହଜାର ଟଙ୍କା ବିଭିନ୍ନ ଜିନିଷ କିଣିବା ପାଇଁ ଦେଇଥିଲେ । ଦୁଇଦିନ ତାଙ୍କୁ ଭଲ ଭାବେ ଚର୍ଚ୍ଚା କରାଯାଇଥିଲା । ଏପରିକି ଗୋଟିଏ କେୟାରଟେକର ମଧ୍ୟ ତାଙ୍କ ପାଇଁ ନିୟୋଜିତ କରିଥିଲେ ମାଲିକ ନାଣ୍ଟୁ । ଦୁଇଦିନ ପରେ ତୃତୀୟ ଦିନ ମ୍ୟାନେଜର ଟୁଲୁଙ୍କ ସହାୟତାରେ ପୂଜାଙ୍କୁ ନାଣ୍ଟୁ ଡକାଇଥିଲେ । ପୂଜା ରିହଲସାଲ ପାଲ ପାଖକୁ ଯିବାବେଳେ ତାଙ୍କ ବେକରେ ମ୍ୟାନେଜର ହାତ ଲଗାଇ ଖରାପ ଆଚରଣ କରିଥିଲେ । ପୂଜା ତାହାର ପ୍ରତିବାଦ କରିବାରୁ ସେ ହାତ କାଢିଦେଇ ମାଲିକଙ୍କ କଥା ମାନିବାକୁ କହିଥିଲେ । ମାଲିକ ନାଣ୍ଟୁ ଆସି ତାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇଥିଲେ । ଭୁବନେଶ୍ୱରରେ ଫ୍ଲାଟ୍ କିଣିଦେବା ସହ ଗହଣାରେ ତୋ ଶରୀରକୁ ଛାଇଦେବି ଲୋକେ ଚିହ୍ନିପାରିବେ ନାହିଁ ବୋଲି ନାଣ୍ଟୁ କହିଥିବା ପୂଜା ଗଣମାଧ୍ୟମକୁ କହିଛନ୍ତି । ଯେଉଁ ହୋଟେଲକୁ ଡାକିବି ସେଠାକୁ ଯିବୁ, ମୋ କଥା ମାନିଲେ ତୋତେ ନାୟିକା ଭୂମିକା ଦିଆଯିବା ସହ ସମସ୍ତ ଆବଶ୍ୟକତା ଦେବି ବୋଲି ନାଣ୍ଟୁ କହିଥିଲେ ।

ଏଥିରେ ପୂଜା ରାଜି ନହେବାରୁ ତାଙ୍କ ଠାରୁ ୪ଲକ୍ଷ ଟଙ୍କା ଦୁଇ ପର୍ଯ୍ୟାୟରେ ବନ୍ଧୁକ ଦେଖାଇ ନେଇଯାଇଥିଲେ । ଏପରିକି ତାଙ୍କୁ ସେଠାରୁ ତଡିଦେବା ବେଳେ ମୁଣ୍ଡରେ ବନ୍ଧୁକ ଲଗାଇ ସାଧା କାଗଜରେ ଦସ୍ତଖତ କରିନେଇଥିଲେ । ପୂଜା ଦୁଇବର୍ଷ ହେବ ସେଠାରୁ ଆସି ମାନସିକ ନିର୍ଯାତନାରେ ରହୁଛନ୍ତି । କାରଣ ଅନ୍ୟ କୌଣସି ପାର୍ଟି ସହ ଯୋଗାଯୋଗ କଲେ ନାଣ୍ଟୁ ସେହି ମାଲିକମାନଙ୍କୁ ମନା କରିଦେଉଥିବା ପୂଜା କହିଛନ୍ତି । ପୂଜାଙ୍କୁ ଟଙ୍କା ପାଇଁ କୋର୍ଟ ନୋଟିସ୍ ନାଣ୍ଟୁ ପଠାଇଥିବା ସେ କହୁଛନ୍ତି । ପୂଜାଙ୍କ ଏସବୁ କଥାକୁ ନାଣ୍ଟୁ ଖଣ୍ଡନ କରୁଛନ୍ତି । ତାଙ୍କ କହିବା କଥା ଯେଉଁ କଳାକାରମାନେ ଆଗୁଆ ଟଙ୍କା ନେଇଛନ୍ତି, ସେମାନେ ମେଳି ହୋଇ ଏପରି ଅଭିଯୋଗ କରୁଛନ୍ତି । ନରି ପଣ୍ଡା, ସୋନାଲି ସ୍ୱାମୀ, ମାମୁନି ପରେ ପୂଜା ଏକାଠି ହୋଇ ଏହିପରି ବିବାଦ ସୃଷ୍ଟି କରୁଥିବା ନାଣ୍ଟୁ ଗଣମାଧ୍ୟମକୁ କହିଛନ୍ତି । ଟଙ୍କା ନଦେବା ପାଇଁ ଏହି କଳାକାରମାନେ ଆପତ୍ତିଜନକ ଅଭିଯୋଗ କରୁଥିବା ନାଣ୍ଟୁ କହିଛନ୍ତି ।

# ଦୁଷ୍କର୍ମ ମାମଲାରେ ପିଡ଼ିତାଙ୍କ ବାପାଙ୍କୁ ଆଜୀବନ ଜେଲ୍

ବ୍ରହ୍ମପୁର, (ସବ୍ୟୁ): ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଏକ ଚର୍ଚ୍ଚିତ ନାବାଳିକା ଦୁଷ୍କର୍ମ ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି । ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପୋକସୋ ଜଜ୍ ପ୍ରଣତି ପଟ୍ଟନାୟକ ଉକ୍ତ ମାମଲାର ବିଚାରଣା କରି ଜଣେ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ପ୍ରମାଣ ଅଭାବରୁ ଆଉ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଦୋଷୀ ସାବ୍ୟସ୍ତ ଜଣକ ହେଲେ ପିଡ଼ିତାଙ୍କ ବାପା (୪୭) ଓ ନିର୍ଦ୍ଦୋଷ ସାବ୍ୟସ୍ତ ଜଣକ ହେଲେ ପିଡ଼ିତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁଁ ।ଏହାସହ ଅଭିଯୁକ୍ତ ବାପାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି । ଜରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି । ଅନ୍ୟପଟେ ପିଡ଼ିତାଙ୍କୁ ୧୦ଲକ୍ଷ ୫୦ ହଜାର ଟଙ୍କା ଦେବାକୁ ଡ଼ିଏଲଏସଏଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟଯେ, ୨୦୨୩ ଡ଼ିସେମ୍ବର ମାସରେ ପୁରୁଷୋତ୍ତମପୁର ଥାନା ଅଞ୍ଚଳର ଜନୈକା ନାବାଳିକା(୧୬) ତାଙ୍କର ଦୁଇ ସାଙ୍ଗସହ ନିକଟରେ ଥିବା ଏକ ଅଙ୍ଗନାବାଡ଼ି କେନ୍ଦ୍ରକୁ ଯାଉଥିଲେ। ରାସ୍ତାରେ ଦୁଇ ଜଣ ବ୍ୟକ୍ତି ସମ୍ପୃକ୍ତ ନାବାଳିକାକୁ ଟାଣି ନେବା ବେଳେ ସେ ଚିତ୍କାର କରିଥିଲେ। ଗାଁ ଲୋକ ରୁଣ୍ଡ ହୋଇ ତାଙ୍କୁ ଧରିଥିଲେ। ହେଲେ ସେ ଦୁଇଜଣ ଉକ୍ତ ନାବାଳିକାଙ୍କ ବାପା ଓ ତାଙ୍କ ତୃତୀୟ ମା'ଙ୍କ ଭାଇ ଅର୍ଥାତ ମାମୁ। ପରେ ନାବାଳିକା ଜଣଙ୍କ ରାତ୍ର ଘରେ ଶୋଇଥିବା ବେଳେ ତାଙ୍କ ବାପା ତାଙ୍କୁ ଦୁଷ୍କର୍ମ କରିଥିଲେ । ଏହି ଘଟଣାକୁ ନେଇ ନାବାଳିକା ଜଣକ ନିଜ ପ୍ରଥମ ମାମୁଁ ଓ ମାଇଁଙ୍କୁ ଜଣାଇଥିଲା। ପରେ ସେ ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ୯୦୨/୨୩ ରେ ଏକ ମାମଲା ରୁଜୁ କରିଥିଲା। ସେହିବର୍ଷ ଡିସେମ୍ବର ୨୪ ରେ ପିଡ଼ିତାଙ୍କ ବାପାକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲ । ପରେ ପିଡ଼ିତାଙ୍କ ମାମୁଁଙ୍କୁ ଗିରଫ କରି ଜେଲ ପଠାଇଥିଲା। କିଛିଦିନ ପରେ ମାମୁଁ ଜାମିନରେ ମୁକୁଲିଥିଲେ। କିନ୍ତୁ ଗିରଫପର ଠାରୁ ପିଡ଼ିତାଙ୍କ ବାପା ଜେଲରେ ରହିଥିଲେ। ମମାଲର ବିଚାରଣା ବେଳେ ୮ଜଣ ସାକ୍ଷୀଙ୍କ ବୟାନ ରେକର୍ଡ଼ କରାଯାଇଥିଲା।

# ଜିନ୍ଦଲ ଷ୍ଟେନଲେସ୍‌କୁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ୍ ଷ୍ଟିଲ୍ ନିର୍ମାତା ଜିନ୍ଦଲ ଷ୍ଟେନଲେସ୍‌ର ଯାଜପୁର କାରଖାନା ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ପ୍ରଶଂସା ଅର୍ଜନ କରିଛି, ଲଗାତାର ଦ୍ୱିତୀୟ ବର୍ଷ ପାଇଁ ଏହାକୁ ପ୍ରତିଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ପ୍ରଦାନ କରାଯାଇଛି। ଗତକାଲି ମୁମ୍ବାଇରେ ଅନୁଷ୍ଠିତ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ଆନ୍ତର୍ଜାତୀୟ ସୁରକ୍ଷା ପୁରସ୍କାର ସମ୍ମିଳନୀ ୨୦୨୪ରେ ଏହି ସମ୍ମାନ ଘୋଷଣା କରାଯାଇଥିଲା।




ଏହି ସମ୍ମାନଜନକ ପୁରସ୍କାର ଯାଜପୁର ପ୍ଲାଣ୍ଟର କର୍ମକ୍ଷେତ୍ର ସୁରକ୍ଷା ପ୍ରତି ଅସାଧାରଣ ସମର୍ପଣ, ଏହାର ପ୍ରଭାବଶାଳୀ ଶୂନ୍ୟ-ଦୁର୍ଘଟଣା ପ୍ରଦର୍ଶନ ଏବଂ ବିଶ୍ୱସ୍ତରୀୟ ସୁରକ୍ଷା ମାନଦଣ୍ଡ ପାଳନକୁ ସ୍ୱୀକାର କରେ। ଏହି ଉତ୍ସବରେ ବ୍ରିଟିଶ ସେଫ୍ଟି, ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ, ଜୋନାଥନ ଗ୍ୟାଥ୍ରୋ ଏବଂ ବ୍ରିଟିଶ୍ ସେଫ୍ଟି କାଉନସିଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ, ମାଇକ୍ରବିନସନଙ୍କ ଛଡ଼ା ପରିଚାଳନା ନିର୍ଦ୍ଦେଶକ ଭାରତ, ବ୍ରିଟିଶ୍ ସେଫ୍ଟି କାଉନ୍ସିଲ, ହେମନ୍ତ ସେଠୀ ଓ ଅନ୍ୟାନ୍ୟବିଶିଷ୍ଟ ଅତିଥି ଏବଂ ଶିଳ୍ପ ସୁରକ୍ଷା କ୍ଷେତ୍ରର ଉଲ୍ଲେଖନୀୟ ନେତାମାନେ ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ, ଅଗ୍ନିଶମ ଏବଂ ସୁରକ୍ଷା ମୁଖ୍ୟ, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ମନୋଜ କୁମାର ବଳ ।

ଏହି ପୁରସ୍କାର କୃତକର୍ମ ସୁରକ୍ଷା ନୀତି, ଶୂନ୍ୟ ଦୁର୍ଘଟଣା ଏବଂ ଉତ୍କୃଷ୍ଟ ମାନର ସୁରକ୍ଷା ମାନଦଣ୍ଡ ଏବଂ ନିରନ୍ତର ପ୍ରଚେଷ୍ଟାର ପରିଣାମ ସ୍ୱରୂପ ମିଳିଛି। ଉଲ୍ଲେଖନୀୟ ଯେ, ଯାଜପୁରର ଜିନ୍ଦଲ ଷ୍ଟେନଲେସ୍ ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ବଜାୟ ରଖିବାର ଗୌରବ ହାସଲ କରିଛି, ଯାହା ସଂଗଠନର ଦୃଢ଼ ସୁରକ୍ଷା ସଂସ୍କୃତିକୁ ଗୁରୁତ୍ୱାରୋପ କରେ। ଏହି ସଂସ୍କୃତି ସଂରଚିତ ନୀତି, ନିରନ୍ତର ତାଲିମ ପଦକ୍ଷେପ ଏବଂ ଏହାର ସମଗ୍ର କର୍ମଚାରୀଙ୍କ ଅଟଳ ପ୍ରତିବଦ୍ଧତା ମାଧ୍ୟମରେ ପରିଚାଳିତ ହୁଏ ।

ଏହି ସଫଳତା ବିଷୟରେ କହି, ୟୁନିଟ୍ ମୁଖ୍ୟ, ଜିନ୍ଦଲ ଷ୍ଟେନଲେସ୍, ଯାଜପୁର, ଦୀପକ ଅଗ୍ରୱାଲ କହିଛନ୍ତି, 'କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ବ୍ରିଟିଶ୍ ସେଫ୍ଟି କାଉନସିଲ୍ ପୁରସ୍କାର ହାସଲ କରିବା, ବିଶେଷକରି ୨୦୨୪ ମସିହାରେ 'ଶୂନ୍ୟ ଦୁର୍ଘଟଣା' ରେକର୍ଡ ସହିତ, କେବଳ ଏକ ସମ୍ମାନ ନୁହେଁ ଏହା ଆମର ଗଭୀର ଭାବରେ ସ୍ଥାପିତ ସୁରକ୍ଷା ସଂସ୍କୃତିକୁ ବୈଧ କରେ। ଆମେ ବିଶ୍ୱାସ କରୁ ଯେ ପ୍ରକୃତ ସୁରକ୍ଷା ଉତ୍କର୍ଷତା ନିରନ୍ତର ସକ୍ରିୟ ନିୟୋଜିତତା, ଦୃଢ଼ ତାଲିମ କାର୍ଯ୍ୟକ୍ରମ ଏବଂ ଆମର କାର୍ଯ୍ୟର ପ୍ରତ୍ୟେକ ସ୍ତରରେ ପରିବ୍ୟାପ୍ତ ନେତୃତ୍ୱ ପ୍ରତିବଦ୍ଧତାରୁ ଆସିଥାଏ ।

## ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଏକ ଆକ୍ରମଣ ଘଟଣାରେ ଫେରାର ଥିବା ଅଭିଯୁକ୍ତଙ୍କୁ ବଡବ୍ଜାର ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ରଘୁପତି ନଗର ତୃତୀୟ ଲାଇନର ଓଁମ୍ ଦାସ(୨୦) । ପୂର୍ବରୁ ଏହି ମାମଲାରେ ଗ୍ରାମଦେବୀ ସାହିର ରାଜା ନାୟକଙ୍କ ସମେତ ଏକାଧିକ ଗିରଫ ହୋଇଥିଲେ । ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୧୮ ତାରିଖରେ ରାଜା ନାୟକ, କାଳିଆ ସାହୁ, କୈଳାସ ସାହୁ, ଓମ ଦାସ ପାଷ୍ଟଗେଟ ନିକଟରେ ଥିବା ଏକ ଆପାର୍ଟମେଣ୍ଟରେ ପହଞ୍ଚି ଜନୈକ ମହିଳାଙ୍କୁ କମେଣ୍ଟ କରିଥିଲେ। ସେହି ସମୟରେ ସେଠାରେ ରହୁଥିବା ମହମ୍ମଦ ଇମରାନ ଏହାର ପ୍ରତିବାଦ କରିଥିଲେ । ଫଳରେ ସେମାନେ ପ୍ରତିଶୋଧ ପରାୟଣ ହୋଇଥିଲେ। କିଛିଦିନ ପରେ ଇମରାନ ଘରେ ଥିବା ବେଳେ ଉପରୋକ୍ତ ଦୁର୍ବୃତ୍ତମାନେ ତାଙ୍କ ଘରକୁ ଆସି କବାଟ ବାଡ଼େଇଥିଲେ। ସେ କବାଟ ଖୋଲିବା ବେଳେ କାଳିଆ ତାଙ୍କୁ ବନ୍ଧୁକ ଦେଖାଇ ବାହାରକୁ ଡ଼ାକିଥିଲେ। ଏହି ସମୟରେ ଅନ୍ୟାନ୍ୟ ଅଭିଯୁକ୍ତ ମାନେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ ଜୀବନରୁ କରିଥିଲେ। ଆହତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଆହତ ଯୁବକ ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ୫୨ କେଜି ଗଞ୍ଜେଇ ଜବତ : ଜଣେ ଗିରଫ



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା। ଗାଙ୍ଗପୁର ପୁଲିସ ଗୁରୁବାର ୫୨ କିଲୋ ଗଞ୍ଜେଇ ସହ ଗୋଟିଏ ଟିଭିଏସ ଏକ୍ସଲ୍ ମୋପେଡ ଜବତ କରିବା ସହ ଏଥିରେ ସଂପୃକ୍ତ ଅଭିଯୋଗରେ ସେହି ଥାନା ଅନ୍ତର୍ଗତ ଷଡ଼ଙ୍ଗୀ ପଲ୍ଲୀ ଗ୍ରାମର ବଳରାମ ବେହେରା (୬୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀଙ୍କ ସୂଚନା ପ୍ରକାରେ ଗାଙ୍ଗପୁର ପୁଲିସ ଗୁରୁବାର ସକାଳେ କଣ୍ଟେଇପଲ୍ଲୀ ଠାରୁ ବଡବୋରସିଙ୍ଗି ଯାଏଁ ପେଟ୍ରୋଲିଂ ରେ ଥିବାବେଳେ ଦୁବୁଲୁଣ୍ଡା ଘାଇ ଛକରେ ଷଢଙ୍ଗୀପଲ୍ଲୀର ବଳରାମ ବେହେରା ନିଜ ଟିଭିଏସ ଏକ୍ସଲ୍ ରଖି ଠିଆ ହୋଇଥିବା ଦେଖି ସରଜମିନ ତଦନ୍ତ କରିଥିଲେ । ଆଉ ଗଞ୍ଜେଇ ଥିବା ଦେଖିଥିଲେ । ଏସଂପର୍କରେ ଏସଆଇ ଅଜୟ ମଲ୍ଲିକଙ୍କ ରିପୋର୍ଟ ଆଧାରରେ ଗାଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୂଜାରୀ ସୂଚନା ଦେଇଛନ୍ତି ।

## ବିଚ୍ ବଜାରରେ ପତ୍ନୀକୁ ଛୁରାମାଡ଼

ବାରିପଦା, (ସବ୍ୟୁ) : ଶୁକ୍ରବାର ପୂର୍ବାହ୍ନରେ ବାରିପଦା ସହରର ମୁଖ୍ୟ ମାର୍କେଟ ତଥା ଏମ୍‌କେସି ହାଇସ୍କୁଲ ନିକଟରେ ପାରିବାରିକ କଳହକୁ କେନ୍ଦ୍ର କରି ସ୍ୱାମୀ ଜଣଙ୍କ ବିଚ୍ ବଜାରରେ ସମସ୍ତଙ୍କ ସମ୍ମୁଖରେ ସ୍ତ୍ରୀକୁ ଛୁରୀ ମାରି ଲହୁଲୁହାଣ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଦମ୍ପତି ପରିବା ବେପାରୀ ବୋଲି ଜଣାପଡିଥିବା ବେଳେ ସ୍ୱାମୀ ରବିନ୍ଦ୍ର ଦିଗାର୍, ପତ୍ନୀ କବିତା ଦିଗାର୍‌ଙ୍କୁ ଛୁରୀ ମାରୁଥିବାବେଳେ ସାଧାରଣ ଲୋକେ ସ୍ୱାମୀଙ୍କୁ କାବୁ କରି ନିସ୍ଥୁକ ମାଡ ମାରିବା ସହ ପୋଲିସକୁ ଜିମା ଦେଇଥିଲେ । ସ୍ତ୍ରୀଙ୍କୁ ପିଆରଏମ୍ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ବାରିପଦା ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ସ୍ୱାମୀ ରବିନ୍ଦ୍ରଙ୍କୁ କାବୁ କରି ଥାନାକୁ ଆଣି ଅଟକ ରଖି ତଦନ୍ତ ଚଲାଇଛନ୍ତି । ପ୍ରାଥମିକ ତଦନ୍ତରୁ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ସନ୍ଦେହକୁ ନେଇ ଏହି ଘଟଣା ଘଟିଥିବା ଜଣାଯାଇଛି ।

### ଏମ୍ଏସସିବି ବିଶ୍ୱବିଦ୍ୟାଳୟର ୩ ଫାଇନାଲ୍ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶ: ପାସ୍‌ହାର ୮୧.୨୯%

# କଳାରେ ଶୁଭଲକ୍ଷ୍ମୀ, ବିଜ୍ଞାନରେ ବିକାଶ, ବାଣିଜ୍ୟରେ ଶାଶ୍ୱତ ଟପର



ବାରିପଦା, (ସବ୍ୟୁ) : ଶୁକ୍ରବାର ଅପରାହ୍ନରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଯୁକ୍ତ ୩ ଫାଇନାଲ୍ ସେମିଷ୍ଟାର ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଅୟୋଜିତ ସାମ୍ବାଦିକ ସମ୍ମିଳନୀରେ କୂଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ପରୀକ୍ଷା ଫଳ ପୁସ୍ତିକାକୁ ଉନ୍ମୋଚିତ କରିବାସହ ପରୀକ୍ଷା ଫଳ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁଳସଚିବ ସୁମିତା ସିଂ, ପରୀକ୍ଷା ନିୟନ୍ତ୍ରକ ଡଃ ସୁବ୍ରତ କୁମାର ରଣା, କଣ୍ଟ୍ରୋଲାର ଅଫ୍ ଫାଇନାନ୍ସ ସୁକଦେବ୍ ତରେଇ, ଡେପୁଟି ସିଓଇ ରମାକାନ୍ତ ମହାନ୍ତ ଓ ସହକୁଳସଚିବ ସଞ୍ଜିବ୍ କୁମାର ତନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ଅଧିନରେ ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର ୮୫ଟି ମହାବିଦ୍ୟାଳୟର କଳା, ବାଣିଜ୍ୟ ଓ ବିଜ୍ଞାନ୍ ବିଭାଗରେ ମୋଟ୍ ୧୪,୩୪୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୧,୪୮୪ଜଣ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ମୋଟ୍ ପାସହାର ୮୧.୨୯ ଶତକଡା ଉତ୍ତୀର୍ଣ୍ଣ ହୋଇଛନ୍ତି । ସେମାନଙ୍କ ମଧ୍ୟରେ କଳାରେ ଶତକଡା ୮୬.୭୬, ବିଜ୍ଞାନରେ ଶତକଡା ୭୦.୩୨ ଏବଂ ବାଣିଜ୍ୟରେ ଶତକଡା ୬୦.୧୯ ଉତ୍ତୀର୍ଣ୍ଣ ହୋଇଛନ୍ତି । ଚଳିତ ବର୍ଷ ଛାତ୍ରମାନଙ୍କ ଠାରୁ ଛାତ୍ରୀ ମାନଙ୍କ ପାସହାର ଅଧିକ ରହିଛି । କଳାରେ ରାଇରଙ୍ଗପୁର କଲେଜର ଏନ୍ଥ୍ରୋପୋଲୋଜି ବିଭାଗର ଶୁଭଲକ୍ଷ୍ମୀ ଟୁଡୁ ଟପର ହୋଇଥିବାବେଳେ ବିଜ୍ଞାନରେ ଝାରପୋଖରିଆ ସୀମାନ୍ତ ମହାବିଦ୍ୟାଳୟର ଫିଜିକ୍ସ ବିଭାଗର ବିକାଶ ସାହୁ ଏବଂ ବାଣିଜ୍ୟରେ ଉଦଳା କଲେଜର ଶାଶ୍ୱତ ଖୁଣ୍ଟିଆ ଟପର ହୋଇଛନ୍ତି । ସେହିପରି କଳା ବିଭାଗର ଆନନ୍ଦପୁର କଲେଜର ଅର୍ଥନୀତି ବିଭାଗରେ ଶୁଭମ ଦାଶ ଓ ଇତିହାସ ବିଭାଗର ନେହା ମହାପାତ୍ର, ଉଦଳା କଲେଜର ଶିକ୍ଷା ବିଭାଗର ଅଙ୍କିତା ପାତ୍ର, ବାରିପଦା କଲେଜର ଇଂରାଜୀ ବିଭାଗର ଅନୁସ୍କା ପାତ୍ର, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଭୂଗୋଳ ବିଭାଗର ବେବି ସୋରେନ୍, ଗୃହ ବିଜ୍ଞାନ ବିଭାଗର ନିବେଦିତା ମହାନ୍ତ, ମନବିଜ୍ଞାନ ବିଭାଗର ମନିଷା ବେହେରା, କେ.ଏ. ମହାବିଦ୍ୟାଳୟର ଓଡିଆ ବିଭାଗର ଜ୍ୟୋତିର୍ମୟୀ ନାୟକ, ରାଜନୀତି ବିଜ୍ଞାନ ବିଭାଗର ସସ୍ମିତା ରାଜ୍, ବରବିଲ୍ କଲେଜର ହିନ୍ଦୀ ବିଭାଗର ରେହେନା ପରୱିନ୍, ଚମ୍ପୁଆ ସି.ଏସ. କଲେଜର ଦର୍ଶନଶାସ୍ତ୍ର ବିଭାଗର ଇଷାରାଣୀ ରଣା, ବାଇଗଣବାଡିଆ କଲେଜର ସଂସ୍କୃତ ବିଭାଗର ଶୁଭଦ୍ରା ବାସୁରୀ ଓ ହରିଚନ୍ଦନପୁର ବି.ବି. ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ଅଞ୍ଜଳୀ ସାହୁ ଟପର ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗର ବେତନଟୀ କଲେଜର ବୋଟାନୀ ବିଭାଗର କସ୍ତୁରିରାଣୀ ସାହୁ, କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟର କେମେଷ୍ଟ୍ରି ବିଭାଗର ପ୍ରମଥିନି ବେହେରା, ଚମ୍ପୁଆ କଇରାଳି କଲେଜର ଜିଓଲୋଜି ବିଭାଗର ଅଙ୍କିତା ଦାସ, ରରୁଆଁ ଏ.ପି. କଲେଜର ଗଣିତ ବିଭାଗର ଶୋଭନା ସମର୍ପିତ ମହାନ୍ତ ଓ ଜୁଲୋଜି ବିଭାଗର ମଧୁସ୍ମିତା ମହାକୁଡ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର କମ୍ପ୍ୟୁଟର ବିଜ୍ଞାନ ବିଭାଗର ସ୍ମିତା ଦାସ ଓ କୁଣ୍ଡାବାଇ ଆର.ଡି.ଏସ ଡିଗ୍ରୀ ମହାବିଦ୍ୟାଳୟର ଏମ୍ଆଇସିବି ବିଭାଗର ପ୍ରତିମା ବେହେରା ପ୍ରମୁଖ ଟପର ହୋଇଛନ୍ତି ।


### ଫୁଲବାଣୀର ପ୍ରଥମ ଏସିଡ୍ ଆକ୍ରମଣ ଘଟଣା

# ଅଭିଯୁକ୍ତଙ୍କୁ ୧୨ ବର୍ଷ ଜେଲ୍

ଫୁଲବାଣୀ, (ସବ୍ୟୁ): ଫୁଲବାଣୀ ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ପ୍ରିତିଶ କୁମାର ରାଉତରାଏ ଏକ ଏସିଡ ଫିଙ୍ଗା ମାମଲାର ବିଚାରଣ କରି ଅଭିଯୁକ୍ତ ଫୁଲବାଣୀ ପଟାବାଲି ସାହିର ପ୍ରମୋଦ କୁମାର ସାହୁ (୬୦) ଙ୍କୁ ୧୨ ବର୍ଷ ସଶ୍ରମ କାରାଦଣ୍ଡାଦେଶ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଅର୍ଥ ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ କରିଛନ୍ତି। ଘଟଣା ଅନୁଯାୟୀ ଗତ ୨୮/୧୨/୨୦୨୩ ତାରିଖରେ ଦିନ ପ୍ରାୟ ୧.୩୦ ସମୟରେ ଫୁଲବାଣୀ ସାହି ର ସୁରଜ କୁମାର ମହାନ୍ତି ଫୁଲବାଣୀ ସହର ମଧ୍ୟସ୍ଥ ଶଶୀ ପାନ ଦୋକାନ ଛକ ଠାରେ ଠିଆ ହୋଇଥିଲାବେଳ ଅଭିଯୁକ୍ତ ପ୍ରମୋଦ ତାଙ୍କ ଉପରକୁ ଏସିଡ ଫିଙ୍ଗି ଥିଲା, ଖବର ପାଇ ସୁରଜଙ୍କ ବାପା କୃଷ୍ଣ ଚନ୍ଦ୍ର ମହାନ୍ତି ଘଟଣା ସ୍ଥଳକୁ ଆସି ପହଁଚିଲା ପରେ ଆସାମୀ ତାଙ୍କ ଉପରକୁ ମଧ ଏସିଡ ଫିଙ୍ଗି ଥିଲା । ଏସିଡ ମାଡ଼ରେ ବାପା ଓ ପୁଅ ଗୁରୁତର ହେବାରୁ କିଛି ସ୍ଥାନୀୟ ବ୍ୟକ୍ତି ତାଙ୍କୁ ଫୁଲବାଣୀ ହସ୍ପିଟାଲକୁ ନେଇଥିଲେ ।

ଅଭିଯୁକ୍ତଙ୍କୁ ସେଠାରେ ଥିବା ଲୋକମାନେ କାବୁ କରି ପୋଲିସ ଜିମା ଦେଇଥିଲେ । ଏନେଇ ଫୁଲବାଣୀ ଟାଉନ ଥାନାରେ ପୋଲିସ କେସ୍ ନମ୍ବର ୩୨୯/୨୩ ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ପ୍ରମୋଦକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ବିଚାରଣ କରି ତଥା ୧୭ ଜଣ ସାକ୍ଷୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନକୁ ଭିତ୍ତି କରି ବିଚାରପତି ଅଭିଯୁକ୍ତ ପ୍ରମୋଦକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ଏହି ଏସିଡ୍ ଆକ୍ରମଣ ଘଟଣା ଫୁଲବାଣୀ ସହରରେ ପ୍ରଥମ ହୋଇଥିବା ବେଳେ ଏହା ସହରରେ ଆଲୋଚନାର ବିଷୟ ହୋଇଥିଲା।



# ବଲାଙ୍ଗିର ଜିଲ୍ଲାପାଳଙ୍କ ଅପର ସୁକତେଲ ଡ୍ୟାମ ପରିଦର୍ଶନ



ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ବ୍ଲକ୍ ମହୂରୁଣ୍ଡି ଗାଁ ନିକଟରେ ଥିବା ଅପର ସୁକତେଲ ଡ୍ୟାମକୁ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ଶୁକ୍ରବାର ଗସ୍ତ କରିଥିଲେ। ଏହି ଅବସରରେ ଡ୍ୟାମର ସ୍ଥିତି, ଜଳଧାରଣ କ୍ଷମତା,ଜଳସେଚନ ବ୍ୟବସ୍ଥା ଉପରେ ତଦାରଖ କରିବା ସହିତ ଜଳସେଚନ ବିଭାଗ ଅଧିକାରୀଙ୍କ ସହିତ ଆଲୋଚନା କରିଥିବା ଜଣାଯାଇଛି। ଜିଲ୍ଲାପାଳଙ୍କ ଗସ୍ତକୁ ନେଇ ଅନେକ ଚର୍ଚ୍ଚା। ହେଉଥିବା ବେଳେ ଡ୍ୟାମର ଭିତ୍ତିଭୂମି ବିକାଶ,ଜଳଧାରଣ କ୍ଷମତା ବୃଦ୍ଧି ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ ପାଇଁ ଭିତ୍ତିଭୂମି ନିର୍ମାଣ ପାଇଁ କାର୍ଯ୍ୟ କଷଡା ହେବ ବୋଲି ଜଣାଯାଇଛି। ଗସ୍ତ ଅବସରରେ ବଲାଙ୍ଗିର ଜଳସେଚନ ବିଭାଗ ଏସ ଇ ଇ ଗୋବର୍ଦ୍ଧନ ନାଏକ,ପାଟଣାଗଡ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର, ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଅତିରିକ୍ତ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ସୁରଜ କୁମାର ବେହେରା,ପାଣି ପଞ୍ଚାୟତ ସଦସ୍ୟ ଉପସ୍ଥିତ ଥିଲେ।

# ଶୀତଳଷଷ୍ଠୀ ମହୋତ୍ସବ ପାଇଁ ଉତ୍ସବମୁଖର ମୁରିବାହାଲ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମାରେ ଚଳିତ ବର୍ଷ ଅନୁଷ୍ଠିତ ହେଉଥିବା ଶୀତଳଷଷ୍ଠୀ ମହୋତ୍ସବ ପାଇଁ ଉତ୍ସବ ମୁଖର ହୋଇଉଠିଛି। ପୂର୍ବରୁ ରାଧାକୃଷ୍ଣ ଓ ଶିବ ମନ୍ଦିରରେ ଶିବପାର୍ବତୀଙ୍କ ଥାଳ ଉଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ରାମେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ପତ୍ରପେଣ୍ଡି,ଶୁକ୍ରବାର ମାତା ପାର୍ବତୀଙ୍କ ପିତୃଗୃହ ଗମନ,ଶନିବାର ଅଳଙ୍କାର ଧାରଣ, ବର ଆଗମନ ଓ ବିବାହ ପାଣିଗ୍ରହଣ ତଥା ରବିବାର କନ୍ୟା ବିଦାୟ,ନଗର ପରିକ୍ରମା,ମହାସ୍ନାନ ସହ ମାତାଙ୍କ ମନ୍ଦିର ପ୍ରବେଶ ପର୍ବ ଭଳି ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଚଳିତ ବର୍ଷର ବର ପିତାମାତା ରୂପେ ମୁରିବାହାଲର ବ୍ୟବସାୟୀ ହେମନ୍ତ ଶର୍ମା ଓ ତାଙ୍କ ଧର୍ମପତ୍ନୀ ମୀନା ଶର୍ମା ଥିବା ବେଳେ କନ୍ୟା ପିତାମାତା ରୂପେ ଲଖନା,ନୂଆଁପଡ଼ା ଗ୍ରାମର ବ୍ୟବସାୟୀ ଦିଲ୍ଲୀପ ଦାସ ଓ ତାଙ୍କ ଧର୍ମପତ୍ନୀ ଜ୍ୟୋସ୍ନାରାଣୀ ଦାସ ଦାୟିତ୍ୱ ନିର୍ବାହ କରୁଛନ୍ତି।ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମରେ ବର ଓ କନ୍ୟା ପିତାମାତାଙ୍କ ପରିବାରର ସତୀଶ ଚନ୍ଦ୍ର ଦାସ, ଶେଷଦେବ ମିଶ୍ର, ଶିବାନନ୍ଦ ଦାସ, ଅରବିନ୍ଦ ଦାସ, ବିଶ୍ୱମ୍ଭର ଦାସ,ଅନୀଲ ଶର୍ମା, ଭବାନୀଶଙ୍କର ଶର୍ମା ତଥା ମୁରିବାହାଲ ଗ୍ରାମର ମହିଳା ସଙ୍କୀର୍ତ୍ତନ ଦଳ ଓ ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା,ସଦସ୍ୟମାନେ ସାମିଲ ହେଉଛନ୍ତି। ପୂଜକ ଦୁର୍ଯୋଧନ ପାଣିଗ୍ରାହୀ,କାଶୀନାଥ ଦାସ, ଟିକୁ ଥନାପତିଙ୍କ ଦ୍ୱାରା ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରାଯାଉଛି। ଏଥିରେ ଆୟୋଜକ ରାଧାକୃଷ୍ଣ ଓ ଶିବ ମନ୍ଦିର ପରିଚାଳନା ଓ ଉନ୍ନୟନ କମିଟି ସଭାପତି ରାଜୀବ କୁମାର ମହାନ୍ତି,ଉପସଭାପତି ଭୀଷ୍ମରାଜ ମେହେର,ସମ୍ପାଦକ ସୁଧୀର କୁମାର ପାଣି, କୋଷାଧ୍ୟକ୍ଷ କୃତ୍ତିବାସ ଦାସ, ଉପଦେଷ୍ଟା ତରୁଣ ପୋଡ଼, ଚିନ୍ତାମଣି ମହାରଣା, ପ୍ରବୀର କର୍ମ, ନାରାୟଣ ସାହୁ,ସରପଞ୍ଚ ବିଶ୍ୱବିହାରୀ ଯୋଶୀ,କୁନ୍ତ ପୋଡ଼ ,ବିଦ୍ୟାଧର ଭୋଇ,ରମାରଞ୍ଜନ ମାହାକୁର, ସୁଧାଂଶୁ ପୋଡ଼ ଯାଦବ, କରନ ଜାଲ, ଉଦିତ କଟାଙ୍କ ସହ କମିଟିର ସମସ୍ତ କର୍ମକର୍ତ୍ତା,ମୁରିବାହାଲ ଓ ନୂଆଁପଡ଼ା ଗ୍ରାମବାସୀ,ଶ୍ରଦ୍ଧାଳୁ ମହିଳା ଭକ୍ତମାନେ ସାମିଲ ହେଉଛନ୍ତି। ଶେଷ ଦିନରେ ସତସଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ଚଳିତ ବର୍ଷର ଶୀତଳଷଷ୍ଠୀ ମହୋତ୍ସବ ଶାନ୍ତି ଶୃଙ୍ଖଳା, ମହାଆଡମ୍ବର ସହକାରେ ଅନୁଷ୍ଠିତ ହେଉଥିବା ଆୟୋଜକ ମୁରିବାହାଲ ରାଧାକୃଷ୍ଣ ଓ ଶିବ ମନ୍ଦିର ପରିଚାଳନା ଓ ଉନ୍ନୟନ କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ନିକଟସ୍ଥ ବନବାହାଲ ଗ୍ରାମରେ ଅନୁଷ୍ଠିତ ୨୨ତମ ଶୀତଳଷଷ୍ଠୀ ଉତ୍ସବରେ ମହାଦେବଙ୍କ ପିତାମାତା ରୂପେ ବନବାହାଲ ଗ୍ରାମର ବିଶ୍ୱଜିତ କୁଅଁର ଓ ଶିବାନୀ କୁଅଁର ତଥା ମାତା ପାର୍ବତୀଙ୍କ ପିତାମାତା ରୂପେ ଡଙ୍ଗରପଡ଼ା ଗ୍ରାମର ଆଇନଜୀବୀ ପ୍ରଶାନ୍ତ କର୍ମ ଓ ରୀମା କର୍ମ ଥିବା ବେଳେ ପୂଜକ ଭାବେ ସଦାଶିବ ଦାସ ଦାୟିତ୍ୱ ନିର୍ବାହ କରୁଛନ୍ତି।

# ରଥଯାତ୍ରା ପାଇଁ ଜିଲ୍ଲାପାଳଙ୍କୁ ନିମନ୍ତ୍ରଣ କଲେ ଗ୍ରାମବାସୀ

କୋରାପୁଟ,(ସବ୍ୟୁ): ବିଲାପୁଟରେ ନୂତନ ଭାବେ ନିର୍ମିତ ଶ୍ରୀ ଶ୍ରୀ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରର ପ୍ରଥମ ରଥ ଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଶୁକ୍ରବାର ଗ୍ରାମବାସୀ ଓ କମିଟିର ସଦସ୍ୟ ମାନେ ଜିଲ୍ଲାପାଳ ଭି କୀର୍ତ୍ତିୱାସନଙ୍କୁ ଭେଟି ନିମନ୍ତ୍ରଣ କରିଛନ୍ତି। ଏଥିନିମନ୍ତେ ଆବଶ୍ୟକ ସରଞ୍ଜାମ ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଅବଗତ କରିବା ସହିତ ଏହି ଉପାନ୍ତ ଅଞ୍ଚଳରେ ଗଢ଼ି ଉଠିଥିବା ଶ୍ରୀ ଶ୍ରୀ ଶବରୀ ନାରାୟଣ ଜଗନ୍ନାଥ ମନ୍ଦିରର ଶ୍ରୀ ଜିଉ ମାନଙ୍କର ରଥଯାତ୍ରାରେ ପ୍ରଥମ କରି କାଙ୍ଗୁ ଚାଉଳରେ ପ୍ରସ୍ତୁତି ଖିରି ଜିଲ୍ଲାପାଳ ସ୍ୱ ହସ୍ତରେ ଭୋଗ ଲାଗି କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ବୋଲି ମୁଖ୍ୟ ସଂପାଦକ ଲଳିତ ମୋହନ ପଟ୍ଟନାୟକ କହିଛନ୍ତି। ରାସ୍ତା,ପାଣି ଏବଂ ଭକ୍ତମାନେ ପ୍ରସାଦ ସେବନ କରିବା ପାଇଁ ପ୍ରସାଦ ସେବନ ଗୃହ ଓ କଲ୍ୟାଣ ମଣ୍ଡପ ଆଦି ତିଆରି ନିମନ୍ତେ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ସେ କହିଛନ୍ତି। ମୁଖ୍ୟ ସଂପାଦକ ଲଳିତ ମୋହନ ପଟ୍ଟନାୟକଙ୍କ ସହ ନାରାୟଣ ପ୍ରଧାନ,ବିଶ୍ୱନାଥ ପ୍ରଧାନ, ସଂଜୟ କୁମାର ପରିଡା, ଅର୍ଜୁନ ମାରିଆ ,ସୁନାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ

ବରଗଡ଼,(ସବ୍ୟୁ) : ବରଗଡ଼ ସଦର ବ୍ଲକ ନିଲେଶ୍ୱର ପଞ୍ଚାୟତ ବାନ୍ଦେନବାହାଲ ଗାଁରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ମୃତା ମହିଳା ବାନ୍ଦେନବାହାଲ ଗାଁର ରାଜେନ୍ଦ୍ର ସାଙ୍କ ପତ୍ନୀ ପଦ୍ମାଳୟା ସା (୫୦) ବୋଲି ଜଣାପଡିଛି ।ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟାରେ ପଦ୍ମାଳୟା ବିଲରେ କାମ କରୁଥିବା ବେଳେ ବଜ୍ରପାତ ଘଟିଥିଲା । ଗୁରୁତର ଆହତ ଅବସ୍ଥାରେ ପଦ୍ମାଳୟାକୁ ଡାକ୍ତରଖାନା ନିଆଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ବରଗଡ଼ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ତାଙ୍କ ମୃତ ଦେହ ରଖାଯାଇଥିବା ବେଳେ ଶନିବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି ।

# ମୂଳନିବାସୀ ବହୁଜନ ମିଳିତ ମହାସଂଘର ବୁଦ୍ଧିଜୀବୀ ବୈଠକ


ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ଆମ୍ବେଦକର ଭବନ ଠାରେ ମୂଳନିବାସୀ ବହୁଜନ ମିଳିତ ମହାସଂଘ କଳାହାଣ୍ଡି ପକ୍ଷରୁ ଏକ ବୁଦ୍ଧିଜୀବୀ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବୁଦ୍ଧ ଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତ୍ରିଶରଣ ଓ ପଞ୍ଚଶୀଳ ଗାନ କରାଯାଇଥିଲା।ପରେ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ସଂଗଠନର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଆଜିର ବୈଠକର ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଉକ୍ତ ମହାସଂଘ ଦଳିତ, ଆଦିବାସୀ, ପଛୁଆ ବର୍ଗ, ସଂଖ୍ୟା ଲଘୁର ଲୋକ ମାନଙ୍କ ସାମ୍ବିଧାନିକ ଅଧିକାର ଉପରେ ସଂଘର୍ଷ କରିବା ସହିତ ସମାଜର ମୁକ୍ତି ପାଇଁ ସମ୍ପୂର୍ଣ୍ଣ କ୍ରାନ୍ତି ର ଆହ୍ୱାନ ଦେଇଥିଲେ। ପଶ୍ଚିମ ଓଡିଶାର ବିଭିନ୍ନ ବହୁଜନ ସଂଗଠନ ଉପରେ ଏକତା ଓ ଉତ୍ତମ ବୁଝାମଣା ସୃଷ୍ଟି କରିବା, ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ପାଇଁ ଆନ୍ଦୋଳନ କରିବା ଏହି ସଂଗଠନ ର ଅନ୍ୟାନ୍ୟ ପ୍ରମୁଖ ଉଦ୍ଦେଶ୍ୟ । ବୈଠକରେ ଧୀମାନ ଗୁରୁଚରଣ ହରିପାଲ, ଶ୍ରୀବତ୍ସ ତାଣ୍ଡି, ଯତୀନ୍ଦ୍ର କର, ଏସ. ସୁଜାତା, ଧନୁର୍ଯ୍ୟୟ ନାଏକ, ଶଶୀଭୁଷଣ ମଙ୍ଗରାଜ, ହାତୀରାମ ଦୁର୍ଗା, ରାମ ସେନାପତି, ମୁନିଆ ସିପକା, ଲୋକନାଥ ନାଗ, ଯୁଧିଷ୍ଠିର ଭଗତ, କବିତା ବାଗ, ବିଜୟା ଲକ୍ଷ୍ମୀ ସ୍ୱର୍ଣ୍ଣ, ଡୋଳେଶ୍ୱର ନାଏକ, କମଳା ବିହାରୀ, ଯୋଗେଶ ତାଣ୍ଡି, ଜୟ ପ୍ରକାଶ ଜାଲ, ବିନୋଦ ନାୟକ, ଖଗପତି ନାଏକ, କାମ୍ପଲ ସେଠିଆ,ରମଣୀ ଦୁରିଆ, ଚିତ୍ରସେନ ମଙ୍ଗରାଜ,ସତ୍ୟାନନ୍ଦ ନାଗ ସ୍ନେହଲତା ଦୁର୍ଗା ଆଦି ଅନେକ କର୍ମକର୍ତ୍ତା ଯୋଗଦେଇଥିଲେ ଓ ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରାଯିବାକୁ ନିଷ୍ପତ୍ତି ନେଇଥିଲେ।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର

ବରଗଡ଼ ,(ସବ୍ୟୁ): ଭେଡ଼େନ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଏସପି ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ଦାଶ ଏବଂ ବ୍ଲକ ଉପାଧ୍ୟକ୍ଷ ଡୋଳାମଣି ଖେତି ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୪୦ ଗୋଟି ଅଭିଯୋଗ ମଧ୍ୟରୁ ୨୩ ଗୋଟି ବ୍ୟକ୍ତିଗତ, ୧୭ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପୋଲିସକୁ ଚ୍ୟାଲେଞ୍ଜ

# ୨୦ ଭରି ସୁନା, ୨କିଲୋ ରୁପା, ନଗଦ ୧୦ଲକ୍ଷ ଟଙ୍କା ଚୋରି



ରାୟଗଡା,(ସବ୍ୟୁ): ରାୟଗଡ଼ା ପୋଲିସକୁ ଚ୍ୟାଲେଞ୍ଜ କରି ୨୦ ଭରି ସୁନା, ୨କିଲୋ ରୁପା ଏବଂ ନଗଦ ୧୦ଲକ୍ଷ ଟଙ୍କା ଚୋରି ହୋଇଛଇ । ପ୍ରତି ୪ ଦିନରେ ଚୋରି ହେଉଥିବା ବେଳେ ସେ ପୁଣି ବ୍ୟବସାହି କିମ୍ବା ନେତାଙ୍କ ଘରେ କଳାକନା ବୁଲାଇବା ପରିଲକ୍ଷିତ ହେଉଛି । ରାୟଗଡା ସହର ବାସୀ ପ୍ରତି ଦିନ ସକାଳୁ କାହା ଘରେ କଳାକଳା ବୁଲାଇ ଦେଇଥିବା ଘଟଣା ଖବର ଆସି ପହଞ୍ଚୁଛି। କିନ୍ତୁ ପୋଲିସ ପ୍ରଶାସନ ସଜାଗ ବା ଚୋରିକୁ ନିୟନ୍ତ୍ରଣ କାଇଦା କାମ କରୁନଥିବା ବେଳେ ପୋଲିସ ଅସମର୍ଥ ହୋଇଯାଇଛି । ଚୋରି ଏକ ନିୟମିତ ଘଟଣା ହୋଇଯାଇଥିବା ବେଳେ ଏହାକୁ ରୋକିବାରେ ପୋଲିସ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି । ରାୟଗଡ଼ା ସହରର ନିୟୁ କଲୋନିର ପ୍ରଥମ ଗଳିରେ ରହୁଥିବା ହୋଟେଲ ମାଲିକ ସୁବ୍ରତ ପତିଙ୍କ ଘରେ ଗୁରୁବାର ବିଳମ୍ବିତ ରାତିରେ ବଡ଼ ଧରଣରେ ଚୋରି ହୋଇଛି । ସେ ତାଙ୍କ ମା ନିଶାମଣିଙ୍କ ସହ ଆଗ ଘରେ ରହୁଥିବା ବେଳେ ପଛ ପଟ ତାଲା ପଡ଼ିଥିବା ଘରେ ଚୋରି କରିଛନ୍ତି । ପଛ ଘର ମୁଖ୍ୟ କବାଟରେ ଥିବା ଗ୍ରିଲ କାଟି ପଶିଥିଲେ ଚୋର । ଭିତରେ ଥିବା ଦୁଇଟି ଆଲମିରା ଭାଙ୍ଗି ନଗଦ ୧୦ ଲକ୍ଷ ଟଙ୍କା, ପ୍ରାୟ ୨୦ ଭରି ସୁନା ଗହଣା ଏବଂ ୨ କେଜିରୁ ଅଧିକ ରୁପା ଗହଣା ଚୋରି କରି ନେଇ ଯାଇଛନ୍ତି । ସକାଳୁ ପଛ ଘରକୁ ଯିବା ସମୟରେ ଘର କବାଟ ଖୋଲା ଥିବା ଦେଖିବାକୁ ପାଇଥିଲେ ସୁବ୍ରତ ଓ ତାଙ୍କ ମା । ଅନ୍ୟ ଜାଗାରେ ଘର କାମ ଚାଲିଥିବାରୁ ଘର ମାଲିକ ସୁବ୍ରତ ନଗଦ ଟଙ୍କା ଘରେ ରଖିଥିଲେ । ଏ ନେଇ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ଏସଡିପିଓ ଗୌରହରି ସାହୁ, ଆଇଆଇସି କେକେବିକେ କହଁରଙ୍କ ସମେତ ସାଇଣ୍ଟିଫିକ ଟିମ୍ ଓ ଡଗ ସ୍କ୍ୱାଡ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଦୁର୍ବୃତ୍ତମାନେ ଘର ପଛପଟରୁ ଆସିଥିବା ନେଇ ପୁଲିସ ପ୍ରାଥମିକ ତଦନ୍ତରୁ ଅନୁମାନ କରିଥିବା ବେଳେ ଘର ଲାଗିଥିବା ସିସିଟିଭି ଫୁଟେଜରେ ଦୁର୍ବୃତ୍ତମାନଙ୍କ କିଛି ଦୃଶ୍ୟ କଏଦ ହୋଇଥିବା ଜଣାପଡ଼ିଛି ।

# ସ୍ୱପ୍ନେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ ମାତା ପାର୍ବତୀଙ୍କ ଅଳଙ୍କାର ଧାରଣ ନୀତି ସମ୍ପନ୍ନ

ପଦ୍ମପୁର,(ସବ୍ୟୁ): ପ୍ରକୃତି ଓ ପରିବେଶର ଅନନ୍ୟ ମିଳନର ନୀତି ଯାହାକୁ ସମସ୍ତେ ଶୀତଳଷଷ୍ଠୀ ନାମରେ ଜାଣନ୍ତି। ଦେବାଦୀ ଦେବ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବ ବାବା ଏବଂ ଜଗତ ଜନନୀ କରୁଣାମୟୀ ମାତା ପାର୍ବତୀଙ୍କ ଅପୂର୍ବ ଭବ୍ୟ ବିବାହ ଉତ୍ସବ। ତେବେ ସ୍ୱପ୍ନେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ପାଇଁ କମିଟି ପକ୍ଷରୁ ଜୋର ସୋରରେ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଥିବା ବେଳେ ଶୁକ୍ରବାର ବିବାହ ପାଇଁ ମା ଜଗତ ଜନନୀଙ୍କ ଅଳଙ୍କାର ଧାରଣ ଉତ୍ସବ ମହାଆଡମ୍ବରରେ ସମ୍ପନ୍ନ ହୋଇଥିଲା। ବର ପକ୍ଷ ପଦ୍ମପୁର ସ୍ଥାନୀୟ କଣ୍ଟାବାନ୍ଧ ସଂଲଗ୍ନ ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ବାବାଙ୍କ ମନ୍ଦିରରୁ ଭାର ଆଦିରେ ମାଙ୍କ ନିର୍ବନ୍ଧ ପାଇଁ ଫଳମୂଳ ମିଠା ପିଠା ଚୁଡା ଗୁଡ଼ ବସ୍ତ୍ର ଅଳଙ୍କାର ଆଦି ନେଇ ଶହ ଶହ ଭକ୍ତଙ୍କ ଗହଳିରେ ପଞ୍ଚବାଦ୍ୟ ସଂକୀର୍ତ୍ତନ ଘଣ୍ଟ ଶଙ୍ଖ ଆଦି ସହ ନଗର ପରିକ୍ରମା କରି ଶ୍ରୀରାମ ନଗର ସ୍ଥିତ କନ୍ୟା ମାତା ପିତାଙ୍କ ଘରେ ପହଂଚି ବୈଦିକ ରୀତି ନୀତି ଅନୁଯାୟୀ ମା ସିଂହ ବାହିନୀ ହିମାଳୟ ପୁତ୍ରୀ ପାର୍ବତୀଙ୍କ ଅଳଙ୍କାର ଧାରଣ ନୀତି ସମ୍ପନ୍ନ କରିଛନ୍ତି। ମୁଖ୍ୟ ପୂଜକ ଭାବରେ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ ବର ପକ୍ଷର ପୁରୋହିତ କାର୍ଯ୍ୟ ତୁଲାଉଥିବା ବେଳେ ପ୍ରଦୀପ କୁମାର ରଥ କନ୍ୟା ପକ୍ଷ ପୁରୋହିତ ଦାୟିତ୍ୱ ବହନ କରୁଛନ୍ତି । ଅନ୍ୟ ମାନଙ୍କ ମଧ୍ୟରେ ମନ୍ଦିର ପୂଜକ ଟଙ୍କଧର ମହାପତ୍ର, ସତ୍ୟ ପ୍ରକାଶ ପାଣିଗ୍ରାହୀ ଏବଂ କାନ୍ତିଲାଲ ଦାସ ପୁରୋହିତ୍ୟ କାର୍ଯ୍ୟ ସମ୍ପାଦନରେ ସାହାଯ୍ୟ କରିଥିବା ବେଳେ ଭକ୍ତଙ୍କ ହୁଳହୁଳି ଏବଂ ହରିବୋଲରେ ପ୍ରକମ୍ପିତ ହୋଇଥିଲା ସାରା ବିବାହ ମଣ୍ଡପ। ସେହିପରି ସୁପ୍ରସିଦ୍ଧ ପାରାୟଣ ଗାୟିକା ପ୍ରାପ୍ତି ଆଚାର୍ଯ୍ୟ ଏବଂ ସାଥି ବିଜ୍ଞାସୀ ବାରିକଙ୍କ ସୁମଧୁର କଣ୍ଠରୁ ସୁନ୍ଦରା କାଣ୍ଡ ପାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ତେବେ ଶନିବାର ଶୁଭରେ ବାବା ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ମହାଦେବଙ୍କ ମହା ଭବ୍ୟ ବରଯାତ୍ରା ପାଟ ପାଟୁଆଁର ସହ ବାହାରି ବିବାହ ପାଇଁ ମାତା ପାର୍ବତୀଙ୍କ ପିତା ମାତା ଗୃହ ଅଭିମୁଖେ ଯାତ୍ରା କରିବାର କାର୍ଯ୍ୟକ୍ରମ ଥିବା ବେଳେ ସମସ୍ତ ଭକ୍ତ ବୃନ୍ଦ ଏହି ବରଯାତ୍ରାରେ ସାମିଲ ହୋଇ ପବିତ୍ର ଦେବ ବିବାହର ଶୁଭ ଆଶୀର୍ବାଦ ଲାଭ କରିବା ପାଇଁ କମିଟିର ସଭାପତି ପ୍ରିତମ ମେହେର ଓ ସମସ୍ତ ସଦସ୍ୟ ଅନୁରୋଧ କରିଛନ୍ତି।

# ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ହିଣ୍ଡାଲକୋର ଆରଓ ପାନୀୟ ଜଳ ବ୍ୟବସ୍ଥା



ସମ୍ବଲପୁର, ୩୦ଛ୫(ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ଅଞ୍ଚଳର ୨ଟି ସ୍କୁଲରେ ହିଣ୍ଡାଲକୋ ପକ୍ଷରୁ ଆର୍‌ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । ଛାତ୍ରଛାତ୍ରୀ ମାନଙ୍କର ଶୁଦ୍ଧ ପାନୀୟ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୟୁନିଟ୍ ମୁଖ୍ୟ ଦେବାଶିଷ ମଲ୍ଲିକଙ୍କ ପରାମର୍ଶ କ୍ରମେ ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ପକ୍ଷରୁ ଫ୍ରାନ୍ସର ଆଲୁମିନିୟମ କମ୍ପାନୀ ଫିବଶ ସହାୟତାରେ ସ୍ୱାଧୀନ ଏକତା ସଂଗଠନ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ବିଦ୍ୟାଳୟ ହୀରାକୁଦ ଓ ଉଚ୍ଚ ବିଦ୍ୟାଳୟ ମହମ୍ମଦପୁର ଠାରେ ଆର୍‌ଓ ପାନୀୟ ଜଳ ପ୍ରକଳ୍ପର ଉଦ୍ଘାଟନ କରାଯାଇଛି। ଏଥିରେ ହିଣ୍ଡାଲକୋର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସିନ୍ଧେ, ହୀରାକୁଦର ସ୍ମେଲଟର ମୁଖ୍ୟ ପ୍ରତାପ କୁମାର ସାହୁ, , ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଓଡ଼ିଶା କ୍ଲଷ୍ଟର ମୁଖ୍ୟ ଶିବ ମହାପାତ୍ର, ଫିବଶର ପରିଚାଳନା ନିର୍ଦ୍ଦେଶକ ରାହୁଲ ଦେଶମୁଖ, ଉପସଭାପତି ଜ୍ଞାନପ୍ରକାଶ ମହାବିଷ୍ଣୁ, , ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ମୁଖ୍ୟ ସୁକାନ୍ତ ମହାପାତ୍ର, ହୀରାକୁଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସେଠ, ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ପାଣିଗ୍ରାହୀ, ସ୍ୱାଧୀନ ଏକତା ସଂଗଠନର ରାଜୀବ ମିଶ୍ର ତଥା ଫିବଶର ସୁଭାଶିଷ ନାୟକ ଯୋଗ ଦେଇଥିଲେ ଛ ଏହି କାର୍ଯକ୍ରମରେ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ, ଛାତ୍ର-ଛାତ୍ରୀ ଏବଂ ଅଭିଭାବକ ସହ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ଆନନ୍ଦ ଚକ୍ରବର୍ତ୍ତି , ଜୟଶ୍ରୀ ରାଓ, ସରୋଜ କୁମାର ଆଚାଯ୍ୟ , ସନ୍ତୋଷ କୁମାର ତ୍ରିପାଠୀ, ମିଳନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ରାୟଗଡା,(ସବ୍ୟୁ): ରାଜ୍ୟରେ ଅସୁରକ୍ଷିତ ସାମ୍ବାଦିକ । ତେଜିଲା ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ନେଇ ବ୍ଲକ ଠାରୁ ରାଜ୍ୟ ପର୍ଯ୍ୟନ୍ତ ଦାବି । ଦେଶରେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ବିଭିନ୍ନ ସମୟରେ ଅସୁରକ୍ଷିତ ତଥା ଅବହେଳିତ ହେଉଥିବାର ନଜରକୁ ଆସୁଛି । ବର୍ତ୍ତମାନ ସାମ୍ବାଦିକଙ୍କ ସ୍ୱାଧୀନତା ଅନୁସାରେ ସାମ୍ବାଦିକତା କରିବାକୁ ଅସମର୍ଥ ହେଉଛନ୍ତି। କାରଣ ସାମ୍ବାଦିକମାନଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି । ଯେଉଁ ସାମ୍ବାଦିକ ସମାଜରେ ହେଉଥିବା ଅନ୍ୟାୟ ଅତ୍ୟାଚାର ଦୁର୍ନୀତିକୁ ଲୋକଲୋଚନକୁ ଆଣିଥାଏ । ତାକୁ କେତେବେଳେ ରାଜନେତାର ଚାପ ତ କେତେବେଳେ ଠିକାଦାର ମାନଙ୍କ ଅତ୍ୟାଚାର ସାମନା କରିବାକୁ ପଡୁଛି । ଯାହା ବଲାଙ୍ଗିର ଅଞ୍ଚଳରେ ଜଣେ ଠିକାଦାର ଜଣେ ବରିଷ୍ଠ ସାମ୍ବାଦିକଙ୍କୁ କଙ୍ଗାରୁ କୋର୍ଟ କରି ମାଡ଼ ମାରିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ । ତଥାପି ରାଜ୍ୟ ସରକାର ସାମ୍ବାଦିକ ସୁରକ୍ଷା ପ୍ରତି କୌଣସି ଚରମ ପଦକ୍ଷେପ ନନେବା ଅତି ଦୁଃଖର କଥା । ତେଣୁ ରାଜ୍ୟରେ ସାମ୍ବାଦିକ ସୁରକ୍ଷା ପାଇଁ ପଦକ୍ଷେପ ନେବା ନିମନ୍ତେ ରାୟଗଡା ଜିଲ୍ଲା ସଦର ମହକୁମା ଠାରୁ ବିଭିନ୍ନ ବ୍ଲକର ବରିଷ୍ଠ ସାମ୍ବାଦିକ ମାନେ ଜିଲ୍ଲା ଏବଂ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନଙ୍କ ଜରିଆରେ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ପୋଖରୀରେ ବୁଡି ୧୦ ବର୍ଷ ବାଳକର ମୃତ୍ୟୁ

କନ୍ଧମାଳ,(ସବ୍ୟୁ): ଘଣ୍ଟାପଡା ଥାନା ଅନ୍ତର୍ଗତ କୋଡ଼ି ବାହାଲ ଗ୍ରାମରେ ଶୁକ୍ରବାର ପୋଖରୀରେ ବୁଡି ଜଣେ ୧୦ ବର୍ଷ ନାବାଳକର ମୃତ୍ୟୁ ହୋଇଛି । ମୃତଦେହକୁ ଘଣ୍ଟାପଡା ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ପଠାଇଥିବା ପ୍ରକାଶ । ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ସାଙ୍ଗ ମାନଙ୍କ ସହ ଘଣ୍ଟାପଡା ଥାନା କୋଡ଼ିବାହାଲ ଗ୍ରାମର ରଙ୍କନିଧି କର୍ମଙ୍କ ୧୦ ବର୍ଷର ପୁଅ ଆଦିତ୍ୟ ଗ୍ରାମ ନିକଟ ପୋଖରୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନଥିଲା । ପରିବାର ଲୋକେ ପୋଖରୀରେ ବୁଡି ଯାଇଥିବା ସନ୍ଦେହ କରି ଖୋଜା ଖୋଜି କରି ମୃତଦେହକୁ ଉଦ୍ଧାର କରିଥିଲେ । ଏ ସମ୍ପର୍କରେ ଘଣ୍ଟାପଡା ପୋଲିସକୁ ସୂଚନା ଦେବା ପରେ ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ସନ୍ଧ୍ୟାରେ ମନମୁଣ୍ଡା ଡାକ୍ତରଖାନା ପଠାଇଥିବା ପୋଲିସ ସୂତ୍ରରୁ ପ୍ରକାଶ ।

# ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ ଦାବିରେ ଡିଆଇଜିଙ୍କୁ ଦାବିପତ୍ର




ବୋରିଗୁମ୍ମା,(ସବ୍ୟୁ): ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଓଜେୟୁ କୋରାପୁଟ ଜିଲ୍ଲା ଶାଖା ର ସଭାପତି ରବି ନାୟକଙ୍କ ନେତୃତ୍ୱରେ ଶୁକ୍ରବାର ଓଜେୟୁର ପାଞ୍ଚ ଜଣିଆ ଟିମ ଦକ୍ଷିଣ ପଶ୍ଚିମାଞ୍ଚଳ ଡ଼ିଆଇଜି ଅଖିଳେଶ୍ୱର ସିଂଙ୍କୁ ଭେଟି ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଦାବରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ରାଜ୍ୟ ତଥା ଦେଶର ଜନସାଧାରଣଙ୍କୁ ଖବର ତଥା ସମସ୍ତ ସୂଚନା ଯୋଗାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ସାମ୍ବାଦିକ ମାନେ ଆଜି ତାଙ୍କ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେବା ସହ ଅସାମାଜିକତତ୍ତ୍ୱର ପ୍ରଥମ ଶିକାର ସାଜିଥିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ଯଦିଓ ଗଣମାଧ୍ୟମ ଜାତୀୟ ତଥା ଅନ୍ତର୍ଜାତୀୟ ସମସ୍ତ ଘଟଣାର ଟିଖିନିଖି ତଥ୍ୟ ଜନସାଧାରଣଙ୍କ ନିକଟରେ ଉପସ୍ଥାପନ କରୁଛନ୍ତି କିନ୍ତୁ ନିଜେ ଗଣମାଧ୍ୟମ ପ୍ରତିନିଧି ଆଜି ନିଜ ସୁରକ୍ଷା ଓ ସେ ସମ୍ପର୍କିତ ଆଇନ ବ୍ୟବସ୍ଥା ଏଯାଏଁ ବଞ୍ଚିତ ହୋଇ ଆସୁଛି। ସାମ୍ବାଦିକ ସୁରକ୍ଷା ଆଇନର ଅଭାବରୁ ହଜାର ହଜାର ଗଣମାଧ୍ୟମ ପ୍ରତିନିଧି ଆଜି ନିର୍ଯାତିତ, ଅପମାନିତ, ଲାଞ୍ଛିତ ତଥା ହତ୍ୟାର ଶିକାର ହେଉଛନ୍ତି। ନିକଟ ଅତୀତରେ ଏକ ନିର୍ମାଣ କାର୍ଯ୍ୟର ଭିଡ଼ିଓ ଉତ୍ତୋଳନ କରିବା ସମୟରେ ବଲାଙ୍ଗିର ଜିଲ୍ଲା ର ଜଣେ ସାମ୍ବାଦିକଙ୍କୁ ଦୁଇ ଘଣ୍ଟା ଧରି ବାନ୍ଧି ରଖି ଶାରୀରିକ ନିର୍ଯାତନା ଦେଇଥିଲେ। ବର୍ତ୍ତମାନ ପରିସ୍ଥିତିରେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ କେଉଁଠି ମଧ୍ୟ ସାମ୍ବାଦିକ ଙ୍କ ସୁରକ୍ଷା ସୁନିଶ୍ଚିତ ହୋଇପାରି ନାହିଁ। ତେଣୁ ତୁରନ୍ତ ରାଜ୍ୟ ସରକାର ଏକ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରି ଗଣତନ୍ତ୍ରକୁ ସୁରକ୍ଷିତ ରଖିବା ପାଇଁ ଓଡିଶା ସାମ୍ବାଦିକ ସଂଘ(ଓଜେୟୁ) କୋରାପୁଟ ଜିଲ୍ଲା ଶାଖା ଦାବି କରି ମୁଖ୍ୟମନ୍ତ୍ରୀଙ୍କୁ ସବିନୟ ଅନୁରୋଧ ତଥା ଦାବୀ ଉପସ୍ଥାପନ କରୁଛୁ। ଆଶା କରୁଛୁ,ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଏକ ସକାରାତ୍ମକ ନିଷ୍ପତ୍ତି ତଥା ଆଶୁ ପଦକ୍ଷେପ ଗ୍ରହଣ କରିବା ହେବେ। ଡିଆଇଜି ଶ୍ରୀ ସିଂଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଓଜେୟୁ କୋରାପୁଟ ଜିଲ୍ଲା ଶାଖା ସାଧାରଣ ସମ୍ପାଦକ ରବିଶଙ୍କର ମହାପାତ୍ର, କୋଷାଧ୍ୟକ୍ଷ ସୁଶୀଲ କୁମାର ଷଡଙ୍ଗୀ, ଉପ ସଭାପତି ତ୍ରିନାଥ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କେ.ସାକିଲି ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲ ପ୍ରମାଣ ପତ୍ରରେ ଶିକ୍ଷକତା!

ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ବର୍ଷ ବର୍ଷ ଧରି ଜାଲ ଶିକ୍ଷାଗତ ପ୍ରମାଣପତ୍ରରେ ଶିକ୍ଷକତା କରୁଥିଲେ ମଧ୍ୟ କାର୍ଯାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ଲକର ଅନେକ ଶିକ୍ଷକ ଶିକ୍ଷୟିତ୍ରୀ ଅଣସ୍ୱୀକୃତିପ୍ରାପ୍ତ ବିଶ୍ୱ ବିଦ୍ୟାଳୟ କିମ୍ବା ତାଲିମ କେନ୍ଦ୍ରରୁ ସିଟି, ବିଇଡି ପାସ ପ୍ରମାଣ ପତ୍ର ଆଣି ଚାକିରୀ କରୁଛନ୍ତି। କିଛି ଫେଲ ଶିକ୍ଷକ ମଧ୍ୟ ପ୍ରମାଣ ପତ୍ରରେ ଦର୍ଶାଯାଇଥିବା ମାର୍କରେ ଚଞ୍ଚକତା କରି ଅଧିକ ମାର୍କ ଦର୍ଶାଇ ଚାକିରି କରୁଥିବା ଅଭିଯୋଗ ହେଉଛି। ସେଭଳି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ କେବେ କାର୍ଯାନୁଷ୍ଠାନ ହେବ ବୋଲି ସଚେତନ ମହଲ ରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାଲ ଶିକ୍ଷାଗତ ପ୍ରମାଣ ପତ୍ରରେ ଚାକିରି କରୁଥିବା ଜଣାପଡିବା ପରେ ସରକାର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଯାଞ୍ଚ କରାଇଥିଲେ। ଯାଞ୍ଚ ସତ୍ତ୍ୱେ ଜାଲ ଶିକ୍ଷାଗତ ପ୍ରମାଣ ପତ୍ରରେ ଅନେକ ଶିକ୍ଷକତା କରୁଥିଲେ ମଧ୍ୟ କିପରି ଧରା ପଡି ପାରୁ ନାହାନ୍ତି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ପ୍ରମାଣ ପତ୍ର ଯାଞ୍ଚ କରୁଥିବା କିଛି ଅଧିକାରୀ ମଧ୍ଯ ଦୁର୍ନୀତିରେ ସାମିଲ ରହିଥିବା ଅଞ୍ଚଳରେ ବେଶ ଚର୍ଚ୍ଚା ହେଉଛି। ବଶ୍ୱ ବିଦ୍ୟାଳୟରୁ ଫେଲ ହୋଇଥିବା ବେଳେ ପାସ ପ୍ରମାଣ ପତ୍ର ଦେଇ ସିନାପାଲି ବ୍ଲକରେ ୫୦ରୁ ଉର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ବର୍ଷ ବର୍ଷ ଧରି ଶିକ୍ଷକତା କରୁଥିବା ଅସମର୍ଥିତ ସୂତ୍ରରୁ ସୂଚନା ମିଳିଛି। କିନ୍ତୁ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। କିଛି ଶିକ୍ଷକ ନିଜେ ପଢିଥିବା ବିଶ୍ୱ ବିଦ୍ୟାଳୟ ଦେଖି ନ ଥିବା ବେଳେ ମୋଟା ଅଙ୍କର ଅର୍ଥ ଦେଇ ସେଭଳି ବିଶ୍ୱ ବିଦ୍ୟାଳୟରୁ ବିଇଡି ଶିକ୍ଷାଗତ ପ୍ରମାଣ ପତ୍ର ଆଣି ଶିକ୍ଷକତା କରୁଥିବା ସାଧାରଣରେ ଆଲୋଚନା ହେଉଛି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ ନିୟମିତ ବ୍ୟବଧାନରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଯାଞ୍ଚ କରାଯାଇଛି। ଏହା ସତ୍ତ୍ୱେ କେଉଁ କାରଣରୁ ଆଜି ପର୍ଯ୍ୟନ୍ତ ସିନାପାଲି ବ୍ଲକରେ ଜଣେ ବି ଶିକ୍ଷକ ଧରାପଡି ପାରି ନାହାନ୍ତି ତାହା ସମସ୍ତଙ୍କୁ ବିସ୍ମିତ କରିଛି। ଯାଞ୍ଚ କରୁଥିବା ଅଧିକାରୀ ତଥା କର୍ମଚାରୀ ମାନଙ୍କ ମଧ୍ୟରୁ କିଛି ନିଜେ ଜାଲ ପ୍ରମାଣ ପତ୍ରରେ ଚାକିରୀ କରୁଥିବା ଓ କିଛି ପ୍ରଭାବଶାଳୀ ଶିକ୍ଷକଙ୍କ ରାଜନୈତିକ ପତିଆରା ସହ ଚିହ୍ନା ମୁହଁ ଯୋଗୁଁ ଯାଞ୍ଚ ଅଧିକାରୀ ସବୁ ଜାଣି ଶୁଣି ଚୁପ ରହିବାକୁ ବାଧ ହେଉଥିବା ସାଧାରଣରେ ଆଲୋଚନା ହେଉଛି। କିଛି ଶିକ୍ଷକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଗୋଲାମଗିରି କରୁଥିବାରୁ ସଂପୃକ୍ତ ଅଧିକାରୀ ମାନଙ୍କ ଛତ୍ରଛାୟା ତଳେ ରହି ଦୀର୍ଘ ବର୍ଷ ଧରି ଜାଲ ପ୍ରମାଣ ପତ୍ରରେ ଚାକିରୀ କରୁଥିଲେ ମଧ୍ୟ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇପାରୁ ନାହିଁ। ସିନାପାଲି ଅଞ୍ଚଳର ଶହ ଶହ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀ ଚାକିରୀ ଆଶାରେ ରହିଛନ୍ତି। ଅନ୍ୟ ପଟେ ଜାଲ ପ୍ରମାଣ ପତ୍ର ଦେଇ ଅନେକ ଶିକ୍ଷକ ବର୍ଷ ବର୍ଷ ଧରି ସରକାରୀ ତହବିଲରୁ କୋଟି କୋଟି ଟଙ୍କା ହାତେଇ ନେବାରେ ସକ୍ଷମ ହେଉଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏଙ୍କୁ ପଚାରିବାରୁ ମୁଁ କିଛି ଜାଣିନାହିଁ ବୋଲି ଉତ୍ତର ରଖିଥିଲେ ।

### ଆଜି ଶିବ-ପାର୍ବତୀଙ୍କ ବିବାହ

# ସାକ୍ଷୀ ହେବାକୁ ଆସିଲେ ସାକ୍ଷୀ ଗୋପୀନାଥ, ହନୁମାନ ଦେଲେ ନିଉତା

ସମ୍ବଲପୁର,(ସବ୍ୟୁ): ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ଶନିବାର ମହେନ୍ଦ୍ର ମୂହୁର୍ତ୍ତରେ ରୀତିନୀତି ସହ ସମ୍ପନ୍ନ ହେବ । ଏଥିପାଇଁ ସମ୍ବଲପୁର ସହରର ସୁସଜ୍ଜିତ ଆଲୋକମାଳାରେ ଝଟକୁଛି । ଘରେ ଘରେ ବନ୍ଧୁ ପରିଜନ ଆସି ପହଞ୍ଚିଛନ୍ତି । ସେହିପରି ବିବାହ ମଣ୍ଡପ ଗୁଡିକ ସଜ୍ଜିତ ହୋଇ ଦେବଦମ୍ପତିଙ୍କ ଅପେକ୍ଷାରେ ରହିଛି । ନନ୍ଦପଡାର ଶ୍ରୀଶ୍ରୀ ବଂ ବଂ ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡାର ଶ୍ରୀଶ୍ରୀ ଲୋକନାଥ ବାବା ଓ ମୁଦିପଡାର ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧାର ଶ୍ରୀ ସୋମନାଥ ବାବା, ବୁଢାରଜାର ଶ୍ରୀଶ୍ରୀ ବୁଢାରଜା ମହାଦେବ, ବଡବଜାରର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡାର ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବା, ଦୁର୍ଗାପାଲିର ଶ୍ରୀଶ୍ରୀ ଗୁଡେଶ୍ୱର ବାବା ଆଦି ଶୈବପୀଠଗୁଡିକ ଆଲୋକମାଳାରେ ସଜ୍ଜିତ ହୋଇଛି । ବିବାହ ମଣ୍ଡପଗୁଡିକୁ ଆକର୍ଷଣୀୟ ଫୁଲରେ ସଜ୍ଜିତ କରାଯାଇଛି । ଏହି ବିବାହରେ ସାକ୍ଷୀ ଦେବାକୁ ଶୁକ୍ରବାର ଗୋଧୂଳି ଲଗ୍ନରେ ବାହାରି ସାକ୍ଷୀଗୋପିନାଥ ଠାକୁର ନନ୍ଦପଡା ବଂ ବଂ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ପୀଠରେ ରାତିରେ ପହଞ୍ଚିଛନ୍ତି । ଯାତ୍ରା କମିଟି ପକ୍ଷରୁ ସାକ୍ଷୀଗୋପିନାଥଙ୍କୁ ବନ୍ଦାଣ କରି ମନ୍ଦିର ଭିତରକୁ ନିଆଯାଇଥିଲା । ସାକ୍ଷୀପଡା ମନ୍ଦିରରେ ଶଶାଙ୍କ ଶେଖର ମିଶ୍ର ଓ ଲକ୍ଷପତି ମହାପାତ୍ର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ । ଏହାପରେ ଠାକୁର ସ୍ୱତନ୍ତ୍ର ବିମାନରେ ଭବ୍ୟ ଶୋଭାଯାତ୍ରାରେ ନନ୍ଦପଡା ଅଭିମୁଖେ ବାହାରିଥିଲେ । ବାଟରେ ମହିଳାମାନେ ଘର ସମ୍ମୁଖରେ ପୂର୍ଣ୍ଣ କଳସ ସ୍ଥାପନ କରି ସାକ୍ଷୀଗୋପିନାଥଙ୍କୁ ବନ୍ଦାଣ କରି ଆର୍ଶିବାଦ ଭିକ୍ଷା କରିଥିଲେ । ଦୁଲଦୁଲି ବାଜା, ଘଣ୍ଟ, ଶଙ୍ଖରେ ରାଜରାସ୍ତା ଦୁଲକି ଉଠିଥିଲା । ଭକ୍ତମାନଙ୍କ କାନ୍ଧରେ ଠାକୁର ସାକ୍ଷୀଗୋପିନାଥ ସାକ୍ଷୀପଡା, ଅଶୋକା ଟକିଜ ଛକ, ବୀରସୁରେନ୍ଦ୍ର ସାଏ ମାର୍ଗ, ଲକ୍ଷ୍ମୀ ଟକିଜ, ଗୋଲବଜାର ଛକ, ସାନସଡକ, ମହାନ୍ତିପଡା ଛକ ପରିକ୍ରମା କରି ନନ୍ଦପଡା ମନ୍ଦିରରେ ପହଞ୍ଚିଥିଲେ । ବାଲୁଙ୍କେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହରେ ଠାକୁର ସାକ୍ଷୀ ହେବେ । ଏଥିସହ ଦେବଦମ୍ପତିଙ୍କ ସହ ଶୋଭାଯାତ୍ରାରେ ନଗର ପରିକ୍ରମା କରିବେ । ସାତଦିନ ପରେ ଠାକୁର ଶୋଭାଯାତ୍ରାରେ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟପକ୍ଷେ ପରମ୍ପରା ଅନୁସାରେ ଶୁକ୍ରବାର ସନ୍ଧ୍ୟାରେ ହନୁମାନ ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ସବୁ ଦେବାଦେବୀଙ୍କୁ ନିଉତା ଦେଇଛନ୍ତି । ବିଭିନ୍ନ ପୂଜା କମିଟି ପକ୍ଷରୁ ହନୁମାନଙ୍କୁ ଶୋଭାଯାତ୍ରାରେ ନିଆଯାଇଥିଲା । ସାକ୍ଷୀଗୋପିନାଥଙ୍କୁ ନେଇ ଶୋଭାଯାତ୍ରା ଏବଂ ହନୁମାନଙ୍କ ନିଉତା ପାଇଁ ସହର ଉତ୍ସବ ମୁଖର ହୋଇ ଉଠିଥିଲା ।



# ଧାନକିଣା ପ୍ରସଙ୍ଗକୁ ନେଇ ତାଳପଦର ମଣ୍ଡିରେ ଚାଷୀ ଅସନ୍ତୋଷ

ବରଗଡ଼,(ସବ୍ୟୁ) : ବିଜେପୁର ବ୍ଲକ ତାଳପଦର ମଣ୍ଡିରେ ଧାନ କିଣା ପ୍ରସଙ୍ଗକୁ ନେଇ ଚାଷୀ ଅସନ୍ତୋଷ । ଏହି ମଣ୍ଡିରେ ମା ରାମଚଣ୍ଡୀ ମହିଳା ଏସଏଚଜି ଧାନ ସଂଗ୍ରହ ଦାୟିତ୍ୱରେ ଅଛନ୍ତି । ମଣ୍ଡି ୧୫ ତାରିଖରୁ ଧାନ ପଡ଼ିଛି ହେଲେ ଯେଉଁ ମାନେ ୨/୩ କେଜି କଟନୀ ଦେଉଛନ୍ତି ସେମାନଙ୍କ ଧାନ ଶୀଘ୍ର କିଣାଯାଉଥିବା ସ୍ଥାନୀୟ କୃଷକ ମାନେ ଅଭିଯୋଗ କରୁଛନ୍ତି । ପ୍ରକାଶ ଥାଉକି ଗତ ଋତୁରେ ଧାନ ମଧ୍ୟ ସେମିତି କଟନୀ ଦେଉଥିବାର ଚାଷୀଙ୍କ ଧାନ ସୁରୁଖୁରୁରେ ଉଠୁଥିବା ବେଳେ ଯେଉଁମାନେ ସଫା ଶୁଖା ଏବଂ ବିକ୍ରି ଉପଯୁକ୍ତ ଧାନ ଆଣିଥିଲେ ମଧ୍ୟ ଚାଷୀମାନଙ୍କୁ ଅନେକ ହଇରାଣ ହରକତ ହେବାକୁ ପଡିଛି । ଏପରିକି ମଣ୍ଡିରେ ଧାନ ଚୋରି ହୋଇଥିବା ମଧ୍ୟ ବିଭିନ୍ନ ଅଧିକାରୀ ମାନଙ୍କୁ କୃଷକ ମାନେ ଜଣାଇଛନ୍ତି । ସେଥିପାଇଁ ଚଳିତ ଋତୁରେ ଚାଷୀମାନଙ୍କ ଧାନ ଓଜନ କରି ଅନଲାଇନ କରି ଧାନ ରଖିବାକୁ ଚାଷୀମାନେ ଅଡ଼ି ବସିଛନ୍ତି । କିନ୍ତୁ ଧାନ କିଣା ଦାୟିତ୍ୱରେ ଥିବା ଅଧିକାରୀ ମାନେ କହିବା ଅନୁସାରେ ମଣ୍ଡିରେ ଅନଲାଇନ ଏଣ୍ଟ୍ରି ବ୍ୟବସ୍ଥା ନାହିଁ । ଯଦି ଅନଲାଇନ କରିବାକୁ ବାଧ୍ୟକରିବେ ତାହାହେଲେ ଆମେ ଅନାଲାଇଜର ମେସିନରେ ପରୀକ୍ଷା କରିବୁ କହିବାରୁ ଚାଷୀମାନେ ଆହୁରି ବିରକ୍ତ ହୋଇ ତାଙ୍କ ଉପରସ୍ଥ ଅଧିକାରୀ ମାନଙ୍କୁ ଫୋନ ଯୋଗେ ଜଣାଇବାରୁ ସହକାରୀ ଯୋଗାଣ ଅଧିକାରୀ ଦିବ୍ୟସିଂ ବଡ଼ମାଳି ଏବଂ ବ୍ୟାମାଲେଶ ମାଝୀ ଆସି ଚାଷୀ ମାନଙ୍କ ଦାବୀ ମୁତାବକ ଏଫ ଏ କ୍ୟୁ ଧାନରେ କଟନୀ ହେବ ନାହିଁ ଏବଂ ଶୀଘ୍ର ଧାନ ଉଠାଯିବ କାହାକୁ ହଇରାଣ କରାଯିବ ନାହିଁ ବୋଲି ପ୍ରତିଶୃତି ଦେଇଛନ୍ତି । ଆଲୋଚନାରେ ଗ୍ରାମର କ୍ଷୀରୋଦ୍ର ପଧାନ, ଶିବ ସାହୁ, ମୁକେଶ ସାହୁ, ଧନେଶ୍ୱର ସାହୁ, ଯୋଗେନ୍ଦ୍ର ସାହୁ, ମହେନ୍ଦ୍ର ପଧାନ ଏବଂ କୃଷକ ସଂଗଠନର ସଭାପତି ସୁବାସ ପଧାନ, ସାମନ୍ତ ସାହୁ, କ୍ଷୀରସିନ୍ଧୁ ବଗର୍ତୀ ଏବଂ ରମେଶ ମହାପାତ୍ର ଉପସ୍ଥିତ ଥିଲେ ।

# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପ୍ରଥମ ଅତିରିକ୍ତ ଜିଲ୍ଲା ବିଚାରପତି ଶିବପ୍ରସାଦ ମିଶ୍ର ଏକ ହତ୍ୟା ମାମଲାର ବିଚାର କରି ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ରାୟ ପ୍ରଦାନ କରିଛନ୍ତି । ଏଥିସହ ୨୦ହଜାର ଟଙ୍କା ଜରିମାନା କରିଥିବା ଜଣାପଡିଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗମ୍ଭାରୀପଙ୍କ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିରଣ ନାଏକ(୫୫) ଗତ ୨୪ଜୁନ୍, ୨୦୧୪ରେ ବାକୁଲା ଗର୍ଡିଆଙ୍କ ଛୁରିରେ ଭୁସି ହତ୍ୟା କରିଥିଲେ । ଏନେଇ ଶାସନ ଥାନାରେ ୮୪/୧୪ରେ ଏକ ମାମଲା ରୁଜୁ କରାଯାଇଥିଲା । ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ କିରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାର ବିଚାର କରି କୋର୍ଟ ୨୩ଜଣ ସାକ୍ଷ୍ୟ ଓ ୧୬ଟି ଦସ୍ତାବିଜକୁ ବିଚାର କରି ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ଅତିରିକ୍ତ ପିପି ସବୀର ଅହମ୍ମଦ ପରିଚାଳନା କରିଥିଲେ ।


**AFFIDAVIT**

I SUBASH AGRAWAL, S/O-RAMESWARLAL AGRAWAL, RESIDENT OF MARWADIPADA, WARD NO-03, DIST-JHARSUGUDA, ODISHA, PIN-768201 DECLARE BY THIS AFFIDAVIT NO : 3296, DATED : 28.05.2025 THAT NOW ONWARDS I SHALL BE KNOWN AS SUBASH KUMAR AGRAWAL FOR ALL PURPOSES.

**SUBASH KUMAR AGRAWAL, MARWADIPADA, WARD NO-03, DIST - JHARSUGUDA, ODISHA PIN-768201**


### ପାତାଳୀ ଶ୍ରୀକ୍ଷେତ୍ରରେ ଗୋ-ବିଜ୍ଞାନ

# ଗୋ-ଅର୍ଥନୀତି ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ସୋନପୁର,(ସବ୍ୟୁ): ପାତାଳୀ ଶ୍ରୀକ୍ଷେତ୍ର କୋଟସମଲାଇ ଠାରେ ଚାଲିଥିବା ଗୋ ବିଜ୍ଞାନ , ଗୋ ଅର୍ଥନୀତି ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି। ଉଦଯାପନୀ ସଭାରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ଗବେଷକ ସାଳେଗ୍ରାମ ହୋତା , ଗୋରେଖନାଥ ସାହୁ ଆଦି ଯୋଗ ଦେଇଥିଲେ। ସମସ୍ତ ଅତିଥି ଗୋ ମାହାତ୍ମ୍ୟ ଓ ଗୋ ଜାଗରଣ ଉପରେ ମତବ୍ୟକ୍ତ କରିଥିଲେ। ସମସ୍ତ ଶିବିରାର୍ଥି ଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମାଁ ମାହେଶ୍ୱରୀ ଗୋ ସେବାଶ୍ରମର ମଧୁସୂଦନ ମହାକୁରଙ୍କୁ ଦେଶୀ ଗୋ ମାତାଙ୍କ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ମାତାଙ୍କ ପ୍ରତି ଏକ ନବ ସମ୍ବେଦନା ଆରମ୍ଭ କରିବା ସହ ଗାଁର ଚାଷୀ ଯୁବ ଗୋଷ୍ଠୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ମାନଙ୍କୁ ଦେଶୀ ବେଦ ଲକ୍ଷଣା ଗୋ ମାତାଙ୍କ ଆଶୀର୍ବାଦ ସ୍ୱରୂପ ଗୋବର ଓ ଗୋମୁତ୍ରର ବ୍ୟବହାର ରେ ବାସ୍ତୁ ସୁଧାର ଜିନିଷ ଓ ପଞ୍ଚଗବ୍ୟ ଔଷଧ ନିର୍ମାଣ କରି କେମିତି ସ୍ବାବଲମ୍ବୀ ହୋଇ ପାରିବେ ସେ ନେଇ ତିନି ଦିନ ପ୍ରଶିକ୍ଷଣ ଚାଲିଥିଲା। ଗୋ ଗ୍ରାମର ସୁରଭି ସଂରକ୍ଷଣ ମଞ୍ଚ ତରଫରୁ ଅନୁଷ୍ଠିତ ହୋଇଥିବା ଏହି ଶିବିରରେ ପଞ୍ଚଗବ୍ୟ ଓ ଉର୍ଜା ବିଜ୍ଞାନର ଆଚାର୍ଯ୍ୟ ସୁଶାନ୍ତ କୁମାର ନାୟକ ପ୍ରଶିକ୍ଷଣ ଦେଇଥିଲେ। ସାଥିରେ ସଂଗୀତା ମହାନ୍ତି, ବିଶ୍ୱରଞ୍ଜନ ମହାନ୍ତି ବିଭିନ୍ନ ଔଷଧ ଆଣି ତାର ଗୁଣବତ୍ତା ବତେଇଥିଲେ। ବ୍ଲକସ୍ତରୀୟ ଜୀବିକା ମିଶନ ଅଫିସର୍ ଶ୍ରୀ ମାଝୀଙ୍କ ଉଦ୍ୟମ ରେ ୫୦ରୁ ଉର୍ଦ୍ଧ୍ୱ ଏସ ଏଚ ଜି ମହିଳା ସବୁ ପ୍ରଶିକ୍ଷଣ ନେଇଥିଲେ। ସରକାରୀ ସହାୟତା ମିଳିଲେ ଖୁବ ଶୀଘ୍ର ସବୁ ଉତ୍ପାଦ ନିର୍ମାଣ କରି ସେମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସୋନପୁର, ସମ୍ବଲପୁର ଓ ବଲାଙ୍ଗିର ଜିଲ୍ଲାର ଅନେକ ଯୁବକ ମାନେ ନାଡ଼ି ବିଜ୍ଞାନ, ଉର୍ଯା ବିଜ୍ଞାନ ଓ ପଞ୍ଚଗବ୍ୟ ପ୍ରଶିକ୍ଷଣ ନେବା ସହ ପାଖ ଗାଆଁ ମାନଙ୍କୁ ଯାଇ ଘରକୁ ଘର ଶୁଦ୍ଧ କରିଥିଲେ। ଗୋ ମାତାଙ୍କ ଉପସ୍ଥିତି ଘରର ବାସ୍ତୁ ଓ ପରିବାରର ସ୍ୱାସ୍ଥ୍ୟ ସହ ପାରିବାରିକ ସମ୍ବନ୍ଧ ସୁଧାରିବାରେ କେତେ ମହତ୍ତ୍ୱପୂର୍ଣ୍ଣ ସେମାନେ ପ୍ରୟୋଗ ଦେଖାଇ ଲୋକଙ୍କୁ ବୁଝାଇ ପାରିଥିଲେ। ଏଥିପାଇଁ ଏ ତିନି ଦିନର ଶିବିରରେ ଅଞ୍ଚଳର ଅନେକ ରୋଗୀ ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ଶିବିରକୁ ଆସିଥିଲେ ଓ ଅନେକ ଅନେକ ଦୁଃସାଧ୍ୟ ରୋଗ ଯେମିତି ଆଣ୍ଠୁ ଗଣ୍ଠି ବାତ ଆଦିରେ ତୁରନ୍ତ ଉପଶମ ପାଇଥିଲେ। ଶେଷରେ ସମସ୍ତ ଗୋ ଭକ୍ତଙ୍କ ମଧ୍ୟରେ ଏକ ସମୀକ୍ଷା ବୈଠକ ହୋଇଥିଲା। ସରକାର ଚାଷୀଙ୍କୁ ଦେଶୀ ଗୋ ମାତା ପ୍ରଦାନ କରନ୍ତୁ। ପୁରୀ ଶ୍ରୀମନ୍ଦିର ଓ ପାତାଳୀ ଶ୍ରୀକ୍ଷେତ୍ର ମନ୍ଦିର ସହ ଦେବୋତ୍ତର ବିଭାଗ ଅଧୀନ ରେ ଥିବା ସମସ୍ତ ମନ୍ଦିରରେ ଦେଶୀ ଗୁଆ ଘିଅରେ ଭୋଗ ଓ ପୂଜା କାର୍ଯ୍ୟ କରିବା ପାଇଁ ସରକାର ଯତ୍ନବାନ ହୁଅନ୍ତୁ। ସେମାନେ ଗାଁ ଗାଁ ରେ ଗୋ ମାହାତ୍ମ୍ୟ ପ୍ରଚାର କରିବା ସହ ଗାଆଁ ରୁ ଗୋଟି ଗୋଟି ରୋଗ ସମୂଳେ ନିପାତ କରିବା ପାଇଁ ତଥା ସରକାରୀ ଷଡ଼ଯନ୍ତ୍ର ରେ ଓ ଦେବୋତ୍ତର ବିଭାଗ ନେତୃତ୍ୱରେ ସବୁ ମନ୍ଦିର ମାନଙ୍କରେ ବ୍ୟବହାର ହେଉଥିବା ଗାଈ ଚର୍ବି ଯୁକ୍ତ ଘିଅ ବନ୍ଦ୍ କରିବା ପାଇଁ ସଂକଳ୍ପ ନେଲେ। ଶିବିରରେ ସମସ୍ତ ସହଯୋଗ କରିଥିବାରୁ ମଞ୍ଚ ତରଫରୁ ପାତାଳୀ ସେନା ଓ ଶ୍ରୀ ପାତାଳୀ କ୍ଷେତ୍ର ଟ୍ରଷ୍ଟ କୁ ସାଧୁବାଦ୍ ଦିଆଯାଇଛି। ଶେଷରେ ସୁବର୍ଣ୍ଣପୁର ସମେତ ପଶ୍ଚିମ ଓଡ଼ିଶାରେ ଗୋ ଅର୍ଥନୀତିର ଜାଗରଣ ପାଇଁ ପ୍ରଚେଷ୍ଟା କରିଥିବାରୁ ଗୋ ଗ୍ରାମର ସମସ୍ତ ଆଚାର୍ଯ୍ୟ ଓ ସହଯୋଗୀଙ୍କୁ ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## କଳାହାଣ୍ଡି ଜିଲ୍ଲାରେ ଟିପିଡବ୍ଲ୍ୟୁଓଡିଏଲର ନୂତନ ମଣ୍ଡଳ କାର୍ଯ୍ୟାଳୟ ଗୃହ ଉଦଘାଟିତ

ଭବାନୀପାଟଣା, (ସବ୍ୟୁ) : କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଭବାନୀପାଟଣା ସହରର ନାକଟିଗୁଡ଼ାଠାରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ନୂତନ ମଣ୍ଡଳ କାର୍ଯ୍ୟାଳୟ ଗୃହ ୨୮ ତାରିଖ ଦିନ ଉଦଘାଟିତ ହୋଇଯାଇଛି । କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଟିପିଡବ୍ଲ୍ୟୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଏହାକୁ ଉଦଘାଟନ କରିଛନ୍ତି ।

ନୂତନ ଭାବେ ଉଦଘାଟିତ ଏହି ମଣ୍ଡଳ କାର୍ଯ୍ୟାଳୟ କୋଠାରେ କଳାହାଣ୍ଡି ପୂର୍ବ ବିଦ୍ୟୁତ୍ ବିଭାଗର କାର୍ଯ୍ୟାଳୟ ମଧ୍ୟ ଅବସ୍ଥିତ ରହିଛି । ଯାହା ସମଗ୍ର ଜିଲ୍ଲାରେ ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ଏକ କେନ୍ଦ୍ରୀକୃତ ହବ୍ ଭାବେ କାର୍ଯ୍ୟ କରିବ । ଏହି ଗୁରୁତ୍ୱପୂର୍ଣ୍ଣ ବିକାଶ ସହିତ, କଳାହାଣ୍ଡି ଜିଲ୍ଲାର ତିନି ଲକ୍ଷରୁ ଅଧିକ ବିଦ୍ୟୁତ୍ ଗ୍ରାହକ ଗୋଟିଏ ଛାତ ତଳେ ବିଭିନ୍ନ ବିଦ୍ୟୁତ୍ ଜନିତ ସମସ୍ୟାର ସମାଧାନ, ବିଦ୍ୟୁତ୍ ବିଲ୍ ସମ୍ବନ୍ଧୀୟ ପ୍ରଶ୍ନ, ନୂତନ ସଂଯୋଗ ଏବଂ ଅନ୍ୟାନ୍ୟ ଗ୍ରାହକ ସହାୟତା ପାଇ ପାରିବେ । ଏହି ନବନିର୍ମିତ କାର୍ଯ୍ୟାଳୟ ଗୃହକୁ ଆଧୁନିକ ଭିତ୍ତିଭୂମି ଏବଂ ଜ୍ଞାନକୌଶଳ ସହିତ ନିର୍ମାଣ କରାଯାଇଛି, ଯାହା କର୍ମଚାରୀଙ୍କୁ ଅନେକ ମୌଳିକ ସୁବିଧା ପ୍ରଦାନ କରିବ ସହ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବ । ଯାହା ଫଳରେ ଜିଲ୍ଲାରେ ଗ୍ରାହକ ସେବା ଗୁଣାତ୍ମକ ହେବା ସହିତ ଅଧିକରୁ ଅଧିକ ଉନ୍ନତ ହେବ । ଏକ ଦୀର୍ଘକାଳୀନ ଦୃଷ୍ଟିକୋଣ ସହିତ ଡିଜାଇନ୍ କରାଯାଇଥିବା ଏହି କାର୍ଯ୍ୟାଳୟ ଗୃହର ଲକ୍ଷ୍ୟ ହେଉଛି ଉତ୍ପାଦନଶୀଳ କାର୍ଯ୍ୟ ପରିବେଶକୁ ପ୍ରୋତ୍ସାହିତ କରିବା ଏବଂ ଟିପିଡବ୍ଲ୍ୟୁଓଡିଏଲର କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବା, ଯାହା ଦ୍ୱାରା ସମଗ୍ର ଜିଲ୍ଲାରେ ବିଦ୍ୟୁତ୍ ଏବଂ ଅଧିକ ପ୍ରଭାବଶାଳୀ ଗ୍ରାହକ ସେବା ପ୍ରଦାନ କରାଯାଇ ପାରିବ । ଏହି ଉଦଘାଟନୀ ଉତ୍ସବରେ ଟିପିଡବ୍ଲ୍ୟୁଓଡିଏଲର ସିଇଓ ଶ୍ରୀ ପ୍ରବୀଣ ବର୍ମା ପଶ୍ଚିମ ଓଡ଼ିଶାରେ ଗ୍ରାହକ ସେବା ଏବଂ କାର୍ଯ୍ୟକ୍ଷମ ଦକ୍ଷତା ଉନ୍ନତ କରିବା ପାଇଁ କମ୍ପାନୀର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ପ୍ରକାଶ କରିଥିଲେ ଯେ, ଏହି ନୂତନ ମଣ୍ଡଳ କାର୍ଯ୍ୟାଳୟ ଗୃହଟି ଆମର ସେବାଗୁଡ଼ିକୁ ଗ୍ରାହକଙ୍କ ନିକଟତର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।

# ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶିତ

ସମ୍ବଲପୁର,(ସବ୍ୟୁ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର କଳା, ବିଜ୍ଞାନ ଓ ବାଣିଜ୍ୟର ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ ପାଇଛି । କଳା ସ୍ନାତକରେ ୯୦.୪୭%, ବିଜ୍ଞାନରେ ୯୨.୧୬%, ବାଣିଜ୍ୟରେ ୮୫.୪୪%, ବିବିଏରେ ୯୧.୮୦%, ବିଏସ୍‌ସିଆଇଏସ୍‌ସିରେ ୭୭.୭୮% ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । କଳା ବିଭାଗର ଭୂଗୋଳ ଏବଂ ସଂସ୍କୃତ, ବିଜ୍ଞାନ ବିଭାଗର ଭୂଗୋଳରେ ଶତପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । କଳା ବିଭାଗ ସ୍ନାତକରେ ଇପ୍‌ସିତା ପଣ୍ଡା ନୃତତ୍ତ୍ୱ , ଦୀପକ ଦାଶ ଅର୍ଥନୀତି, ସ୍ୱାଧୀନ ପ୍ରଧାନ ଶିକ୍ଷା, ଉଦିଶିଆ ଫାତ୍‌ମା ଇଂରାଜୀ, ଶୁଚିମୟୀ ମୁନା ଭୂଗୋଳ, ଆଲିମା ଶେଖ୍ ହିନ୍ଦୀ, ସ୍ମୃତିପ୍ରଭା ସାହୁ ଇତିହାସ, ଉଦିତ୍ ପ୍ରଧାନ ଗଣିତ, କ୍ରିଷ୍ଣା ଖମାରୀ ଓଡ଼ିଆ, ଇତିଶ୍ରୀ ଦାଶ ଦର୍ଶନ, ତୁଳେଶ୍ୱର ପ୍ରଧାନ ରାଜନୀତି ବିଜ୍ଞାନ, ବୈଷ୍ଣବୀ ଯାଦବ ମନସ୍ତତ୍ତ୍ୱ , ସସ୍ମିତା ସା ସଂସ୍କୃତ, ଶୁଭମ୍ ନାୟକ ପରିସଂଖ୍ୟାନ ଏବଂ ସ୍ୱୟଂ ସମ୍ଭବ ପୂଜାରୀ ସମାଜଶାସ୍ତ୍ରରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବିଜ୍ଞାନ ବିଭାଗରେ ଅଂଶୁମାନ ଓରାମ୍ ନୃତତ୍ତ୍ୱ , ସମୀକ୍ଷା ସାହୁ ଉଭିଦ ବିଜ୍ଞାନ, ଅର୍ପଣା ସାହୁ ରସାୟନ ବିଜ୍ଞାନ, ସଚିନ ପ୍ରଧାନ କମ୍ପ୍ୟୁଟର ବିଜ୍ଞାନ, ଗାୟତ୍ରୀ ସାହୁ ଭୂଗୋଳ, ସମିତ କୁମାର ପ୍ରଧାନ ଗଣିତ, ପ୍ରଶାନ୍ତ ରଣା ପଦାର୍ଥ ବିଜ୍ଞାନ, ଅଭିଷେକ ଗୌଡ଼ ପରିସଂଖ୍ୟାନ ଏବଂ ବର୍ଷା ମହାପାତ୍ର ଜୀବ ବିଜ୍ଞାନରେ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ବାଣିଜ୍ୟରେ ପ୍ରିୟରନ୍ ବନ୍‌ସୋଦ, ବିବିଏରେ ଅର୍ପିତା ମିଶ୍ର ଏବଂ ବିଏସ୍‌ସିଆଇଏସ୍‌ଟିରେ ଦେବାଶିଷ ମହାପାତ୍ର ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବିଏବିଇଡ଼ିରେ ଡଲି ଜଗତ ଅର୍ଥନୀତି, ଦେବେଶ କୁମାର ସାହୁ ଇଂରାଜୀ, କୁମାର ରାଉତ ଭୂଗୋଳ, ଅନନ୍ୟା ପ୍ରାପ୍ତି ହୋତା ଇତିହାସ, କୀର୍ତ୍ତିମୟୀ ସାହୁ ଓଡ଼ିଆ ଏବଂ ଗାୟତ୍ରୀ ହୋତା ରାଜନୀତି ବିଜ୍ଞାନ ଏବଂ ବିଏସ୍‌ସି ବିଇଡିରେ ପ୍ରୀତିପ୍ରିୟଙ୍କା ପୃଷ୍ଟି ଉଭିଦ ବିଜ୍ଞାନ, ରୀତିକା ସାହୁ ରସାୟନ ବିଜ୍ଞାନ, ଚିନ୍ମୟ ପାତ୍ର ଗଣିତ, ଶିବାନୀ ସାହୁ ପଦାର୍ଥ ବିଜ୍ଞାନ ଏବଂ କାଜଲ ସାଗର ଜୀବ ବିଜ୍ଞାନରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି ।



ସ୍ନାତକୋତ୍ତର (ପିଜି) କଳାରେ ୯୮.୦୧, ବିଜ୍ଞାନରେ ୯୫.୩୫, ବାଣିଜ୍ୟରେ ୯୧.୫୩, ଏଲ୍‌ଆଇଏସ୍‌ରେ ୧୦୦, ଏମ୍‌ସିଏରେ ୮୭.୧୭, ଏମ୍‌ବିଏରେ ୯୫.୩୮, ଏମ୍‌ବିଏ (ଏ'ଏମ୍)ରେ ୮୬.୦୪ ପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ବିଜ୍ଞାନର ପଦାର୍ଥ ବିଜ୍ଞାନ, ନୃତତ୍ତ୍ୱ, ବାୟୋଟେକ୍ନୋଲୋଜି ଓ ବୋଟାନୀ, କଳାର ସଂସ୍କୃତ, ମନସ୍ତତ୍ତ୍ୱ , ରାଜନୀତି ବିଜ୍ଞାନ, ଦର୍ଶନଶାସ୍ତ୍ର, ହିନ୍ଦୀ ଏବଂ ଶିକ୍ଷା ବିଷୟରେ ଶତପ୍ରତିଶତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି । ଏମ୍‌ସିଏରେ ରୋନିତ କୁମାର ସାହୁ, ଏମ୍‌ବିଏରେ ଲିଜା ସାହୁ ଏବଂ ଜ୍ୟୋର୍ତିମୟୀ ବିଶ୍ୱାଳ, ଏମ୍‌ବିଏ (ଏଫ୍‌ଏମ୍)ରେ ସାହିନା ଖାତୁନ୍ ପ୍ରଥମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ପିଜି କଳା, ବିଜ୍ଞାନ, ବାଣିଜ୍ୟ ଓ ଅନ୍ୟାନ୍ୟ ବିଭାଗରେ ବର୍ଷା ରାଉତ, ବର୍ଷାରାଣୀ କର, ସୋନାଲୀ ସାଗରିକା ନାୟକ, ଲକ୍ଷ୍ମୀପ୍ରିୟା ସାହୁ, ଚିନ୍ମୟୀ ପାଣିଗ୍ରାହୀ, ଶ୍ରୀତମ ମହାନନ୍ଦ, ମନୋଜ ସାହୁ, ଅଜିତ ମିଞ୍ଜ, ଶ୍ରେୟା ଅଧିକାରୀ, ଦିପାଳୀ ମେହେର, ସୋନାଲିକା ସାହୁ, ମୁକେଶ ଥାପା, ଚନ୍ଦନ ଜେନା, ସୌମ୍ୟାଶ୍ରୀ ସାହୁ, ଶୁଭଶ୍ରୀ ପ୍ରଧାନ, ରୁବି ପ୍ରଧାନ, ସିପ୍ରା ଶାଶ୍ୱତୀ ପାଢ଼ୀ, କ୍ଷିରୋଦିନୀ ମହାପାତ୍ର, ଦିବ୍ୟା କରିସ୍ମା ପୃଷ୍ଟି, ଚନ୍ଦନ କୁମାର ଦାଶ ଗୋସ୍ୱାମୀ, ବନୀତା ପ୍ରଧାନ, ତରୁଣ କୁମାର ସେନାପତି ଏବଂ ଆକାଂକ୍ଷା ରାଉତ ଶ୍ରେଷ୍ଠ ସ୍ଥାନ ଅଧିକାର କରିଛନ୍ତି । ତେବେ କାର୍ଯ୍ୟକାରୀ କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ, ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ, ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଡେପୁଟି ରେଜିଷ୍ଟ୍ରର ଡ. ଉମାଚରଣ ପତି, ମୁଖ୍ୟ ୱାଡେନ ପ୍ରଫେସର ଅଞ୍ଜଳି ତ୍ରିପାଠୀ ଓ ସହକାରୀ ପରୀକ୍ଷା ନିୟନ୍ତ୍ରକ ପରମତାପ ପ୍ରଧାନ ପରୀକ୍ଷା ଫଳ ପ୍ରକାଶ କରିଥିଲେ ।

### ବଲାଙ୍ଗିର ରେଳ ଷ୍ଟେସନ ଉନ୍ନତିକରଣରେ ଅହେତୁକ ବିଳମ୍ବ

# ରେଳ ବିଭାଗର ଠିକାଦାର ପ୍ରିତୀ ଯୋଗୁଁ ଯାତ୍ରୀ ହନ୍ତସନ୍ତ : ହେମନ୍ତ ପଣ୍ଡା

ବଲାଙ୍ଗିର,(ସବ୍ୟୁ): ଅମୃତ ଭାରତ ରେଳ ଷ୍ଟେସନ ଯୋଜନାରେ ଦେଶର ୧୨୭୫ଟି ରେଳ ଷ୍ଟେସନର ଉନ୍ନତିକରଣ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିଲେ । ଏହି ଯୋଜନା ଅନ୍ତର୍ଗତ ଦେଶର ୧୦୩ଟି ରେଳ ଷ୍ଟେସନର ଉନ୍ନତି କରଣ କାର୍ଯ୍ୟକୁ ଗତ ୨୨ ତାରିଖ ଦିନ ପ୍ରଧାନମନ୍ତ୍ରୀ ଉଦ୍ଘାଟନ କରିଥିଲେ । ହେଲେ ବଲାଙ୍ଗିର ରେଳ ଷ୍ଟେସନର ଉନ୍ନତିକରଣ କାର୍ଯ୍ୟ ଅମୃତ ଭାରତ ଯୋଜନାରେ ଜାରି ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ଦ୍ଧାରିତ ନିର୍ମାଣ କାର୍ଯ୍ୟରୁ ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା କଥା ସୂଚନା ଅଧିକାର ଆଇନ ବଳରେ ଓଡ଼ିଶାର ବିଶିଷ୍ଟ ସୂଚନା ଅଧିକାର କର୍ମି ହେମନ୍ତ କୁମାର ପଣ୍ଡାଙ୍କୁ ପୂର୍ବତଟ ରେଳର ସମ୍ବଲପୁର ଡି ଆର୍ ଏମ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି । ରେଳ ଷ୍ଟେସନ ଉନ୍ନତିକରଣ କାର୍ଯ୍ୟରେ ବିଳମ୍ବ ହୋଇଥିବା ତଥ୍ୟରେ ସ୍ୱୀକାର କରାଯାଇଛି । ବିଳମ୍ବର କାରଣ କେବୁଲ ସ୍ଥାନାନ୍ତର, ଜଙ୍ଗଲ ଜମି ଅନୁମତ, ମୌସୁମି ବର୍ଷା ସହ ଆଶ୍ଚର୍ଯ୍ୟଜନକ ଭାବେ ସାଧାରଣ ନିର୍ବାଚନ ଓ ପର୍ବପର୍ବାଣି ପାଇଁ ଶ୍ରମିକ ଅଭାବକୁ ମଧ୍ୟ ଦର୍ଶାଯାଇଛି । ସମୁଦାୟ ୨୦ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ଉନ୍ନତିକରଣ କାର୍ଯ୍ୟକୁ ୪ ଭାଗରେ ବିଭକ୍ତ କରାଯାଇଛି । ସମସ୍ତ ଭାଗର କାର୍ଯ୍ୟ ୨୦୨୪ ମସିହା ଜାନୁଆରୀ ମାସ ସୁଦ୍ଧା ଶେଷ ହେବା କଥା । ଧାର୍ଯ୍ୟ ସମୟ ଠାରୁ ଏକ ବର୍ଷରୁ ଉର୍ଦ୍ଧ୍ୱର୍ ସମୟ ଅତିକ୍ରମ ହୋଇ ସାରିଛି । ସମସ୍ତ ୪ ଭାଗର ଉନ୍ନତିକରଣ କାର୍ଯ୍ୟକୁ ତିନିଟି ଠିକା ସଂସ୍ଥାକୁ ନ୍ୟସ୍ତ କରାଯାଇଛି । ଟିଟିଲାଗଡର ଇନ୍ଦ୍ରବନ ଅଗ୍ରୱାଲଙ୍କୁ ଗୋଟିଏ , ମେସର୍ସ ଏସ୍ ପି ଗୋୟଲ ଠିକା ସଂସ୍ଥାକୁ ୨ଟି ଓ ଜ୍ୟୋତି ବିଲଡ଼ର୍ସିକୁ ଯଥାକ୍ରମେ ୧ ଭାଗ କାର୍ଯ୍ୟ ନ୍ୟସ୍ତ କରାଯାଇଛି । ଅହେତୁକ ବିଳମ୍ବ ପାଇଁ ଠିକା କାର୍ଯ୍ୟ କରୁଥିବା ସଂସ୍ଥାମାନଙ୍କୁ ରେଳ ବିଭାଗ ପକ୍ଷରୁ ପତ୍ର ଲେଖା ଯାଇଥିବା ତଥ୍ୟରେ କେବଳ କୁହାଯାଇଛି । ଏହା କେବଳ ଏକ ଦୈନନ୍ଦିନ ପ୍ରକ୍ରିୟା ଏବଂ ଅହେତୁକ ବିଳମ୍ବ ପାଇଁ ଏହି ଠିକା ସଂସ୍ଥାମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା କଥା ସୂଚନା କର୍ମି ଶ୍ରୀ ପଣ୍ଡା କହିଛନ୍ତି । ଆଗାମୀ ନଭେମ୍ବର ମାସରେ ବଲାଙ୍ଗିର ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ଶେଷ ହେବ ବୋଲି ସମୟସୀମା ପୁନର୍ନିର୍ଦ୍ଧାରଣ କରାଯାଇଥିବା ରେଳ ବିଭାଗର ତଥ୍ୟରେ କୁହାଯାଇଥିଲେ ମଧ୍ୟ ଏହି ସମୟ ମଧ୍ୟରେ ସମ୍ପୂର୍ଣ ହେବା ଆଶା କ୍ଷୀଣ ବୋଲି ଶ୍ରୀ ପଣ୍ଡା କହିଛନ୍ତି । କାରଣ ବର୍ତ୍ତମାନ ମଧ୍ୟ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବଲାଙ୍ଗିର ରେଳ ଷ୍ଟେସନ ନବୀକରଣ କାର୍ଯ୍ୟ ଦୀର୍ଘଦିନ ଧରି ଚାଲୁଥିବାରୁ ବଲାଙ୍ଗିରରୁ ରେଳ ଯୋଗେ ଯିବାଆସିବା କରୁଥିବା ଯାତ୍ରୀମାନେ ବର୍ଷବର୍ଷ ଧରି ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ବୋଲି ଶ୍ରୀ ପଣ୍ଡା କହିବା ସହ ରେଳ ମନ୍ତ୍ରୀ ହସ୍ତକ୍ଷେପ କରିବା ପାଇଁ ଦାବୀ କରିଛନ୍ତି । ରେଳ ବିଭାଗର ଠିକାଦାର ପ୍ରିତୀ ଯୋଗୁଁ ଠିକା ସଂସ୍ଥାମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ କି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ । ଫଳରେ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେଉ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି ।


BAJAJ FINSERV

**ସ୍ୱର୍ଣ୍ଣ ଅଳଙ୍କାର ନିଲାମ ନିମନ୍ତେ ଖବରକାଗଜର ସର୍ବସାଧାରଣ ବିଜ୍ଞପ୍ତି**
**ବଜାଜ ଫାଇନାନ୍ସ ଲିମିଟେଡ**
**ପଞ୍ଜୀକୃତ କାର୍ଯ୍ୟାଳୟ: ମୁମ୍ବାଇ-ପୁନେ ରୋଡ, ଅକୁରଡି, ପୁନେ-411035**

ଏତଦ୍ୱାରା BFL ପକ୍ଷରୁ, ସମସ୍ତ ସମ୍ପୃକ୍ତ ଋଣକର୍ତ୍ତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଇଦିଆଯାଉଛି ଯେ, ଗୋଲ୍ଡ ଲୋନ ନେବା ସମୟରେ ଋଣକର୍ତ୍ତା ମାନେ ସିକ୍ୟୁରିଟି ବାବଦରେ ରଖିଥିବା ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ, ଯାହା ସମ୍ପୃକ୍ତ ଲୋନ୍ ଖାତା ପାଇଁ ଥିବ ଓ ସେହି ଲୋନ୍ ର ପରିଶୋଧରେ ଯଦି ସେମାନେ ବିଫଳ ହେବେ ବା ଉପଯୁକ୍ତ ମାର୍ଜିନ ରାଶି ଜମା କରି ପାରିବେ ନାହିଁ, ବାରମ୍ବାର ବିଜ୍ଞପ୍ତି ପରେ ବି ଯଦି ବିଫଳ ହୁଅନ୍ତି ତେବେ ସେହି ଗୁଡ଼ିକୁ "ଯେଉଁଠି ବି ଯେମିତି ବି ସ୍ଥିତି ରେ ଥିବ ସେହି ଅବସ୍ଥା ରୁ ହିଁ" ନିଲାମ ପାଇଁ ଉପସ୍ଥାପନ କରି ଦିଆଯିବ। ନିଲାମରେ ଅଂଶଗ୍ରହଣକାରୀ ନିମ୍ନ ସର୍ତ୍ତାବଳୀ ଅନୁସରଣ କରିବାକୁ ସେମାନଙ୍କୁ ଅନୁରୋଧ କରାଯାଇଛି:

(କ) ସର୍ବସାଧାରଣ ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ଭାବରେ ଜାଣିବାକୁ (ଲୋନ୍, ଅଳଙ୍କାର, ମୋଟାମୋଟି ଓଜନ, ନିଲାମ ସ୍ଥାନ ଓ ସମୟ ଇତ୍ୟାଦି) ପାର୍ଶ୍ୱରେ ଥିବା QR କୋଡ୍‌କୁ ସ୍କାନ୍ କରିପାରିବେ;
(ଖ) ନିଲାମ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ନିୟମାବଳୀ ଗୁଡ଼ିକୁ ଜାଣିବା ପାଇଁ ("T&CS") ଯାହା ଏହି ବିଜ୍ଞପ୍ତି ସହ ସମ୍ପୃକ୍ତ, ସେଇଥିପାଇଁ ନିମ୍ନ ଲିଙ୍କକୁ ଯାଇ ପାରିବେ: http://172.30.1.235:3000/?W0UB2QG9W
(ଗ) ସର୍ତ୍ତ ଓ ନିୟମାବଳୀ ଗୁଡ଼ିକୁ ବୁଝିବା ଏବଂ ତାପରେ ନିଲାମର ତାରିଖ ଦିନ ବା ତା ପୂର୍ବରୁ ଫଣ୍ଡ ଟ୍ରାନ୍ସଫର ମାଧ୍ୟମରେ (NEFT/RTGS/ବଜାଜ ଗୋଲ୍ଡ ଅକ୍ସନ୍ ଆପ୍) ଆବଶ୍ୟକ ଅଗ୍ରୀମ ରାଶି ଟ. 25,000 ଜମା କରିବା ପାଇଁ;
(ଘ) ନିଲାମ ସ୍ଥାନରେ ସକାଳ 10ଟା ପୂର୍ବରୁ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହିବେ; ଏବଂ
(ଙ) ନିଲାମ ସ୍ଥଳକୁ ସେମାନଙ୍କର ପରିଚୟ ଓ ଠିକଣାର ବୈଧ ପ୍ରମାଣ ପତ୍ର ନେଇ ଆସିବେ।
(ଚ) ନିଲାମ ତାରିଖକୁ ମଧ୍ୟାହ୍ନ 12ଟା ପରେ ନିଲାମକାରୀମାନେ ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ କରିପାରିବେ ନାହିଁ।
(ଛ) ଶାଖା ପରିଚାଳକ/ନିଲାମକାରୀ ଅର୍ଣ୍ଣେଷ୍ଟ ମନି ଡିପୋଜିଟ୍ (ଇ.ଏମ୍.ଡି) ଦେୟ ପରେ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଅଂଶଗ୍ରହଣ କରିନଥିବା ବିଡରମାନଙ୍କୁ ସ୍ୱୀକାର କରିବା କିମ୍ବା ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି।

ସ୍କାନ୍ କରନ୍ତୁ

ନିଲାମ ର ସ୍ଥାନ, ସମୟରେ ଯଦି କୌଣସି ପରିବର୍ତ୍ତନ ହୋଇଥିବ, ତାହା ନିଲାମ କେନ୍ଦ୍ରରେ ସୂଚିତ କରିଦିଆଯିବ। ଆପଣ ନିଲାମରେ ଅଂଶଗ୍ରହଣ ଆବେଦନ ଜମା କରିବା ଅର୍ଥ, ଉପରୋକ୍ତ ସର୍ତ୍ତାବଳୀ ଅନୁସରଣ କରୁଛନ୍ତି ବୋଲି ବିବେଚନା କରାଯିବ। ଯଦି କୌଣସି ପ୍ରକାରରେ ସର୍ବସାଧାରଣ ନିଲାମି ବିକ୍ରୟ ଖାରଜ/ବରଖାସ୍ତ ହୋଇଯାଏ ତେବେ BFL, ପ୍ରାଇଭେଟ ବିକ୍ରୟ ମାଧ୍ୟମରେ ସୁନାଗହଣା ଗୁଡ଼ିକର ବିକ୍ରୟ କରିବା ପାଇଁ ଅଧିକାର ନିଜ ପାଖରେ ସଂରକ୍ଷିତ ରଖିଛି। କୌଣସି ପ୍ରକାର ଅନୁସନ୍ଧାନ ପାଇଁ ଆପଣ ଆମକୁ ଏଇ ମେଲ ଆଇଡି ମାଧ୍ୟମରେ ସମ୍ପର୍କ କରିପାରିବେ: gold.auction@bajajfinserv.in

(11-06-25): ଅନୁଗୋଳ ଗାନ୍ଧୀ ରୋଡ I; PJD6SGL11743791. ଆଠଗଡ଼-ବୀରକିଶୋରପୁର GL: PCQ8SGL10940247, 10991577, 11459375, 11477855, 11495193, 11618815, 11707743. ବଲାଙ୍ଗିର - ଗୋପାଳଜୀ ରୋଡ I; PJD7SGL11512681, 11529905, 11551926, 11791170, 11801160. ବାଲେଶ୍ୱର-ପୋଲିସ୍ ଲାଇନ ସ୍କୋୟାର୍ GL: PEI4SGL11392277, 11514975, 11515617, 11527053, 11554846, 11650459, 11670898, 11690625, 11694379, 11685687, 11697560, 11784128. ବାଲୁଗାଁ-ମେନ୍ ରୋଡ GL: PCQ9SGL9864197, 10355598, 11460342, 11460243, 11800958. (12-06-25) ବରଗଡ଼ - ଖାରିକଟୀ କାଲା GL: PGC3SGL11383550, 11400728, 11409657, 11431539, 11430964, 11430113, 11510206, 11529642, 11529951, 11565552, 11574616, 11565023, 11569341, 11579972, 11602646, 11599927, 11615112, 11624955, 11618742, 11659948, 11671628, 11673552, 11691576, 11761810, 11765411, 11789954, 11784097, 11799927, 11800422. ବାରିପଦା - KC ସର୍କଲ: P4C7SGL11443067, 11690547, 11685703, 11732087, 11775403. ବାସୁଦେବପୁର - AB କଲେଜ ଚୌକ I; PJE1SGL11516143, 11725010, 11745313, 11772212. ବ୍ରହ୍ମପୁର GL: PB63SGL11286182, 11359775. ଭଦ୍ରକ ସାଲାଣ୍ଡି ବାଇପାସ୍ GL: PCR1SGL11767410, 11783527. (13-06-25) ଭବାନୀପାଟଣା BGL: PU41SGL11364431, 11384957, 11379545, 11414181, 11411993, 11548295, 11565763, 11620330, 11639909, 11694776, 11685968, 11709135, 11715488, 11773407, 11793997. ଭୁବନେଶ୍ୱର ଜଗାମରା GL: PER5SGL11484819, 11557606, 11600018, 11607561, 11636315, 11726516, 11722394. ଭୁବନେଶ୍ୱର BGL: P423SGL11382013, 11393790, 11528755, 11636485, 11730642, 11729366, 11742630, 11805741, 11805246. ବୁରୁଗୁଡ଼ା-ମେନ୍ ରୋଡ: P09QSGL11169660, 11306735, 11410434, 11414626, 11448355, 11460888, 11512982, 11529540, 11568172, 11586518, 11600582, 11616203, 11689899, 11690868, 11727481, 11782027, 11800899, 11805797. କଟକ ମଧୁ ପାଟଣା କଲୋନି GL: PGG9SGL11459102, 11636774. (16-06-25) ଜଗତସିଂହପୁର - ଦୁର୍ଗାବଜାର: PU42SGL10743847, 11384634, 11413336, 11412522, 11528756, 11616891, 11672566, 11714726, 11708489, 11731486, 11724296, 11728279, 11741377, 11770423. ଜଯାଜପୁର ଟାଉନ୍ ଶୀତଳେଶ୍ୱର I; PJU7SGL11571430. ଜଟଣୀ ହାଇାନ୍ କମ୍ପ୍ଲେକ୍ସ GL: PCR2SGL10518673, 11399174, 11448218, 11481907, 11486217, 11496924, 11527230, 11567508, 11563290, 11713014, 11728709, 11745037, 11785527. ଜୟପୁର-ଏମ.ଜି ରୋଡ GL: PGH2SGL11396593, 11428141, 11440874, 11460474, 11547921, 11568866, 11565592, 11582042, 11598073, 11653702, 11672365, 11768358, 11782963, 11782269. ଝାରସୁଗୁଡ଼ା GL: PG62SGL11514334, 11587480, 11583703, 11615019, 11639238, 11655511, 11721397, 11724277, 11745365. (17-06-25) କଣିହାଁ BGL: PV26SGL10774945, 11170236, 11249606, 11418081, 11441175, 11481587, 11573830, 11674559. କେନ୍ଦ୍ରାପଡ଼ା-କଲେଜ ସ୍କୋୟାର୍ I; PGT6SGL11632694, 11671372, 11743084, 11787476. କେନ୍ଦୁଝର-ମାଇନି ରୋଡ GL: PCQ7SGL11408323, 11497314, 11530139, 11553099, 11553210, 11581742, 11689915, 11771845, 11761382, 11784390. ଖୋର୍ଦ୍ଧା ମେନ ଟାଉନ GL: PDA3SGL11272889, 11414327, 11413176, 11517754, 11636642, 11649637. କୋରାପୁଟ: PU40GOL1795171, L1907865, L1978648, L1978763, L2077146, L2100620, L2105465, L2124323, L2146945, L2178010, L2181380, L2223347, L2249781, L2265307, L2384260, L2388107, L2395787, L2394394, L2426118, L2452533, L2461479, L2772140, L2823224, L2877091, L2919271. (18-06-25) କୁଚିଣ୍ଡା BGL: P93KSGL11383173, 11396825, 11430643, 11503824, 11526477, 11533085, 11551489, 11677163, 11721741, 11800559. ନବରଙ୍ଗପୁର - ପଟେଲ ମାର୍ଗ GL: PCR3SGL11380468, 11377635, 11374803, 11393589, 11428322, 11480351, 11553336, 11548784, 11564518, 11574183, 11619095, 11660404, 11656016, 11676924, 11686333, 11687626, 11744787, 11768567, 11761416, 11783280, 11789254, 11781069, 11800989, 11801854, 11805632. ନିମାପଡ଼ା - ଗଣେଶ ବଜାର I; PJE2SGL11165457, 11396016, 11399407, 11399969, 11499012, 11527304, 11746997, 11789807, 11781868, 11804840. ନୂଆପଡ଼ା BGL: P86HSGL11579998, 11641332, 11713538, 11726141, 11741122. ଫୁଲବାଣୀ BGL: P93ASGL11430721, 11431953, 11461467, 11487118, 11535070, 11548804, 11710457. (19-06-25) ପିପିଲି - ହାତା ଚୌକ I; PGE1SGL10669105, 10742864, 11572087. ପୁରୀ ଭି.ଆଇ.ପି ରୋଡ GL: PEK3SGL11376743, 11382625, 11481297, 11532320, 11530191, 11558895, 11564473, 11579778, 11599752, 11616907, 11619048, 11656073, 11663463, 11706492, 11721531. ରାଜଗାଙ୍ଗପୁର ମେନ ରୋଡ: P504SGL11137372, 11233982, 11550634, 11605685, 11623604, 11695401, 11752055, 11772024, 11794155, 11802841. ରାୟଗଡ଼-ପି.ଏସ୍.ଆର୍ ରୋଡ GL: PCR4SGL10937099, 11116059, 11427112, 11479852, 11548553, 11564475, 11616406, 11691367, 11772849, 11787055, 11791444. ରାଉରକେଲା-କୋଏଲ ନଗର GL: PER3SGL11429423, 11547820, 11589982, 11694330. (20-06-25) ସାଲେପୁର ମାଳୁଆଟି GL: PGN9SGL11365993, 11459472, 11526883, 11635873, 11800562. ସୁନ୍ଦରଗଡ଼ ହସ୍ପିଟାଲ ରୋଡ I; PJU9SGL11727833, 11783556. ତାଳଚେର - ହତାତୋଟା ଛକ I; PJU8SGL11410616, 11556182, 11774684, 11762662, 11786514, 11801326. ଟାଙ୍ଗୀ-ମେନ ରୋଡ GL: PG01SGL11381646, 11376982, 11395962, 11481360, 11532261, 11569536, 11620264, 11637358, 11638261, 11687199, 11764289. ଉମରକୋଟ - ଗୁଳିପାଟଣା I; PJE3SGL11230749, 11527761, 11584748, 11747104, 11766685.

**ବଜାଜ ଫାଇନାନ୍ସ ଲିମିଟେଡ୍**

(ଶ୍ରୀମଭଗବଦ୍ ଗୀତା ୧୬/୦୪)

–ଦୈବାସୁରସମ୍ପଦ୍‌ବିଭାଗ–

(ଶ୍ରୀଭଗବାନୁବାଚ)

**ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।**
**ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ! ସମ୍ପଦମାସୁରୀମ୍ ।।୪।।**

ଆସୁରୀ ସମ୍ପଦ ପ୍ରାପ୍ତ ହୋଇ ଜାତ ହୋଇଥିବା ବ୍ୟକ୍ତିର ଦମ୍ଭ, ଧନବିଦ୍ୟାଦି ନିମିତ୍ତ ଗର୍ବ, ଅଭିମାନ, କ୍ରୋଧ, ନିଷ୍ଠୁରତା ଓ ଅଜ୍ଞାନ ଇତ୍ୟାଦି ଗୁଣମାନେ ହୁଅନ୍ତି ।।୪।।

# ହାଇକୋର୍ଟ ଓ ଆଇନଜୀବୀଙ୍କ ବଦାନ୍ୟତା

## ସମ୍ପାଦକୀୟ

ନୂଆଦିଲ୍ଲୀର ଗୋଟିଏ ଘଟଣା । ଜଣେ କର୍କଟ ରୋଗାକ୍ରାନ୍ତ ପିତା ଓ ଭାରତ ବାହାରେ ଅଧ୍ୟୟନରତ ତାଙ୍କ ପୁତ୍ରର ଦୁର୍ଦ୍ଦଶାକୁ ଦିଲ୍ଲୀ ହାଇକୋର୍ଟ, ସଲିସିଟର ଜେନେରାଲ ଓ ହାଇକୋର୍ଟ ପକ୍ଷରୁ ନିଯୁକ୍ତ ଜଣେ ଆମିକସ୍ କ୍ୟୁରି (ଅଦାଲତଙ୍କ ସହଯୋଗୀ) ଉପଲବ୍ଧି କରି ଉଦାହରଣ ସୃଷ୍ଟି କରିଛନ୍ତି ।

ଘଟଣାଟି ଏହିପରି । ଜଣେ କର୍କଟ (କ୍ୟାନସର) ରୋଗୀ ଯିଏ କି ଦୀର୍ଘଦିନ ଧରି ଚିକିତ୍ସାଧୀନ ଅଛନ୍ତି, ତାଙ୍କର ପୁତ୍ର ନ୍ୟୁୟର୍କ ବିଶ୍ୱବିଦ୍ୟାଳୟରେ 'ବ୍ୟବସାୟିକ ବିଶ୍ଳେଷଣ' ବିଭାଗରେ ସ୍ନାତକୋତ୍ତର ଶ୍ରେଣୀରେ ଅଧ୍ୟୟନରତ । ଏଥିପାଇଁ ତାଙ୍କ ପିତା କାନାରା ବ୍ୟାଙ୍କରୁ ପ୍ରାୟ ୫୫ ଲକ୍ଷ ଟଙ୍କାର ଅଧ୍ୟୟନ–ଋଣ କରି ସାରିଥିଲେ । ମାତ୍ର ପୁତ୍ରର ପାଠ ପଢ଼ା ସାରିବାକୁ ଆଉ ଦଶ ଲକ୍ଷ ଟଙ୍କାର ଋଣ ଦରକାର ହେବାରୁ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଋଣ ପାଇଁ ଆବେଦନ କରିଥିଲେ । ବ୍ୟାଙ୍କ ଆଉ ଋଣ ଦେବାକୁ ନାହିଁ କରିଦେବାରୁ ପିତା ଜଣକ ଅଗତ୍ୟା ଦିଲ୍ଲୀ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ । ଉଲ୍ଲେଖନୀୟ ଯେ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳି ଅନୁଯାୟୀ ଏହି ଘଟଣାରେ ୫୮ ଲକ୍ଷ ଟଙ୍କାର ସମୁଦାୟ ଋଣ ବ୍ୟାଙ୍କ କର୍ତ୍ତୃପକ୍ଷ ମଞ୍ଜୁର କରିପାରିବେ ନାହିଁ । ବିଦେଶରେ ଅଧ୍ୟୟନ ଲାଗି ଏହି ଋଣ ମଞ୍ଜୁର କରିବାକୁ ହେଲେ ୧୫ ପ୍ରତିଶତର ମାର୍ଜିନ ମନି (ପ୍ରାନ୍ତୀୟ ମୁଦ୍ରା) ମଧ୍ୟ ଋଣ ଗ୍ରହୀତାଙ୍କୁ ଦେବାକୁ ପଡିଥା'ନ୍ତା । ପିତାଙ୍କ ମୁଖରୁ ସ୍ୱର ନିର୍ଗତ ହେଉଥିବା ପ୍ରତ୍ୟଙ୍ଗଟିକୁ କର୍କଟ ଚିକିତ୍ସା ସମୟରେ ବାହାରକୁ କାଢ଼ି ଦିଆଯାଇଥିଲା । ସେ ମଧ୍ୟ ଦିଲ୍ଲୀ ଅନ୍ତର୍ଗତ ତାଙ୍କର ରୋହିଣୀ ଡିଡିଏ ଫ୍ଲାଟକୁ ବନ୍ଧକ ରଖି ଏହି ଶେଷ ଋଣ ନେବାକୁ ସ୍ଥିର କରିଥିଲେ ।

ଦିଲ୍ଲୀ ହାଇକୋର୍ଟର ବିଚାରପତି ଶ୍ରୀ ବିକାଶ ମହାଜନ ଏହି ଆବେଦନର ବିଚାର ପ୍ରକ୍ରିୟା ଆରମ୍ଭ କରି ବରିଷ୍ଠ ଆଇନଜୀବୀ ଶ୍ରୀ ନଳିନୀ କୋହଲିଙ୍କୁ ଆମିକସ୍ କ୍ୟୁରି (ଅଦାଲତଙ୍କ ସହଯୋଗୀ) ଭାବେ ନିଯୁକ୍ତ କରି ଏହି ଋଣ ସମସ୍ୟାର ସମାଧାନ କରାଇବାକୁ ଚାହିଁଥିଲେ । ପିତାଙ୍କୁ ଆଇନଜୀବୀ ଶ୍ରୀ କୋହଲି ସାକ୍ଷାତ କରିବାରୁ ସେ ତାଙ୍କର ଦୁର୍ଦ୍ଦଶା ବିଷୟ ବ୍ୟକ୍ତ କରିବା ସଙ୍ଗେ ସଙ୍ଗେ ଅତି ବେଶୀରେ ସେ ମାତ୍ର ଦୁଇ ଲକ୍ଷ ଟଙ୍କା ଯୋଗାଡ଼ କରି ପାରିବେ ବୋଲି ଜଣାଇଥିଲେ । ଆଇନଜୀବୀ ଶ୍ରୀ କୋହଲି ଆଉ ଦୁଇଲକ୍ଷ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ମାତ୍ର ସେତକ ଅର୍ଥ ମଧ୍ୟ ଯଥେଷ୍ଟ ନ ଥିଲା । ପରିବାର ଲୋକେ ଦୁଶ୍ଚିନ୍ତା ମଧ୍ୟରେ ରହିଥିଲେ । ଆଇନଜୀବୀ ଶ୍ରୀ କୋହଲି ଆମିକସ୍ କ୍ୟୁରି ଭାବେ ପିତା ଓ ପୁତ୍ରଙ୍କୁ ସାହାଯ୍ୟ କରିପାରିଲେ ନାହିଁ ବୋଲି ବିଚଳିତ ହୋଇପଡ଼ିଲେ । ମାତ୍ର ସୁପ୍ରିମକୋର୍ଟର ଦ୍ୱାରଦେଶରେ ଆଇନଜୀବୀ ଶ୍ରୀ କୋହଲି ହତାଶ ହୋଇ ଯାଉଥିବାବେଳେ ସଲିସିଟର ଜେନେରାଲ ଶ୍ରୀ ତୁଷାର ମେହେଟ୍ଟାଙ୍କୁ ଏ ବିଷୟ ଜଣାଇଥିଲେ । ଶ୍ରୀ କୋହଲି ସେହି ପରିବାରର ଦୁର୍ଦ୍ଦଶା ସଂପର୍କରେ ଯାହା ବର୍ଣ୍ଣନା କଲେ, ତାହା ଶୁଣିବା ପରେ ତତ୍‌କ୍ଷଣାତ୍ ସଲିସିଟର ଜେନେରାଲ ଶ୍ରୀ ମେହେଟ୍ଟା ନିଜ ପକ୍ଷରୁ ଦଶଲକ୍ଷ ଟଙ୍କା ଦେଇଦେବେ ଓ ପୁତ୍ର ପୁନୀତ ସିଂହ ତାଙ୍କର ଡିଗ୍ରୀ ତଦ୍ୱାରା ହାସଲ କରି ପାରିବ ବୋଲି ଆଶା ପ୍ରକାଶ କରିଥିଲେ । ଏହା ପରେ ଶ୍ରୀ କୋହଲି ଏ କଥା ତାଙ୍କ ପରିବାର ଲୋକଙ୍କ ନିକଟରେ ପ୍ରକାଶ କରିଥିଲେ ଏବଂ କର୍କଟ ରୋଗୀ ଭାବେ ଜୀବନ ସହିତ ଅବିରତ ସଂଗ୍ରାମ କରି ଆସୁଥିବା ପିତାଙ୍କ ଦୁଶ୍ଚିନ୍ତା ଦୂର ହେବ ବୋଲି ମଧ୍ୟ ଆଶା ପ୍ରକାଶ କରିଥିଲେ ।

ଏହିପରି ବହୁତ ଘଟଣା ଅନାଲୋଚିତ ଭାବେ ଅନ୍ଧାରରେ ରହିଯାଇଛି । କେବଳ ସରକାରୀ ଇଂଜିନିଅରିଂ କଲେଜ ବା ମେଡିକାଲ କଲେଜରେ ବା ବିଶ୍ୱବିଦ୍ୟାଳୟମାନଙ୍କରେ ପଢ଼ିବା ଲାଗି ଓଡ଼ିଶା ସରକାର ଅଳ୍ପ ସୁଧହାରରେ ଅଧ୍ୟୟନ ଋଣ (ଷ୍ଟଡି ଲୋନ୍)ର ସୁବିଧା କରିଥାନ୍ତି । ମାତ୍ର ଘରୋଇ ଶିକ୍ଷାନୁଷ୍ଠାନମାନଙ୍କରେ କର୍ତ୍ତୃପକ୍ଷ ବିଭିନ୍ନ ବ୍ୟାଙ୍କ ସହିତ ଅଧ୍ୟୟନ ଋଣ ବିଷୟରେ ଚୁକ୍ତି କରିଥା'ନ୍ତି ।

ସେହି ସବୁ ଋଣର ସୁଧ ହାର ଅତ୍ୟନ୍ତ ଅଧିକ ଥାଏ । ଅଧ୍ୟୟନ ପରେ ଚାକିରି କରି ନଥିଲେ ପ୍ରାର୍ଥୀ ବା ପ୍ରାର୍ଥୀଙ୍କ ଗ୍ୟାରେଣ୍ଟିଅର ପିତାଙ୍କ ସୁଧ ହାର ବଢ଼ି ବଢ଼ି ଚାଲିଥାଏ । ସରକାରଙ୍କର ଏହି ସୁଧ ହାର ହ୍ରାସ ପାଇଁ ବା ସୁଧ ହାର ଆଦୌ ନ ନେବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ବ୍ୟାଙ୍କଗୁଡ଼ିକ ସେ ସବୁ ନିୟମ ନ ମାନି ମନଇଚ୍ଛା ସୁଧ ସହ ଋଣ ରାଶି ଆଦାୟ କରନ୍ତି । ଏପରିକି ଲୋକ ଅଦାଲତର ରାୟକୁ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ଟାଳି ଦେବାର ଅନେକ ଦୃଷ୍ଟାନ୍ତ ରହିଛି ଏଇ ଭୁବନେଶ୍ୱରରେ ।

ବ୍ୟାଙ୍କ ଅତ୍ୟଧିକ ଋଣ ଦେବା ବିଷୟରେ ଓ ସବ୍‌ସିଡି ଛାଡ଼ ନ କରିବା ବିଷୟରେ ଜଣେ ପିତା, ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ୨୦୧୬ରେ ଜଣାଇବା ପରେ, ବ୍ୟାଙ୍କ କର୍ତ୍ତୃପକ୍ଷ ଜଣେ ଛାତ୍ରଙ୍କ ଋଣ ସମସ୍ୟାର ସମାଧାନ କରିଥିଲେ ଏବଂ ନିଜ କାର୍ଯ୍ୟରେ ତ୍ରୁଟି କରିଥିବା ଜଣେ ବ୍ୟାଙ୍କ ଅଫିସରଙ୍କର ବଦଳି ମଧ୍ୟ ହୋଇଥିଲା । ମାତ୍ର ସବୁ ସମୟରେ ଅଧିକାଂଶ ବ୍ୟକ୍ତି ଏପରି ଅଭିଯୋଗ କରି ପାରନ୍ତି ନାହିଁ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

## ଅଭୁଲା ଅତୀତ

# ସେହି ସବୁ ଦିନ ଶାନ୍ତିନିକେତନ–୩



ମନୋରମା ବିଶ୍ୱାଳ ମହାପାତ୍ର

ସ୍ୱର୍ଗୀୟ କୁଞ୍ଜବିହାରୀ ଦାଶ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି, ପୁରାତନ କେନ୍ଦ୍ର ପାଠାଗାରର ଉପର ମହଲାରେ ସେତେବେଳେ 'ବିଦ୍ୟାଭବନ' ଥାଏ । ସଂସ୍କୃତ ଓ ହିନ୍ଦୀ ବିଭାଗ ଥାଏ ହିନ୍ଦୀଭବନରେ । 'ହଲ୍ ଓ୍ୱାସିଆ ଟ୍ରଷ୍ଟ' ସହାୟତାରେ ୧୯୩୬ରେ ଏଇ ଭବନ ନିର୍ମିତ ହୋଇଥିଲା । ପ୍ରଖ୍ୟାତ ହିନ୍ଦୀ ଲେଖକ ଡକ୍ଟର ହଜାରୀ ପ୍ରସାଦ ଦ୍ୱିବେଦୀ ଏହି ବିଭାଗରେ ପ୍ରାୟ କୋଡ଼ିଏ ବର୍ଷ କାର୍ଯ୍ୟ କରିଥିଲେ । ପାଖ କୋଠରୀରେ ବସୁଥିଲେ ଆଚାର୍ଯ୍ୟ କ୍ଷିତିମୋହନ ସେନ୍ ଭାରତୀୟ ସନ୍ଥସାହିତ୍ୟ ସଂପର୍କରେ ଦୁଇ ସୁଧୀଙ୍କର ସଂଳାପ ବଡ଼ ପ୍ରୀତିପ୍ରଦ ବୋଧ ହେଉଥିଲା । ବିଦ୍ୟାଭବନର ଅଧ୍ୟକ୍ଷ ଡକ୍ଟର ପ୍ରବୋଧ ଚନ୍ଦ୍ର ବାଗ୍ଚୀ ଚୀନା ଭବନରେ ବସୁଥିଲେ, ମଧ୍ୟେ ମଧ୍ୟେ ଆସି ବିଦ୍ୟାଭବନର କାର୍ଯ୍ୟ ତନଖି କରୁଥିଲେ । ବଙ୍ଗଳା ବିଭାଗ ବିପୁଳ ଆକାର ଧାରଣ କରୁଥିଲା । ବିଦ୍ୟା ଭବନର ଗୋଟିଏ କୋଠରୀରେ ବସୁଥିଲେ ପଞ୍ଚାନନ ମଣ୍ଡଳ, ଭୂର୍ଜପତ୍ରରେ ଲେଖା ପ୍ରାଚୀନ ବଙ୍ଗଳା ପାଣ୍ଡୁଲିପି ମେଳାଇ । ଅନ୍ୟ ଏକ କୋଠରୀରେ ଗବେଷଣା କରୁଥିଲେ ଏଫ୍.ଏମ୍. ଆସିରି, ଘାଲିବଙ୍କ କବିତା ଉପରେ । ଗବେଷଣା ହିଁ ବିଦ୍ୟାଭବନର ମୁଖ୍ୟ କାର୍ଯ୍ୟ ଥିଲା ।

ପାଠାଗାରର ଉପର ମହଲାରେ ପଠନାଳୟ । ପୃଥିବୀର ବହୁ ସମ୍ବାଦପତ୍ର ଓ ପତ୍ରପତ୍ରିକା ଏଠାକୁ ଆସେ । ସାହିତ୍ୟ, ଇତିହାସ, ଦର୍ଶନର ପତ୍ରିକା, ବିଭିନ୍ନ ବୟସୋପଯୋଗୀ ପତ୍ରିକା–ଫରାସୀ, ଜର୍ମାନୀ, ଇଂରାଜୀ, ଓଡ଼ିଆ, ବଙ୍ଗଳା, ହିନ୍ଦୀ, ଗୁଜୁରାଟୀ, ମରହଟ୍ଟୀ, ପତ୍ରିକା–କେବଳ ଛବିପତ୍ରିକା–ଏସବୁ ଗଡ଼ାଉ ଗଡ଼ାଉ ସମୟ ଚାଲିଯାଏ । ଏହାଛଡ଼ା ଚମତ୍କାର ଖୋଳରେ ଚୀନ୍ ଭାଷାର ପୁସ୍ତକମାନ ଚୀନା ଭବନରେ ସଜ୍ଜିତ ହୋଇ ରହିଥିଲା । କଳା ଓ ସଙ୍ଗୀତ ଭବନର ସ୍ୱତନ୍ତ୍ର ପାଠାଗାର ଥିଲା । **ହିନ୍ଦୀ ଭବନ ସ୍ୱତନ୍ତ୍ର ଭାବରେ ଚଳୁଥିଲା । ହିନ୍ଦୀ, ବଙ୍ଗଳା ପାଠାଗାର ପରି ଓଡ଼ିଆ ପାଠାଗାର ବୃଦ୍ଧି ଲାଭ କରି ପାରୁନଥିଲା, ପ୍ରତିବର୍ଷ ଓଡ଼ିଆ ପାଠାଗାର ଲାଗି ଯେତେ ଟଙ୍କା ମିଳୁଥିଲା ତାକୁ ଖର୍ଚ୍ଚ କରିବା ଆମ ପକ୍ଷରେ କାଠିକର ପାଠ ହେଉଥିଲା । ପ୍ରତିବର୍ଷ ତିନି ଚାରି ହଜାର ଟଙ୍କା ନେଲେ ବି ବଙ୍ଗଳା ବିଭାଗୀୟ ମୁଖ୍ୟ କହନ୍ତି– ଆହୁରି ଦିଅ । ଆମେ ନୀରବ ରହୁ । ଜାତୀୟ ସାହିତ୍ୟର ଦାରିଦ୍ର୍ୟ ବାହାରେ ଦେଖାଇବାକୁ ଲଜ୍ଜା ଲାଗେ ।**

**୧୯୪୭ରୁ ବିଦ୍ୟାଭବନ ଅନ୍ତର୍ଗତ ଓଡ଼ିଆ ବିଭାଗଟି ଆମ ଭାଷା ଓ ସାହିତ୍ୟ ଗବେଷଣାର ଗୌରବାବହ ଅନୁଷ୍ଠାନ ରୂପେ କାର୍ଯ୍ୟ କଲା । ସେତେବେଳେ ବିଦ୍ୟାଭବନ ପାଠାଗାରରେ ଗବେଷକ ଚିତ୍ତରଂଜନ ଦାସ, ଅଧ୍ୟାପକ ପ୍ରହ୍ଲାଦ ପ୍ରଧାନ ଗବେଷଣା କରୁଥିଲେ । କୁଞ୍ଜବିହାରୀ ଦାଶଙ୍କ ଥିବା ସମୟରେ ଦଶ ଖଣ୍ଡ ଗବେଷଣା ପୁସ୍ତକ ପ୍ରକାଶିତ ହୋଇଥିଲା** – ୧) ଓଡ଼ିଆ ଲୋକଗୀତ କାହାଣୀ, କବି ଲିପି, ଆଧୁନିକ କାବ୍ୟଧାରା, ଅଚ୍ୟୁତାନନ୍ଦ ଓ ପଞ୍ଚସଖା, ସମାଲୋଚନା ଇତ୍ୟାଦି । **ପରେ ପରେ ଅନ୍ନଦା ଶଙ୍କର ରାୟଙ୍କର ସବୁଜ ଅକ୍ଷର ଏବଂ ଆଧୁନିକ ଓଡ଼ିଆ ସାହିତ୍ୟର 'ଭୂମି ଓ ଭୂମିକା' – ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପ୍ରକାଶିତ ହୋଇଥିଲା । ସେତେବେଳେ ବିଦ୍ୟାଭବନର ଅଧ୍ୟକ୍ଷ କାଳିଦାସ ଭଟ୍ଟାଚାର୍ଯ୍ୟ ବିଶ୍ୱଭାରତୀକୁ ପ୍ରଥମେ କୁଞ୍ଜ ବିହାରୀ ଦାଶଙ୍କ ସାଂସ୍କୃତିକ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରିଥିଲେ ।**

'କଳାଭବନ' ଶାନ୍ତିନିକେତନର ସର୍ବାପେକ୍ଷା ମର୍ଯ୍ୟାଦାବନ୍ତ ଅନୁଷ୍ଠାନ । ଶିଳ୍ପୀଗୁରୁ ଅବନୀନ୍ଦ୍ରନାଥ ଠାକୁରଙ୍କର 'ଆଉରଙ୍ଗଜେବ' ଓ ଶିଳ୍ପୀ ନନ୍ଦଲାଲ୍ ବୋଷଙ୍କର 'ଉମାଙ୍କ ତପସ୍ୟା' ଭଳି ଅନେକ ଚିରସ୍ମରଣୀୟ ଛବି ଏଠାରେ ସଂରକ୍ଷିତ । **ଓଡ଼ିଶାର ବିଶିଷ୍ଟ ଶିଳ୍ପୀଗଣ ଯଥା ଅଜିତ କେଶରୀ ରାୟ ଓ ବିନୋଦ ରାଉତରାୟ ପ୍ରଭୃତି କଳାଭବନର ଛାତ୍ର ଥିଲେ ।**

କଳାଭବନ ନିକଟରେ ସଂଗୀତ ଭବନ । ସର୍ବଦା ସଂଗୀତର ସୁଲଳିତ ସୁର ଅଥବା ନୃତ୍ୟର ଛନ୍ଦ ଶୁଭୁଥାଏ । ରବୀନ୍ଦ୍ର ସଂଗୀତ ଓ ନାଟ୍ୟ ଛଡ଼ା ଭାରତନାଟ୍ୟମ୍, ମଣିପୁରୀର ବହୁଳ ପ୍ରଚଳନ ଅଛି । ଶାନ୍ତିଦେବ ଘୋଷ ଥିଲେ ରବୀନ୍ଦ୍ର ସଂଗୀତ ସାଧନାର କିମ୍ବଦନ୍ତୀ ପୁରୁଷ । ସାନଭାଇ ଦେଶ ପତ୍ରିକାର ସୁବିଖ୍ୟାତ ସମ୍ପାଦକ ସାଗରମୟ ଘୋଷ । ଆଉ ଜଣେ କାନିକା ବନ୍ଦ୍ୟୋପାଧ୍ୟାୟ । ସଂଗୀତ ଭବନକୁ ମଝିରେ ମଝିରେ ଆସନ୍ତି ପୃଥିବୀ ବିଖ୍ୟାତ ସଂଗୀତଜ୍ଞମାନେ । ପଣ୍ଡିତ ରବିଶଙ୍କର ମଧ୍ୟ କିଛି ଦିନ ଶାନ୍ତିନିକେତନରେ ଅବସ୍ଥାନ କରିଥିଲେ । ତାଙ୍କ ସୀତାରରେ ରାଗ ମାଲ୍‌କୋସ୍ ଏବଂ ରାଗ ବିହାଗ୍ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରୁଥିଲା । ରାତି ବାରଟା ପରେ ଏହି ଉଚ୍ଚାଙ୍ଗ ସଙ୍ଗୀତର ମୂର୍ଚ୍ଛନା ସିଂହ ସଦନର ଚତ୍ୱରକୁ ଅନୁରଣିତ କରୁଥିଲା ।

**୧୯୫୧ରେ ଭାରତ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେବା ପରେ ବିଶ୍ୱଭାରତୀକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମର୍ଯ୍ୟାଦା ପ୍ରଦାନ କରାଗଲା । ଭାରତୀୟ ସମ୍ବିଧାନରେ ସ୍ୱତନ୍ତ୍ର ବିଶ୍ୱଭାରତୀ ନିୟମାବଳୀ (Visva Bharati Act) ପ୍ରଣୟନ କରାଯାଇଥିଲା ।**

ବିଶ୍ୱଭାରତୀର ଐତିହ୍ୟ ଆଲୋଚନା କଲାବେଳେ ଅନେକ କଥା ମନକୁ ଆସେ । ରବୀନ୍ଦ୍ରନାଥଙ୍କ ଭାଷାରେ କେବଳ ଗୋଟିଏ କଥା କହିବି,

*'ଆମ୍‌ରା ଯେଥାଏ ମୋରୀ ଘୁରେ,*
*ସେ ଯେ ଯାଏନା କଭୁ ଦୂରେ,*
*ମନେର୍ ମାଝେ ପ୍ରେମେର୍*
*ସୀତାର୍ ବାଜାଏ ଯେ ତାର୍ ସୁରୋ*
*ଆମ ଭିତରେ ପ୍ରତି ମୁହୂର୍ତ୍ତରେ*
*ଅନୁରୁଣୀତ ହୋଇଥାଏ*
*ଆମାଦେର୍ ଶାନ୍ତିନିକେତନ,*
*ଆମାଦେର୍ ସବ୍ ହୋତେ ଆପନ୍।'*

'ଭାଲୋବାସା ଯଦି ଅପରାଧ ହଏ ଆମି ଅପରାଧି ତବେ, ଜାନି ତାରଲାଗିଜୀବନ ଆମାର୍ ସୁନ୍ଦରତର ହବେ'– ଜୀବନକୁ ଅଧିକ ସୁନ୍ଦର କରିବାରେ ପ୍ରେମ ହିଁ ବିଶଲ୍ୟକରଣୀ । ଏଇ ଅନୁଭବ ରବୀନ୍ଦ୍ରନାଥଙ୍କ କବିତାରେ ଉତ୍‌କୀର୍ଣ୍ଣ ହୋଇ ରହିଥିଲା ଶାନ୍ତିନିକେତନରେ ।

**ଶାନ୍ତିନିକେତନରେ ମୁଁ ଏମ୍.ଏ ପଢ଼ିବି– ଏଇ ସ୍ୱପ୍ନ ସେଦିନ ମୋ ଭିତରେ ମୁଁ ନିଜେ ରୋପଣ କରିଥିଲି । କବି କମଳାକାନ୍ତ ଲେଙ୍କା, ପ୍ରଫେସର କୃଷ୍ଣଚରଣ ବେହେରା ଏଇ ଶାନ୍ତିନିକେତନ ସ୍ୱପ୍ନକୁ ଅଧିକ ସାକାର କରିବାରେ ସାହାଯ୍ୟ କରିଥିଲେ । କବିଗୁରୁ ରବୀନ୍ଦ୍ରନାଥଙ୍କର ସ୍ୱପ୍ନର ବିଶ୍ୱବିଦ୍ୟାଳୟ ଶାନ୍ତିନିକେତନ । ସପ୍ତପର୍ଣ୍ଣୀର ସବୁଜ ଭୂଖଣ୍ଡ, ଆମ୍ରକୁଞ୍ଜର ତିଳ ତଣ୍ଡୁଳିତ ଛାଇ ସବୁ ଆଜି ଗୋଟି ଗୋଟି ହୋଇ ମନେପଡୁଛି ।**

ପୃଥିବୀର ବିଭିନ୍ନ ଦେଶର ପିଲାମାନଙ୍କର ସମାହାର ଏଠି । ଚୀନ୍, ଜାପାନ୍, ସିଂହଳ, ଅଷ୍ଟ୍ରିଆ, ଅଷ୍ଟ୍ରେଲିଆ ଏବଂ ଆମେରିକା, କାନାଡା ଆଦି ସ୍ଥାନରୁ ଛାତ୍ରମାନେ ଶାନ୍ତିନିକେତନ ଆସିଛନ୍ତି ଜ୍ଞାନ ଆହରଣ ପାଇଁ । କିଏ ଗୀତରେ, କିଏ ନାଚରେ ଆଉ କେଉଁମାନେ ଗବେଷଣା କରିବା ପାଇଁ । ଜ୍ଞାନର ଅସରନ୍ତି ଝରଣା ଯେମିତି ଅନବରତ ଏଠି ଝରି ଚାଲିଛି । ବେଶ, ପୋଷାକ ଉପରେ ଏଠାରେ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ଧଳା ପାଇଜାମା, ଗେରୁଆ ରଙ୍ଗର କାମିଜର ୟୁନିଫର୍ମ । ବାହାରର ଚାକଚକ୍ୟକୁ ଶାନ୍ତିନିକେତନ ଘୃଣା କରେ । ସବୁ ପ୍ରକାର ସ୍ୱାତନ୍ତ୍ର୍ୟ ଭିତରେ ଶାନ୍ତିନିକେତନ ବାରିହୋଇ ପଡ଼େ । ଯେମିତି ଶାନ୍ତିନିକେତନର ଛାତ୍ରଛାତ୍ରୀ ଯେଉଁଠି ବି ରୁହନ୍ତୁ, ସେମାନଙ୍କର ସ୍ୱାତନ୍ତ୍ର୍ୟ ବାରିହୋଇ ପଡ଼େ । କେତେ ନମ୍ର ଏବଂ ଭଦ୍ରୋଚିତ ବ୍ୟବହାର । ଶାନ୍ତିନିକେତନର ଘରଗୁଡ଼ିକର ନାଁ ମଧ୍ୟ ସେହିପରି କାବ୍ୟିକ । ରବୀନ୍ଦ୍ରନାଥଙ୍କ ଘର ପରିସରର ନାଁ ଉତ୍ତରାୟଣ । ଉତ୍ତରାୟଣ ଭିତରେ ଉଦୟନ, ଉଦିଚୀ, ପୁନଶ୍ଚ, ଶ୍ୟାମଳୀ ଏବଂ କୋଣାର୍କ । ଶିଳ୍ପୀ ରାମକିଙ୍କର ବେଜ୍‌ଙ୍କ ପଥର ନିର୍ମିତ ମୂର୍ତ୍ତିର ଅଦ୍ଭୁତ କାରୁକଳା । ଉତ୍ତରାୟଣ ଭିତରେ ଲତାୟିତ ମାଧବୀ କୁଞ୍ଜ । ମାଧବୀ କୁଞ୍ଜର ଦୁଇ ପାଖରେ ବସିବା ପାଇଁ ସିମେଣ୍ଟ୍ ବେଞ୍ଚ୍ ।

ସବୁଠାରେ କବିତାର ଜୟଗାନ କରାଯାଇଛି । ସେ ପାଖକୁ ଗୋଲାପ ବଗିଚା–ଭିନ୍ନ ଭିନ୍ନ ଗୋଲାପର ସମାହାର । ସପେଟା ଏବଂ ପିଜୁଳି ଗଛକୁ ଲତାୟିତ କରି ଲୁହା ତାରରେ ମଡ଼ାଇ ଦିଆଯାଇଛି । ତା' ପାଖରେ ରବୀନ୍ଦ୍ରନାଥ ବ୍ୟବହାର କରୁଥିବା କଳାରଙ୍ଗର ଅଷ୍ଟିନ୍ କାର । ବହୁ ଆଗରୁ ଓଡ଼ିଆ ବିଭାଗର ଲାଇବ୍ରେରୀ ସେଠାରେ ଥିଲା । ମୁଁ ଶାନ୍ତିନିକେତନରେ ପଢ଼ିବା ବେଳେ ଦେଖିଛି ଲାଇବ୍ରେରୀରେ ଅସଂଖ୍ୟ ଦୁର୍ଲଭ ବହି । ଆମର ଶେଷ ବର୍ଷ ଏହି ଲଇବ୍ରେରୀ ସେଣ୍ଟ୍ରାଲ୍ ଲାଇବ୍ରେରୀକୁ ଉଠିଗଲା । ଲାଇବ୍ରେରୀ ଭିତରକୁ ପଶିଲା ମାତ୍ରେ କିପରି ଏକ ମଧୁର ଗନ୍ଧ ଆସି ନାକରେ ବାଜେ । ତାହା ଥିଲା କବିତାର ବାସ୍ନା ।

ଓଡ଼ିଆ ଲାଇବ୍ରେରୀ ଭିତରେ ବିଶ୍ୱକବିଙ୍କର ସୃଜନଶୀଳତାର ବାସ୍ନା । ଆମ ଭିତରେ ବିଶ୍ୱାୟନ ଭାବର ଉଦ୍ରେକ ହେଉଥିଲା । ଭାରି ଭଲ ଲାଗୁଥିଲା । ମୋ ଛାତ୍ର ଜୀବନରେ ଶାନ୍ତିନିକେତର ଶେଷ ଦୁଇବର୍ଷ ମୋ ପାଇଁ ସୁବର୍ଣ୍ଣ ସମୟ ଥିଲା । ସଙ୍ଗୀତ ଆଉ କବିତାର ମାୟା ସରୋବର ଭିତରେ ମୁଁ ପ୍ରତିମୁହୂର୍ତ୍ତରେ ଅବଗାହନ କରୁଥିଲି । ସ୍ୱପ୍ନ ଉଦ୍ୟାନର ବର୍ତ୍ତୁଳ ପ୍ରକୃତି ଭିତରେ ମୁଁ ଯେମିତି ଏକ ଉତ୍ତରିତ ଚେତନାରେ ରୂପାନ୍ତରିତ ହୋଇ ଯାଇଥିଲି । ଗୋଏଙ୍କା ହଷ୍ଟେଲ୍‌ର ଛାତ୍ରୀ ନିବାସର ଉପର ମହଲାର ଏକ କୋଠରୀରେ ମୁଁ ରହୁଥିଲି । ହଷ୍ଟେଲ୍ ବାହାରେ ରାସ୍ତାର ଦୁଇଧାରରେ ଥିଲା ସୁନାଝରି ଫୁଲ ଆଉ ମାଳତୀ ଫୁଲର ବାସ୍ନାମୟ ପୃଥିବୀ । ଝରକା ବାଟେ ବାହାରକୁ ଅନାଇଲେ ଦେଖାଯାଉଥିଲା ସଙ୍ଗୀତ ଭବନର ପିଲାମାନଙ୍କର ସମ୍ମିଳିତ କଣ୍ଠରେ ରବୀନ୍ଦ୍ର ସଙ୍ଗୀତର ମନ ମତାଣିଆ ସ୍ୱର – ସେଇ ମୁହୂର୍ତ୍ତରେ ମୋର ଇଚ୍ଛା ହେଉଥିଲା ସେମାନଙ୍କ ସ୍ୱର ସାଙ୍ଗରେ ମୋ ସ୍ୱର ମିଶାଇ ଦେଇ ଗାଆନ୍ତି ।–

*'ଚୈତ୍ର ପବନେ, ମମ ଚିତ୍ତବନେ,*
*ବାନିମଞ୍ଜରୀସଞ୍ଚଳିତା ଅଗୋ ଲଲିତା ।'*

କେତେ ବେଶୀ ମାଦକତା ଥିଲା ସେ ସ୍ୱରରେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଆଜି । କେତେ ଆତ୍ମୀୟତା ଥିଲା ସେଥିରେ । ଶାନ୍ତିନିକେତନ ଛାଡ଼ି ଆସିଲା ପରେ ଜୀବନ କେମିତି ଗୋଟାଏ ଧୁ ଧୁ ମରୁଭୂମି ହୋଇଗଲା ଯେମିତି । ସ୍ୱପ୍ନ ସବୁ ଅଧା ରହିଗଲା– ଅଧା ଲେଖା ଚିଠି ପରି ।

ଶାନ୍ତିନିକେତନର ଦୁଇଟା ଅନୁଭବ ମୋତେ ଖୁବ୍ ପ୍ରଭାବିତ କରିଥିଲା । ପ୍ରଥମଟା ଥିଲା ହଷ୍ଟେଲ୍‌ର ସମବେତ ସନ୍ଧ୍ୟା ପ୍ରାର୍ଥନା ଏବଂ ଅନ୍ୟଟି ଥିଲା ସକାଳର ବୈତାଳିକ । 'ଆକାଶଭରା ସୂର୍ଯ୍ୟତାରା ବିଶ୍ୱଭରା ପ୍ରାଣ' ଭିତରେ ମୋର ଅସ୍ମିତା ହଜି ଯାଉଥିଲା । ବିଶ୍ୱ ଭାରତୀର ବିଶ୍ୱାୟନ ଭାବନା ମୋ ଭିତରୁ ସବୁ ପ୍ରକାର ସଙ୍କୀର୍ଣ୍ଣତାକୁ ଦୂରକୁ ଠେଲି ଦେଉଥିଲା ଯେମିତି, ଆମ ହଷ୍ଟେଲ୍‌ରେ ରହୁଥିବା ମରିସସ୍‌ର ଝିଅ ଦମୟନ୍ତୀ । ମଣିପୁରର ରାଧେଷ୍ଟା ଭିକ୍ଟୋରିଆ ଏବଂ ସର୍ବୋପରି ଆମ ଓଡ଼ିଆ ପିଲା ଯିଏକି ଦର୍ଶନରେ ଏମ୍.ଏ କରୁଥିବା କରୁଣାକର, ସମସ୍ତେ ଆଜି ସମୟ ସୁଅରେ ଦୂରକୁ ଦୂରକୁ ଠେଲି ହୋଇ ଚାଲିଯାଇଛନ୍ତି । ତଥାପି ଅନେକ ସମୟରେ ମୋ ସ୍ମୃତିର ଗନ୍ତାଘର ଭିତରୁ ସେମାନେ ଉଙ୍କିମାରନ୍ତି ସମୟ ଅସମୟରେ । ଦମୟନ୍ତୀକୁ ଚିଠିଲେଖେ ପୁରୁଣା ଠିକଣାରେ । ଚିଠି ଫେରିଆସେ । ଦମୟନ୍ତୀ ମରିସସ୍‌ରେ ଅଛି ମୁଁ ଜାଣେ । ଦିନେ ନା ଦିନେ ତା ସହିତ ଦେଖାହେବ ଏଇ ବିଶ୍ୱାସ ମୋ ଭିତରେ ଆଜି ବି ଦିକିଦିକି ହୋଇ ଜଳୁଛି ।

ଶାନ୍ତିନିକେତନ ଓଡ଼ିଆ ବିଭାଗର ବିଜ୍ଞାପନ । ପ୍ରଫେସର୍ ପାଇଁ ମୁଁ ଦରଖାସ୍ତ କଲି । ଇଣ୍ଟରଭ୍ୟୁ ମଧ୍ୟ ହେଲା । ବିଚାରକମାନଙ୍କ ମଧ୍ୟରେ ଅନେକ ଦ୍ୱନ୍ଦ୍ୱ । ବିଶ୍ୱଭାରତୀର କୁଳପତି ଚାହୁଁଛନ୍ତି ନିର୍ଦ୍ଦିଷ୍ଟ ଜଣକୁ ପ୍ରଫେସର କରିବା ପାଇଁ । ସେଥିରେ ମୁଁ ଆଶ୍ଚର୍ଯ୍ୟ ହୋଇନାହିଁ । ଭାରତବର୍ଷର ପ୍ରମୁଖ ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରେ ବିଶ୍ୱଭାରତୀ ମୁଖ୍ୟ ସ୍ଥାନ ଲାଭ କରିଛି । ପ୍ରଚୁର ଅନୁଦାନ ଆସେ କେନ୍ଦ୍ରରୁ । **ଓଡ଼ିଶାର ପ୍ରଖ୍ୟାତ ଗବେଷକ ପ୍ରଫେସର ନଟବର ସାମନ୍ତରାୟଙ୍କ ପରି ବହୁ ବିଦ୍ୱାନ୍‌ମାନଙ୍କୁ ଶାନ୍ତିନିକେତନର ଓଡ଼ିଆ ବିଭାଗ ଅଯୋଗ୍ୟ ବୋଲି ଘୋଷଣା କରି ଅତୀତରେ ପ୍ରଫେସର ନିର୍ବାଚନରୁ ବଞ୍ଚିତ କରିଥିଲା । ଭାଷାତତ୍ତ୍ୱବିତ୍ ପ୍ରଫେସର ଗଗନେନ୍ଦ୍ର ନାଥ ଦାସଙ୍କୁ ମଧ୍ୟ ଶାନ୍ତିନିକେତନରେ ରହିବାର ସୁଯୋଗ ଦିନେ ମିଳିନଥିଲା ।**

ମୋ ପ୍ରିୟ ଶାନ୍ତିନିକେତନର ଅବସ୍ଥା ଯାହା ହେଉ ପଛକେ ସ୍ୱପ୍ନର ଭୂଖଣ୍ଡ ଭିତରେ ଆଗପରି ସେ ମାୟାସରୋବର ହୋଇ ଚିରଦିନ ରହିଥିବ। ଶାନ୍ତିନିକେତନ ମୋ ପାଇଁ ତୀର୍ଥଭୂଇଁ ।

ଶାନ୍ତିନିକେତନ ମୋ ପାଇଁ ଦୂର ଆକାଶର ନକ୍ଷତ୍ର ସଦୃଶ ସବୁଦିନ ରହିଥାଉ ।

**୧୨୫,ପ୍ରୀତମପୁରୀ, ଆଚାର୍ଯ୍ୟବିହାର**
**ଭୁବନେଶ୍ୱର–୭୫୧୦୧୩,**
**ମୋ–୦୯୪୩୭୦୧୧୦୦୩**

# ଶୀତଳ ଷଷ୍ଠୀ–ଶିବ ଓ ଶକ୍ତିଙ୍କ ମହାମିଳନ

ବୈଷ୍ଣବ ଚରଣ ଦାଶ

ଓଡ଼ିଶାରେ ଆଦି ଶଙ୍କରାଚାର୍ଯ୍ୟଙ୍କ ଆଗମନ ପରେ ଶୈବ ଧର୍ମର ଅଭ୍ୟୁଦୟ ହୋଇଥିବା ଇତିହାସ କହେ । ତା ପର ଠାରୁ ବିଭିନ୍ନ ଅଞ୍ଚଳରେ ଶିବ ମନ୍ଦିରମାନ ନିର୍ମାଣ କରାଯାଇ ଶିବ ଆରାଧନା କରାଯାଉଛି । ଶିବ ହେଉଛନ୍ତି ମଙ୍ଗଳମୟ । ପାର୍ବତୀଙ୍କ ବିନା ଶିବଙ୍କ ଉପାସନା ବ୍ୟର୍ଥ । ତେଣୁ କୁହାଯାଇଛି, 'ଶିବ ଶକ୍ତ୍ୟା ଯୁକ୍ତୋ ଯଦି ଭବତି ଶକ୍ତଃ ପ୍ରଭବିତୁମ୍' । ଶିବ ଏବଂ ଶକ୍ତି ମିଳିତ ହୋଇ ଏକତ୍ର ପୂଜା ପାଆନ୍ତି, ଯାହା ଅନ୍ୟ ଠାରେ ଦେଖାଯାଏ ନାହିଁ । ଓଡ଼ିଶାର ଅନେକ ସ୍ଥାନରେ ଭଗବାନ ଶିବ ଓ ପାର୍ବତୀଙ୍କ ମୂର୍ତ୍ତି ଏକତ୍ର ପୂଜା ପାଆନ୍ତି ।

ଚଳନ୍ତି ବିଗ୍ରହକୁ ଚନ୍ଦ୍ରଶେଖର କୁହାଯାଏ । ଯେଉଁ ମନ୍ଦିରରେ ଚଳନ୍ତି ବିଗ୍ରହ ଥାଆନ୍ତି, ସେଠି ଶୀତଳ ଷଷ୍ଠୀ ଯାତ୍ରା ହୋଇଥାଏ । ଅନେକଙ୍କ ମନର ଧାରଣା ଯେ ଶିବ ବିବାହକୁ ଶୀତଳ ଷଷ୍ଠୀ କୁହାଯାଏ । କିନ୍ତୁ ବାସ୍ତବିକ୍ ତାହା ନୁହେଁ, ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀ ଦିନ ଶିବ ବିବାହ ହୁଏ, ତା' ପର ଦିନ ହୋଇଥାଏ ଶୀତଳ ଷଷ୍ଠୀ । ବୈଶାଖର ରୌଦ୍ର ତାପ ପରେ ନବ ମେଘ ଆଚ୍ଛାଦିତ ଆକାଶରୁ ଝରିପଡେ ଅବାରିତ ବାରିଧାରା । ଶିବ ଓ ପାର୍ବତୀଙ୍କ ମିଳନରେ ସମଗ୍ର ବିଶ୍ୱ ଶୀତଳ ହେଉଥିବାରୁ ଏହାର ନାମକରଣ ଏପରି ହୋଇଥିବା ଅନୁମିତ ହୁଏ ।

ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷ ପ୍ରଜାପତି ପାର୍ବତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ପାର୍ବତୀଙ୍କ ବିବାହ ବୟସ ହେବା ଉତ୍ତାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ମଶାନଚାରୀ ଶିବଙ୍କୁ ସେ ବିବାହ କରନ୍ତି । ଏଥିରେ କ୍ଷୁବ୍ଧ ହୋଇ ଦକ୍ଷ ପ୍ରଜାପତି ନିଜେ ଆୟୋଜନ କରୁଥିବା ଏକ ଯଜ୍ଞକୁ ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ । ମହାଦେବଙ୍କ ଅନିଚ୍ଛା ସତ୍ତ୍ୱେ ଦେବୀ ପାର୍ବତୀ ପିତ୍ରାଳୟ ଯାଆନ୍ତି । ଯଜ୍ଞ ସ୍ଥଳରେ ଦକ୍ଷ ପ୍ରଜାପତି ଶିବଙ୍କୁ ଅପମାନ କଲାପରି କଥା ପାର୍ବତୀଙ୍କୁ କହିବାରେ ଏହାକୁ ସହ୍ୟ କରିନପାରି ସତୀ ଯଜ୍ଞ କୁଣ୍ଡରେ ଝାସ ଦିଅନ୍ତି । ସତୀଙ୍କ ଯଜ୍ଞ କୁଣ୍ଡରେ ଝାସଦେବା ଶୁଣି ମହାଦେବ ଯଜ୍ଞ ସ୍ଥଳକୁ ଧ୍ୱଂସ କରିଦିଅନ୍ତି ଏବଂ ସେଠାରୁ ସତୀଙ୍କ ଶବକୁ କାନ୍ଧରେ ପକାଇ ଚାରିଆଡେ ଘୁରି ବୁଲନ୍ତି ।

ଏହାପରେ ଭଗବାନ ବିଷ୍ଣୁ ଚକ୍ରଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଶିବଙ୍କ ଠାରୁ ଅଲଗା କରିଦିଅନ୍ତି । ପରବର୍ତ୍ତୀ ସମୟରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁର ଅତ୍ୟାଚାର କରେ । ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶନ୍ତି । ମାତ୍ର ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ ତାରକାସୁରକୁ ବଧ କରିବ ବୋଲି ବ୍ରହ୍ମା କହିବା ପରେ ଦେବତାମାନେ ଆଦିଶକ୍ତି ମାତା ପାର୍ବତୀଙ୍କୁ ତପସ୍ୟା କରନ୍ତି । ଦେବାଦେବୀଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ପର୍ବତରାଜ ହିମାଳୟଙ୍କ ଘରେ ଆର୍ବିଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ଶାନ୍ତ ଏବଂ ଶୀତଳ ହୋଇଯାଆନ୍ତି । ଦେବଦମ୍ପତିଙ୍କ ଏହି ମହାମିଳନକୁ ଶୀତଳଷଷ୍ଠୀ ଭାବେ ପାଳନ କରାଯାଇଥାଏ । ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିରର ଜଗମୋହନର ଦକ୍ଷିଣଦ୍ୱାରଠାରେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବର ଏକ ସୁନ୍ଦର ଦୃଶ୍ୟ ଖୋଦିତ ହୋଇଛି ।

ପୁରୀ ଲୋକନାଥ ମନ୍ଦିର ସମେତ ପଞ୍ଚ ମହାଦେବ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ବିଭିନ୍ନ ଶିବମନ୍ଦିରମାନଙ୍କରେ ଶୀତଳ ଷଷ୍ଠୀ ଉତ୍ସବ ବହୁ ଜାକଜମକରେ ପାଳନ କରାଯାଏ । ପୁରୀରେ ଏହି ପରିକ୍ରମା ଉତ୍ସବକୁ 'ଗୁଆଲି ଯାତ୍ରା' ବୋଲି କୁହାଯାଏ । ଏତଦ୍ ଭିନ୍ନ ପୁରୀ ଓ ଗଞ୍ଜାମ ଜିଲ୍ଲାର ବ୍ରାହ୍ମଣ ଶାସନମାନଙ୍କରେ ଏହି ଯାତ୍ରା ଖୁବ୍ ଆଡମ୍ବର ସହକାରେ ପାଳନ ହୁଏ । ଏଥିପାଇଁ ପ୍ରସ୍ତୁତି ପ୍ରାୟ ଏକ ମାସ ପୂର୍ବରୁ କରାଯାଏ । ଗଛ ଗଣ୍ଡି ଆଣି ସେଥିରେ ଦାରୁ ପ୍ରସ୍ତୁତ ହୋଇ ବାଣ ତିଆରି କରାଯାଏ । ଏହି ଯାତ୍ରାର ପ୍ରମୁଖ ଆକର୍ଷଣ ବାଣ । ଗ୍ରାମର ଆବାଳ ବୃଦ୍ଧବନିତା ସମସ୍ତେ ଏହି ଯାତ୍ରାରେ ସାମିଲ୍ ହୁଅନ୍ତି ।

ସମ୍ବଲପୁରରେ ପତରପେଣ୍ଡିରୁ ଶୀତଳଷଷ୍ଠୀ ଉତ୍ସବର ଶୁଭାରମ୍ଭ ହୋଇ, ତତ୍ ପରଦିନ ଦେବ ନିମନ୍ତ୍ରଣ, ଚତୁର୍ଥୀ ତିଥିରେ ସମସ୍ତ ମନ୍ଦିରରୁ ଦେବାଧିଦେବଙ୍କ ବରଯାତ୍ରା, ପରଦିନ କନ୍ୟାପିତାଙ୍କ ଗୃହରେ ରାତ୍ରିରେ ବିବାହୋତ୍ସବ ଏବଂ ତା'ପରଦିନ ମଧ୍ୟାହ୍ନରେ ଶିବପାର୍ବତୀଙ୍କ ବାହୁଡା ଆଡ଼ମ୍ବରପୂର୍ଣ୍ଣ ଦିବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା ପରେ ସ୍ୱ ସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନର କାର୍ଯ୍ୟକ୍ରମ ବେଶ୍ ମନୋଜ୍ଞ ଓ ମନୋମୁଗ୍ଧକର ।

ପ୍ରତ୍ୟେକ ସହରର ଭାଗ୍ୟଶାଳୀ ବିଭିନ୍ନ ଦମ୍ପତି କନ୍ୟାପିତା ଭାବରେ ଦେବାଧିଦେବଙ୍କୁ କନ୍ୟାଦାନ କରିବାର ସୌଭାଗ୍ୟ ଅର୍ଜନ କରିଥାନ୍ତି । ନୈସର୍ଗିକ ବିଧିବିଧାନ, ପରମ୍ପରା ଓ ପ୍ରକରଣରେ ନବଦମ୍ପତିଙ୍କର ବିବାହୋତ୍ସବ ଅନୁଷ୍ଠିତ ହୋଇ କନ୍ୟାଦାନ ସହିତ ଅଳଙ୍କାର, ବାସନକୁସନ ଓ ଅନ୍ୟାନ୍ୟ ଯାନିଯୌତୁକ ସାଧମତେ ପ୍ରଦାନ କରାଯାଏ । ବିବାହୋତ୍ସବରେ ସାଧାରଣତଃ ଆନନ୍ଦ, ଚିତ୍ତବିନୋଦନ ପ୍ରାଧାନ୍ୟ ଲାଭ କରିଥାଏ । ସମ୍ବଲପୁରର ଯାତ୍ରାରେ କିନ୍ନରମାନେ ନୃତ୍ୟ କରିଥାନ୍ତି । ବିଶ୍ୱାସ ରହିଛି ଯେ ଶିବ ପାର୍ବତୀଙ୍କ ବିବାହରେ ନିଜକୁ ସାମିଲ କଲେ କିନ୍ନର ଜନ୍ମରୁ ମୁକ୍ତି ପାଇଥାନ୍ତି ।

ଓଡ଼ିଆ ସଂସ୍କୃତିର ଏକ ପ୍ରମୁଖ ପର୍ବ ଭାବେ ମଧ୍ୟ ଶୀତଳଷଷ୍ଠୀ ପରିଗଣିତ । ଓଡ଼ିଆ ଗୃହିଣୀମାନେ ନିଜ ସ୍ୱାମୀ ତଥା ସନ୍ତାନମାନଙ୍କ ଶୁଭ ଓ ମଙ୍ଗଳ ମନାସି ଶିବ ଓ ପାର୍ବତୀଙ୍କ ଉପାସନା କରିଥାନ୍ତି ଓ ଉପବାସ ରହିଥାନ୍ତି । ଧୁଆମୁଗ ସହ ଆମ୍ବ, ପଣସ, ନଡିଆ, ତାଳ, ସପୁରୀ ଆଦି ଫଳ ପୂଜା କରି ଖାଇଥାନ୍ତି । ଶିଳ ଗୁଡାରେ ହଳଦୀରେ ଶିବ ପାର୍ବତୀଙ୍କ ମୁଖ କରି ବିବିଧ ଅଳଙ୍କାର, ପୁଷ୍ପରେ ସଜାଇ ପୂଜା କରାଯାଇଥାଏ ।

ଯୁଗେ ଯୁଗେ କି ମନୁଷ୍ୟ, ଦେବତାମାନେ ମଧ୍ୟ ସୃଷ୍ଟିରେ ସ୍ଥିରତା ଆଣିବା ପାଇଁ ସଂସାରର ମଙ୍ଗଳ ପାଇଁ ଦେବ ଦେବ ମହାଦେବଙ୍କୁ ଆରାଧନା କରିଥାନ୍ତି । ସମୁଦ୍ର ମନ୍ଥନରୁ ନିର୍ଗତ ହଳାହଳ ବିଷ ପାନ କରି ନିଜେ ନୀଳକଣ୍ଠ ସାଜି ଆଶୁତୋଷ ଶିବ ଯେପରି ସୃଷ୍ଟିକୁ ରକ୍ଷା କରିଥିଲେ, ସେପରି ଶିବଙ୍କ ଔରସରୁ ଜନ୍ମିତ ପୁତ୍ର ଦ୍ୱାରା ତାରକାସୁରର ବିନାଶ ଜାଣି ପାର୍ବତୀଙ୍କୁ ବିବାହ କରି କାର୍ତ୍ତିକେୟଙ୍କୁ ଜନ୍ମ ଦେଇ ସୃଷ୍ଟି ରକ୍ଷା କରିଥିଲେ । କେବଳ ଧାର୍ମିକ ଦୃଷ୍ଟିରୁ ନୁହେଁ, ଜ୍ୟେଷ୍ଠ ମାସରୁ ବର୍ଷାର ଆଗମନରେ ପୃଥିବୀ ରୌଦ୍ର ତାପରୁ ପ୍ରଶମିତ ହୋଇ ଶୀତଳ ହେଉଥିବାରୁ ଏହି ପର୍ବର ଗୁରୁତ୍ୱ ରହିଆସିଛି ଶୀଳତଷଷ୍ଠୀ ଭାବରେ ।

**ବୀରଧନଞ୍ଜୟ ପୁର**
**ବୁଗୁଡ଼ା, ଗଞ୍ଜାମ**
**ମୋ–୯୭୭୬୫୩୪୯୩୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାସୁଦ୍..

କାର୍ଯ୍ୟକଳାପ ହୁଏ ତେବେ ତାହାର ଜବାବ ଦିଆଯିବ। ପାକିସ୍ତାନ ମାଟିରେ ଭାରତ ବିରୋଧୀ କାର୍ଯ୍ୟ ଚାଲିଛି। ଭାରତ କାର୍ଯ୍ୟାନୁଷ୍ଠାନ ନେବାକୁ ସମ୍ପୂର୍ଣ୍ଣ ମୁକ୍ତ। ଭାରତ ନାଗରିକଙ୍କୁ ଆତଙ୍କବାଦ ବିରୋଧରେ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ। ପାକିସ୍ତାନ ନିଜ ମାଟିରେ ଚାଲିଥିବା ଆତଙ୍କବାଦର ନର୍ସରିକୁ ପ୍ରଥମେ ଧ୍ୱଂସ କରୁ। ହାଫିଜ ସୟଦ ଓ ମାସୁଦ୍ ଆଝାର ଏମାନେ କେବଳ ଭାରତର ନୁହେଁ, ମୋଷ୍ଟ ୱାଣ୍ଟେଡ୍ ଟେରୋରିଷ୍ଟ ତାଲିକାରେ ଅଛନ୍ତି। ଜାତିସଂଘ ଏମାନଙ୍କୁ ଆତଙ୍କବାଦୀ ବୋଲି ଚିହ୍ନଟ କରିଛି। ମୁମ୍ବାଇ ଆକ୍ରମଣରେ ହାଫିଜ ସୟଦ ଦୋଷୀ। ଏହି ଅପରାଧ ପାଇଁ ନ୍ୟାୟ ଦିଆଯିବ। ଯଦି ପାକ୍ ସହ ଆଲୋଚନା ହୁଏ ତେବେ ତାହା କେବଳ ଆତଙ୍କବାଦ ଓ ପିଓକେକୁ ନେଇ ହେବ।

## ସିକିମରେ...

ପୁଅ ଓ ପୁତୁରା ଓ ଝିଆରି ସିକିମ୍‌ରେ ଥିଲେ। ସେମାନେ କାଳାପଥର ଓ ଅନ୍ୟାନ୍ୟ ସ୍ଥାନ ବୁଲିଥିଲେ। ବୁଲାବୁଲି କରି ରାତି ପ୍ରାୟ ୮ଟା ବେଳେ ଦୁଇ ଗାଡିରେ କିଛି ଅଣ ଓଡ଼ିଆ ପର୍ଯ୍ୟଟକଙ୍କ ସହ ଲାଚୁଙ୍ଗରୁ ଫେରିଥିଲେ। ଗାଡ଼ିରେ ୧୦ ଲେଖାଏଁ ପର୍ଯ୍ୟଟକ ଓ ଡାଇଭର ଥିଲେ। ଆଗ ଗାଡିରେ ୫ ଜଣ ଓଡ଼ିଆ ଥିବା ବେଳେ ପଛ ଗାଡିରେ ୬ ଜଣ ଓଡ଼ିଆ ଥିଲେ। କିଛି ବାଟ ଯିବା ପରେ ଆଗ ଗାଡିର ଲୋକ ପଛ ଗଡିରେ ଲୋକ ଆସୁନଥିବା ଦେଖି ଦୀର୍ଘ ସମୟ ଅପେକ୍ଷା କଲେ ପରେ ପୋଲିସ୍‌କୁ ସୂଚନା ଦେଇଥିଲେ। ତେବେ ଦୁର୍ଘଟଣା ଗସ୍ତ ହୋଇ ଇତିଶ୍ରୀ ବସିଥିବା ଗାଡିରେ ୧୦୦୦ ଫୁଟ ତଳକୁ ଖସି ତିସ୍ତା ନଦୀରେ ପଡିଥିଲା। ଇତିଶ୍ରୀଙ୍କ ଭାଇ ଶିଶିର ନାୟକ କହିଛନ୍ତି ଯେ ଆମେ ଦୁଇ ଗାଡିରେ ଫେରୁଥିଲୁ। ଗୋଟିଏ ଗାଡିରେ ଆମ ପରିବାରର ୫ ଜଣ ଓ ଅନ୍ୟଟିରେ ୬ ଜଣ ବସିଥିଲେ। ତାହା ସହ ଆମ ଗାଡିରେ ମଧ୍ୟ ଅନ୍ୟ ରାଜ୍ୟର ୫ ପର୍ଯ୍ୟଟକ ଥିଲେ। ତେବେ ପଛ ଗାଡିରେ ଇତିଶ୍ରୀ ଓ ଅନ୍ୟ ପରିବାର ସଦସ୍ୟ ଥିଲେ। ଭୋର ୫ଟା ବେଳକୁ ମୋ ଭଣଜା ସାଇ ରାଜ ଜେନା, ପୁତୁରା ସ୍ୱୟମ୍ ଶ୍ରୀପ୍ରୀତମ ନାୟକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନେ ପାଖାପାଖି ଗୋଟିଏ ସ୍ଥାନରେ ପଡିଥିଲେ। ସେଠି ପାଣି ନଥିଲା ସ୍ଥାନଟି ଓଦା ଥିଲା। ସେମାନଙ୍କୁ ଉଦ୍ଧାର କରାଯାଇ ଗ୍ୟାଙ୍ଗଟକକୁ ଅଣା ଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେମାନେ ସୁସ୍ଥ ଅଛନ୍ତି। ଆମ ପରିବାରର ଦୁଇ ଜଣ ଉଦ୍ଧାର ହୋଇଥିବା ବେଳେ ଆହୁରି ୪ ଜଣ ନିଖୋଜ ଅଚନ୍ତି। ଇତିଶ୍ରୀ, ତାଙ୍କ ବଡ଼ ପୁଅ ସାହିଲ ତାଙ୍କ ପନୀ ସମ୍ପର୍କରେ କିଛି ଜଣାପଡିନାହିଁ। ଗୁରୁବାର ରାତି ୯ଟା ବେଳେ ପ୍ରାୟ ଏଭଳି ଦୁର୍ଘଟଣା ଘଟିଥିଲା।

## ସିକିମ...

ଅଧିକାରୀମାନଙ୍କ ଏକ ସ୍ୱତନ୍ତ୍ର ଟିମ୍ ଏହାର ସୁପରିଚାଳନା ନେଇ ସିକିମ୍ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱତନ୍ତ୍ର ଟିମ୍ ଏବେ ସିକିମ ଯାଇଛି।

## କଟକରେ...

ଝୋଲାସାହି ଅଞ୍ଚଳର ଜଣେ ୪୪ବର୍ଷୀୟ ବ୍ୟକ୍ତି କରୋନା ପଜିଟିଭ ଥିବା ଜଣାପଡିଥିଲା । ସେହିପରି ଶୁକ୍ରବାର ଅପରାହ୍ନରେ ନୂଆ ରାଉସାପାଟଣା ଅଞ୍ଚଳର ଜଣେ ୭୧ବର୍ଷୀୟ ବୃଦ୍ଧ କରୋନା ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି । ଉଭୟ ସ୍ଥାନୀୟ ଅଞ୍ଚଳର ବ୍ୟକ୍ତି । ପୂର୍ବରୁ ଏମାନେ କେଉଁଆଡେ ଯାତ୍ରା କରିନାହାନ୍ତି । ତଥାପି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏକ ଟିମ୍ ଗଠନ କରିଛି । ଉକ୍ତ ଟିମ୍ ଉଭୟ ଆକ୍ରାନ୍ତଙ୍କ ଘରକୁ ଯାଇ ଯାଞ୍ଚ କରି ଫେରିଛି । ଜିଲ୍ଲାରେ ନମୁନା ସଂଗ୍ରହ ବୃଦ୍ଧି ପାଇବ । ପ୍ରାଥମିକ ପର୍ଯ୍ୟାୟରେ କରୋନା ଆକ୍ରାନ୍ତଙ୍କ ନିମନ୍ତେ କେତେକ ର୍ନିଦ୍ଦିଷ୍ଟ ହସ୍ପିଟାଲରେ ଶଯ୍ୟା ସଂରକ୍ଷିତ ରଖାଯିବ ବୋଲି ସେ କହିଛନ୍ତି ।

## ନବଦାସ...

ବ୍ରଜରାଜନଗରରେ ପହଞ୍ଚି ରାଜପୁର ନିବାସୀ ପ୍ରବୀଣ ଦେଓଙ୍କୁ ପଚରା ଉଚୁରା କରିଛନ୍ତି । କାରଣ ପ୍ରବୀଣ ହତ୍ୟା କାଣ୍ଡ ଦିନ ଅଭିଯୁକ୍ତ ଗୋପାଳ ସହ ମୋବାଇଲରେ ଶେଷ କଥାବାର୍ତ୍ତା କରିଥିଲେ । ଏହା ସହିତ ହତ୍ୟାକାଣ୍ଡ ସମ୍ପର୍କିତ କିଛି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି ।

## ନକଲି...

ହୋଇଥିବା ଚିଠିରେ ସଂପୃକ୍ତ ଆଇଏଏସ୍ ଅଧିକାରୀଙ୍କ ଆୟ ଏବଂ ସମ୍ପତ୍ତି ପ୍ରମାଣପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ସେତିକି ନୁହେଁ, ସଂପୃକ୍ତ ଅଧିକାରୀ ଦେଇଥିବା ପ୍ରମାଣପତ୍ର ମଧ୍ୟ ଓଡ଼ିଶା ସରକାରଙ୍କୁ ପଠେଇଛି କାର୍ମିକ ମନ୍ତ୍ରଣାଳୟ । ତେବେ କିଏ ସେହି ଅଧିକାରୀ ? ତାଙ୍କ ଉପରେ କ'ଣ ଆକ୍ସନ ନେବେ ରାଜ୍ୟ ସରକାର, ତାକୁ ନେଇ ଏବେ ପାଓ୍ୱାର କରିଡରରେ ଜୋରଦାର ଚର୍ଚ୍ଚା । ଏବେ ଓଡିଶା ସରକାରଙ୍କ ତଥ୍ୟ ଅନୁସାରେ ୨୦୨୧ ବ୍ୟାଚର ୬ ଜଣ ଆଇଏଏସ ରାଜ୍ୟରେ କାର୍ଯ୍ୟରତ ଥିବା ଜଣାପଡ଼ିଛି ।

## ଜେଲ୍ ଗଲେ...

ସିବିଆଇ ମାଡି ବସିଥିଲା । ଖଣି ମାଲିକଙ୍କ ଘରେ ଇଡି ଚଢାଉ କରିବା ପରେ ମାମଲା ରଫାଦଫା ସମ୍ପର୍କରେ ଆଲୋଚନା ହୋଇଥିଲା । ଲାଞ୍ଚ ଟଙ୍କା ଧୀରେ ଧୀରେ ବଢିବାରେ ଲାଗିବାରୁ ଖଣି ମାଲିକ ସିବିଆଇ ଅଫିସ୍‌ରେ ଜଣାଇବା ପରେ ଯୋଜନା ଅନୁଯାୟୀ ଡେପୁଟି ଡାଇରେକଫରଙ୍କୁ ଗିରଫ କରାଯାଇଥିଲା । ଗୁରୁବାର ରାତି ଓ ଶୁକ୍ରବାର ପୂର୍ବାହ୍ନରେ ଜେରା କରାଯିବା ପରେ ତାଙ୍କୁ ଅପରାହ୍ନରେ କୋର୍ଟଚାଲାଣ କରାଯାଇଥିଲା । ସିବିଆଇ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## କୋଟିପତି...

ଭିଜିଲାନ୍ସ ଚଢାଉ ସମୟରେ ଝରକା ବାଟ ଦେଇ ୩୦ଲକ୍ଷ ଟଙ୍କା ବାହାରକୁ ଫିଙ୍ଗି ଦେଇଥିଲେ ମୁଖ୍ୟଯନ୍ତ୍ରୀ । ତାହା ମଧ୍ୟ ସାକ୍ଷ୍ୟ ପ୍ରମାଣ ଆଧାରରେ ଜବତ କରାଯାଇଥିବା ଭିଜିଲାନ୍ସ ନିର୍ଦ୍ଦେଶକ ଓ୍ୱାଇକେ ଜେଠୁଆ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି ।

ଏକସଙ୍ଗେ ଚଢାଉ ହୋଇଥିବା ୭ଟି ସ୍ଥାନ ହେଲା ଅନୁଗୁଳ, ଭୁବନେଶ୍ୱର, ଡୁମୁଡୁମା, ପୁରୀ, ପିପିଲି, ଅନୁଗୁଳ ଶିକ୍ଷକପଡା ସମ୍ପର୍କୀୟଙ୍କ ଘର, ଅନୁଗୁଳୁ ପୈତୃକ ଘର, ଅନୁଗୁଳ ପାଟିଆ ସାହି ପୈତୃକ ଘର ଓ ଅଫିସ୍ ଚାମ୍ବର । ଚଢାଉ ଟିମ୍‌ରେ ସାମିଲ ଥିଲେ ୮ ଡିଏସ୍‌ପି, ୧୨ ଇନ୍ସପେକଫର, ୬ ଏଏସ୍‌ଆଇ ଓ ଅନ୍ୟ କର୍ମଚାରୀମାନେ । ଠାବ ହୋଇଥିବା ଭୂ-ସମ୍ପତ୍ତିର ମୂଲ୍ୟ କେତେ ହେବ ଭିଜିଲାନ୍ସ ଟେକ୍ନିକାଲ ଟିମ୍ ଆକଳନ କରିବା ପରେ ଜଣାପଡିବ । ଚଢାଉ ଜାରି ରହିଥିବାରୁ ମୁଖ୍ୟଯନ୍ତ୍ରୀ ବୈକୁ=ନାଥ ଷଡଙ୍ଗୀ ସମୁଦାୟ କେତେଟଙ୍କାର ମାଲିକ ତାହା ସ୍ପଷ୍ଟ ହୋଇନାହିଁ ।

## ମିଳିଲା...

ସରଣ୍ଡା ଜଙ୍ଗଲର ଆଭ୍ୟନ୍ତରରୁ ବିସ୍ଫୋରକ ବୋଝେଇ ଗାଡ଼ିର ସନ୍ଧାନ ମିଳିଥିଲା । କେ. ବଲାଙ୍ଗ ଥାନା ଅନ୍ତର୍ଗତ ଜଙ୍ଗଲ ମାନଙ୍କରେ କିଛିଦିନ ଧରି ମାଓ ବିରୋଧି ଅପରେସନ୍ ଜାରିରହିଛି । ତେଣୁ ମାଓବାଦୀମାନେ ଗାଡ଼ିକୁ ଲୁଟିନେଇ ଥାଇପାରନ୍ତି ବୋଲି ସନ୍ଦେହ କରାଯାଉଛି ।

କେବଲାଙ୍ଗ ଥାନା ଅଧିନସ୍ଥ ବାଙ୍କୋ ଠାରେ ସଶସ୍ତ୍ର ମାଓବାଦୀମାନେ ଗୋଟିଏ ବିସ୍ଫୋରକ ବୋଝେଇ ଗାଡ଼ିକୁ ଲୁଟ୍ କରିବା ଘଟଣା ପରେ ଜରେଇକେଲା ସୀମାନ୍ତରେ ଝାଡ଼ଖଣ୍ଡ ପୁଲିସ ତରଫରୁ ହାଇ ଆଲର୍ଟ ଜାରି ହୋଇଛି । ଯେଉଁ ଜାଗାରୁ ବିସ୍ଫୋରକ ଗାଡ଼ି ଲୁଟ୍ ହୋଇଛି ସେହି ଅଞ୍ଚଳଟି ସରଣ୍ଡା ଜଙ୍ଗଲକୁ ଲାଗିଥିବାରୁ ସରଣ୍ଡା ଜଙ୍ଗଲରେ ଥିବା ଦୀଘା, ଥାଲକୋବାଦ, ଛୋଟାନାଗରା, ବରାଇବୁରୁ ସିଆରପିଏଫ୍ କ୍ୟାମ୍ପ ତରଫରୁ ମଧ୍ୟ ପାଟ୍ରୋଲିଂ ଆରମ୍ଭ ହୋଇଛି । ମାଓ ନେତା ମିର୍ଶି ବେସ୍ରାଙ୍କ ନେତୃତ୍ୱରେ ମାଓବାଦୀମାନେ ଏହି ବିସ୍ଫୋରକ ଗାଡ଼ି ଲୁଟ୍ କରିଥିବା ସୂତ୍ରରୁ ଜଣାପଡ଼ିଛି ।

# ଆତ୍ମସମର୍ପଣ କଲେ ୧୭ ମାଓବାଦୀ

ମାଲକାନଗିରି, (ସବ୍ୟୁ): ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡ୍ଡମ ଜିଲ୍ଲା ପୁଲିସ ନିକଟରେ ଶୁକ୍ରବାର ଦିନ ୪ ଦୁର୍ଦ୍ଧାନ୍ତ କ୍ୟାଡରଙ୍କ ସମେତ ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେଲେଙ୍ଗାନା ଗ୍ରେହାଉଣ୍ଡ ଯବାନ ଜଂଗଲରେ ଲଗାତାର ଅପରେସନ ଜାରି ରଖିବା ଦ୍ୱାରା ମାଓବାଦୀମାନେ ଜୀବନ ବିକଳରେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି । ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଚେଷ୍ଟା କରୁଛନ୍ତି ମାଓବାଦୀ । କିଛି ମାଓବାଦୀ ଭୟଭୀତ ହେବା ସହ ସରକାରଙ୍କର ଆତ୍ମନିର୍ଭରଶୀଳ ନୀତିରେ ମଧ୍ୟ ପ୍ରଭାବିତ ହେଉଛନ୍ତି । ଫଳ ସ୍ୱରୂପ ଆତ୍ମସମର୍ପଣ କରୁଛନ୍ତି । ଚଳିତ ବର୍ଷର ଆଜି ସୁଦ୍ଧା ୨୮୨ ଜଣ ମାଓବାଦୀ ଆତ୍ମସମର୍ପଣ କିସାରିଲେଣି । ସରକାରଙ୍କ ତରଫରୁ ସମସ୍ତଙ୍କୁ ଆର୍ଥିକ ସହାୟତା କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି ।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ମାଡବୀ ହୁଙ୍ଗା(୨୯), ସୁନାମ ଲଛୁ(୨୫), ସଭଲମ ଲଳିତା(୨୩), ମାଧବୀ ସୁଲା(୨୩), ନୁପୋ ଲକ୍ଷ୍ମୀ(୨୬), କାବାସୀ ଆଡୁମା(୩୩), ମାଡ଼କମ ସମଡୁ(୨୨), ନୁପୋ ଉଙ୍ଗି(୨୩), ଭେଞ୍ଜାମ ଉଙ୍ଗା(୩୪), କମଲୁ ଡୁଡଭା(୩୨), ମାଡ଼ବୀ ଲଖମା(୨୮), ମାଡ଼କମ ସହଦେବ(୨୦), ମୁଚାକି ଡାଡେ(୨୦), କାବାସୀ ନନ୍ଦେ(୨୦), ମାଡ଼କମ ହଡମା(୨୯) ଏବଂ ନୁପୋ ମୁୟା(୪୦)। ଏମାନଙ୍କ ମଧ୍ୟରୁ ୮ ଲକ୍ଷ ଘୋଷିତ ୨ ଜଣ ଏସିଏମ ରହିଥିବା ବେଳେ ୪ ଜଣ ପାର୍ଟି ମେମ୍ବର ରହିଛନ୍ତି । ସୂଚନାଯୋଗ୍ୟ, ଦୁଇଦିନ ପୂର୍ବରୁ ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ ୪ ହାର୍ଡକୋର କ୍ୟାଡର ସମେତ ୧୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ଦୁଇ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରହିଥିଲା । ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଥିଲେ । ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରି ବାକି ଜୀବନ ଖୁସିରେ କଟାଇବାକୁ ଇଚ୍ଛା ପ୍ରକଟ କରିଛନ୍ତି । ସରକାରଙ୍କ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି ।

# ୧୬ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର, ୩୦।୫ (ସବ୍ୟୁ) : ଗୃହ ବିଭାଗ ପକ୍ଷରୁ ୧୬ ଜଣ ଅତିରିକ୍ତ ଏସ୍‌ପିଙ୍କୁ ଏସ୍‌ପି ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ସେମାନେ ଓଆର୍‌ଏସ୍‌ପି ନିୟମ ୨୦୧୭ ଅନୁଯାୟୀ ଏହି ପଦୋନ୍ନତି ପାଇଛନ୍ତି। ପଦୋନ୍ନତି ପାଇଥିବା ଏଏସ୍‌ପିଙ୍କ ମଧ୍ୟରେ ଅଛନ୍ତି ତନୁଜା ମହାନ୍ତି, ଦେବବ୍ରତ ଚକ୍ର, କେ ବେଣୁଗୋପାଳ ଆଚାର୍ଯ୍ୟ, ବାସୁଦେବ ସ୍ୱାଇଁ, ଅନିଲ କୁମାର ବେଉରା, ଅନିରୁଦ୍ଧ ରାଉତରାୟ, ବିଷ୍ଣୁପ୍ରସାଦ ପତି, ରବିନ୍ଦ୍ର କୁମାର ପଣ୍ଡା, ଗୁପ୍ତେଶ୍ୱର ଭୋଇ, ସୁଶାନ୍ତ କୁମାର ବିଶ୍ୱାଳ, ମନୋଜ କୁମାର ରାଉତ, ଉମାଶଙ୍କର ପଣ୍ଡା, ପ୍ରଦୀପ କୁମାର ପ୍ରଧାନ, ଚିନ୍ତାମଣି ପାତ୍ର, କୃଷ୍ଣପ୍ରସାଦ ଦାସ ଓ ବିଷ୍ଣୁପ୍ରସାଦ ପାତ୍ର।

OFFICE OF THE DIVISIONAL FOREST OFFICER,
BRAHMAPUR DIVISION
At-Courtpeta, Brahmapur-760004,
Tel. /FAX-0680-2281354, Mob-7653908594,
Email : dfobhmpr@yahoo.co.in
No. 03 / 01F-/2025
Dated, Brahmapur the 28th. May' 2025

Tender Call Notice for Supply of Tree Guard (Bamboo Gabion)

MM-33 : Sealed Tenders are invited from reputed Registered Dealer / Manufacturer / Individuals for supply of good quality Tree Guard (Bamboo Gabion) of Size 6 feet X 4 feet for use in Avenue Plantations to be taken up in Brahmapur Forest Division, under various schemes during the current financial year 2025-26. The tender application form can be obtained from the O/o the D.F.O, Brahmapur Division on any working day from 10.00 AM to 05.00 PM during 30.05.2025 to 13.06.2025 on payment of Rs.10,000/- (Rupees Ten Thousand) only or in shape of Non-refundable Demand Draft drawn in favour of the Divisional Forest Officer, Brahmapur Division. The tender documents may be downloaded from the website www.odishaforest.in./ganjam.nic.in . Sample of the Tree Guard (Bamboo Gabion) should be submitted along with the Tender document. The last date of submission of sealed tender is 13.06.2025 up to 05.00 PM. The Technical bids shall be opened at 02.00 PM of 16.06.2025 in presence of the bidder (s) or their authorized representative in the office of the undersigned. The undersigned reserves the right to reject any or all tender without assigning any reasons thereof.

Sd/- Divisional Forest Officer
Berhampur Division
OIPR : 08038/11/0039/2526

# ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ରେଢ଼ାଖୋଲ, (ସବ୍ୟୁ): ବଲାଙ୍ଗିର ଜିଲ୍ଲା ପୁଇନ୍ତଲା ବ୍ଲକ କୁଲଥୁପାଲି ଠାରେ ସାମ୍ବାଦିକ ବିଜୟ ପ୍ରଧାନଙ୍କ ପ୍ରତି ହୋଇଥିବା ବର୍ବର ଆଚରଣ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି । ରାଜ୍ୟରେ ସାମ୍ବାଦିକଙ୍କ ସୁରକ୍ଷା କିଭଳି ବିପନ୍ନ ହୋଇପଡିଛି ଏହା ହେଉଛି ତାହାର ଏକ ନଗ୍ନ ଉଦାହରଣ । ବିଳମ୍ବରେ ହେଲେ ମଧ୍ୟ ପୋଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରି ପାରିଥିବାରୁ ଅଶେଷ ଧନ୍ୟବାଦ୍ । ଓଡ଼ିଶା ସାମ୍ବାଦିକୟୁନିଅନ୍ ଓ ଏହାର ସମସ୍ତ ଜିଲ୍ଲା ଶାଖା ରାଜ୍ୟ ବ୍ୟାପୀ ସାମ୍ବାଦିକଙ୍କ ନିରାପତ୍ତା ନେଇ ଉଦବିଗ୍ନ । ଗିରଫ ଅଭିଯୁକ୍ତ ବିରୋଧରେ ଦୃଷ୍ଟାନ୍ତ ମୂଳକ ଦଣ୍ଡବିଧାନ କରାଯିବା ସହ ଛତିଶଗଡ ଓ ମହାରାଷ୍ଟ୍ର ଢାଞ୍ଚାରେ ଓଡ଼ିଶାରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ କରିବା ପାଇଁ ଦୃଢ଼ ଦାବି କରା ଯାଇଛିଛ ଏହି ପରିପ୍ରେକ୍ଷୀରେ ଓୟୁଜେ ସମ୍ବଲପୁର ଜିଲ୍ଲା ସାଧାରଣ ସମ୍ପାଦକ ଶରତ କୁମାର ପ୍ରଧାନ ନେତୃତ୍ୱରେ ସାମ୍ବାଦିକୟୁନିଅନ (ଓୟୁଜେ ) ରେଢ଼ାଖୋଲ ଶାଖାର ସଭାପତି ପ୍ରସନ୍ନ କୁମାର ପ୍ରଧାନ, ନାକଟିଦେଉଳ ଶାଖାର ସଭାପତି କନ୍ଦର୍ପ ବେହେରା, ରେଢ଼ାଖୋଲ ଶାଖାର ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଅନିଲ କୁମାର ପୃଷ୍ଟି, ସାମ୍ବାଦିକ ରମାକାନ୍ତ ମହାନନ୍ଦ, ଜୟନ୍ତ କୁମାର ଖଡ଼ିରନି, ସୁଶାନ୍ତ ନାଗ, ରଶ୍ମି ରଞ୍ଜନ ଖଡ଼ିରନି,ଯଶୋବନ୍ତ ନାରାୟଣ ସାହୁ, ତପନ କୁମାର ବିଶ୍ୱାଳ, ସଡା ନନ ପ୍ରଧାନ,ସୁଧୀର ସୁନା, ଲିଙ୍ଗରାଜ ପ୍ରଧାନ, ଗଜାନନ ଭେଶରା, ମଦନ ବେହେରା ପ୍ରମୁଖ ସାମିଲ ହୋଇ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରି ଦୃଢ଼ ଦାବି କରାଯାଇଛି । ସରକାରଙ୍କ କାର୍ଯ୍ୟଧାରା ଏକ ବର୍ଷ ପୁରିବାକୁ ଯାଉଥିବା ବେଳେ ଓୟୁଜେର ମୂଳ ଦାବି,ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ପେନସନ ପ୍ରଦାନ ଓ ୧୬ ବର୍ଷ ଧରି ଶୀତଳ ଭଣ୍ଡାରରେ ଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିର ପୁନର୍ଗଠନ, ଅନୁକମ୍ପା ମୂଳକ ସହାୟତା ରାଶିର ପରିମାଣକୁ ୮ ଲକ୍ଷ ଟଙ୍କାକୁ ବୃଦ୍ଧି ଓ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ବାବଦରେ ତୁରନ୍ତ ନିଷ୍ପତ୍ତି ନେଇ ଜୁନ ୧୨ ପୂର୍ବରୁ ଘୋଷଣା କରିବାକୁ ଦାବି କରା ଯାଇଛି ।

ODISHA COOPERATIVE TASAR &
SILK FEDERATION (SERIFED) LTD.
Sahid Nagar, Janpath, Bhubaneswar-751 007,
Tel : 2545586/2545852,
email- serifedodisha@gmail.com.
website- www.serifedodisha.in
CAD-576

INVITATION FOR BIDS (e-Procurement)
Bid identification no:- VI-08(06)/SERIFED/2025-26/657

The MANAGING DIRECTOR (SERIFED), Odisha, Bhubaneswar invites Item Rate Tenders in single cover system in ONLINE MODE only, for the 01 (One) no of works at Boudh. The bid documents such as DTCN/BOQ etc. can be seen/ downloaded from the government website : www.tendersodisha.gov.in. during the period dt. 02.06.2025 to 17.00 hours up to dt. 09.06.2025. Online bids shall be received till 17.00 hours dt. 09.06.2025 & shall be opened at 11.30 AM on Dt. 10.06.2025. Any addendum / corrigendum / cancellation of tender can also be seen in the said website.

Yours faithfully
Sd/- MANAGING DIRECTOR
OIPR : 31005/11/0001/2526

E-132
OFFICE OF THE DEAN & PRINCIPAL
PANDIT RAGHUNATH MURMU MEDICAL COLLEGE &
HOSPITAL, BARIPADA, MAYURBHANJ
AT- RANGAMATIA, PO-LAXMIPOSI, PIN-757 107,
MAYURBHANJ, ODISHA
Ph No.: 06792 240401,
E-mail: prmmchbaripada@gmail.com / officeprmmch@gmail.com

NOTICE INVITING TENDER
Reference No. 2919 / I-33-PRMMCH-2025 / Dated. 29-05-2025

Sealed tender are invited in the prescribed format from interested reputed Contractors / Caterers and firms having experience of running a mess or a canteen of more than 100 persons in renowned institution or public places, which must confirm to the terms and conditions for running the staff canteen in PRMMCH, Rangamatia, Baripada. The Tender can be downloaded from the PRM medical college official website (www.dmetodisha.gov,in & www.prmmch.nic.in ) from dt.02-06-2025. The last date of submission of bid documents is dt.23-06-2025 by 5.30 PM.

Sd/- Dean & Principal,
PRMMCH, Baripada
OIPR : 10120/11/0019/2526

# ଧାନ ଉଠାଣ ମନ୍ଥର ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କିସାନ ସଂଘ

ବରଗଡ଼,(ସବ୍ୟୁ): ବିଭିନ୍ନ ମଣ୍ଡି ପରିଦର୍ଶନ କଲା ପରେ ଭାରତୀୟ କିସାନ ସଂଘର ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବରଗଡ଼ ଜିଲ୍ଲାର ସମସ୍ତ ମାନ୍ୟବର ବିଧାୟକଙ୍କୁ ପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ମଣ୍ଡିରୁ ଧାନ ଉଠାଇବାକୁ ଅନୁରୋଧ କରିଛନ୍ତି । ଅଦିନିଆ ବର୍ଷା ସାଙ୍ଗକୁ ମାନସୁନ ବର୍ଷା ର ଆରମ୍ଭ କୁ ନେଇ ଏ ପର୍ଯ୍ୟନ୍ତ ମାତ୍ର ୪୦ ପ୍ରତିଶତ ଧାନ ଉଠିଥିବା ନେଇ ଉଦବେଗ ପ୍ରକାଶ କରିଛନ୍ତି । ଯଦି ଏପରି ମନ୍ଥର ପ୍ରକ୍ରିୟା ରହେ ଆଗାମୀ ଦିନରେ କ୍ଷତି ଗ୍ରସ୍ତ ଚାଷୀଙ୍କ ଅସନ୍ତୋଷ ସହ ବିଭିନ୍ନ ଚାଷୀ ସଂଗଠନ ର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ପ୍ରକାଶ କରିଛନ୍ତି । ଏଣୁ ମଣ୍ଡିରୁ ଶିଘ୍ର ଧାନ ଉଠାଇବାକୁ ଶ୍ରୀ ମିଶ୍ର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

AFFIDAVIT

By virtue of an Affidavit sworn before the Executive Magistrate, Nimapara No-4, Dated. 30.4.2025 I, Sumitra Swain W/o-Kalandi Swain of Village - Jageswarpur, Po-Dighalo, PS-Nimapara, Dist-Puri my Son's actual name is "SHANTANU SWAIN" mentioned his birth certificate Regd. No. 14837/2014 dated. 24.7.2014 but his Aadhaar Card No. 5023 0478 5176 his name wrongly mentioned as "SANTUNU SWAIN" instead of SHANTANU SWAIN. Both are same and one.

AFFIDAVIT

By virtue of an affidavit No.12AA823413 sworn before SRI Nilamani Behera Notary public, Bhubaneswar dated 24/05/2025.I SRI Sudhansu Sekhar kar aged about 62,S/O-Late Gokulananda kar, resident of Flat no. H-405, Acropolis Appartment, Gothapatna, P.O-Malipada, P.S-Chandaka, Bhubaneswar, Dist-Khordha, Pin-751003,Odisha do hereby declare that my actual name is SUDHANSU SEKHAR KAR In Adhar & all official documents .That Sudhansu Sekhar kar & Sudhansu kar belongs to one and same person. Hence, Name mismatch,Sudhansu kar(Old Name) be corrected as Sudhansu Sekhar Kar (New Name) where are required.

(Sudhansu Sekhar Kar)

OFFICE OF THE CHIEF DISTRICT MEDICAL
& PUBLIC HEALTH OFFICER
MAYURBHANJ
DISTRICT PROGRAMME MANAGEMENT UNIT (DPMU),
NHM, Mayurbhanj, Odisha

ZILLA SWASTHYA SAMITI, MAYURBHANJ
Office of the CDM & PHO-cum-District Mission Director, NHM,
Mayurbhanj, Odisha, 757001
Advt. No. 1976 / NHM / 2025-26 Dt : 29.05.2025

TENDER DOCUMENT FOR SUPPLY OF WORKING LUNCH FOR TRAINING / WORKSHOP/MEETING UNDER ZSS, MAYURBHANJ

E-124 : Sealed proposals as per prescribed document are invited from interested eligible bidders for SUPPLY OF WORKING LUNCH FOR TRAINING / WORKSHOP / MEETING UNDER ZSS, MAYURBHANJ. The eligible criteria, the details requirement of the said services and the formats for submission of proposals are set forth in the tender documents which can be downloaded from the website https://mayurbhanj.odisha.gov.in. Interested bidders fulfilling the eligibility criteria may submit their proposals (with document as per tender call notice) to the O/o : CMD & PHO, DHH, Baripada, Mayurbhanj. The Proposal(s) complete in all respect should reach the undersigned on or before dt: 01.00 PM of dt : 16.06.2025 through Regd. Post / Speed post / Courier and the same will be opened on dt : 17.06.2025 at 11.30 AM in the office chamber of the undersigned. The undersigned reserves the right to reject any or all the tender(s) without assigning any reason thereof.

Sd/- Chief District Medical & Public Health Officer
Mayurbhanj
OIPR : 10020/11/0035/2526

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ତ୍ରିଦିବସୀୟ ପୂର୍ବ ଭାରତୀୟ ପ୍ରାଚ୍ୟବିଦ୍ୟା ସମ୍ମିଳନୀ ଉଦ୍‌ଯାପିତ



ବାଲେଶ୍ୱର, (ସବ୍ୟୁ) :ଫକୀର ମୋହନ (ଏଫଏମ) ବିଶ୍ୱବିଦ୍ୟାଳୟ, ବାଲେଶ୍ୱର ଓ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ ସହଯୋଗରେ ପଞ୍ଚମ ପୂର୍ବ ଭାରତ ଓରିଏଣ୍ଟାଲ୍ କନଫରେନ୍ସ (ଇଆଇଓସି) ସଫଳତାର ସହ ଆୟୋଜିତ ହୋଇଯାଇଛି । ଏହି ତିନି ଦିନିଆ ଶାସ୍ତ୍ରୀୟ ସମ୍ମିଳନୀରେ ପୂର୍ବ ଓ ଉତ୍ତରପୂର୍ବ ଭାରତରୁ ୨୦୦ ରୁ ଅଧିକ ଗବେଷକ ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଭାରତୀୟ ପାରମ୍ପରିକ ଜ୍ଞାନ ପରମ୍ପରା ବିଷୟରେ ଅନ୍ତର୍ଗତ ଆଲୋଚନା ଓ ଗଭୀର ଚର୍ଚ୍ଚା କରିଥିଲେ ।ଏହି ସମ୍ମିଳନୀ ଦୁଇ ବର୍ଷରେ ଥରେ ଆୟୋଜିତ ହୁଏ ଓ ବେଦ, ସଂସ୍କୃତ ସାହିତ୍ୟ, ଭାରତୀୟ ଦାର୍ଶନିକତା, ବ୍ୟାକରଣ, ଧର୍ମ, ଐତିହ୍ୟ, ପୁରାତ‰, ଓ ସାହିତ୍ୟିକ ମୂଳତ‰ ଓ ପରମ୍ପରା ବିଷୟରେ ଗବେଷଣା ପାଇଁ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ରୂପେ ପରିଚିତ । ଏହି ବର୍ଷ, ଓଡିଶାରେ ବିଶେଷ ଭାବେ ସଂରକ୍ଷିତ ଅଥର୍ବ ବେଦର ପୈªଳାଦ ପରମ୍ପରା ଓ ବାଲେଶ୍ୱର ଅଞ୍ଚଳର ଦୁଇ ମହାନ ବୈଷ୍ଣବ ଚିନ୍ତକ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ ଜ୍ଞାନ-ଭକ୍ତି ଦାର୍ଶନିକତା ଉପରେ ବିଶେଷ ଗଭୀରତା ଦିଆଯାଇଥିଲା ।ଏଥିପାଇଁ ଫକୀରମୋହନ ସେନାପତିଙ୍କ ସାହିତ୍ୟିକ ଅବଦାନକୁ ସ୍ମରଣ କରି ବିଶେଷ ଅଧିବେଶନ ଆୟୋଜିତ ହୋଇଥିଲା ଓ ଓଡ଼ିଆ ଭାଷାର ଆଧୁନିକ ରୂପର ଗଠନ ଓ ସୁରକ୍ଷାରେ ତାଙ୍କର ଅପୂର୍ବ ଭୂମିକା ଅନୁଲେଖିତ ହେବାନେଇ ଆଲୋକପାତ କରାଯାଇଥିଲା ।ସମ୍ମିଳନୀରେ ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଥିଲା, ଯାହାରେ ଆୟୁର୍ବେଦ, ଭାଷା ବିଜ୍ଞାନ, ନାଟ୍ୟଶାସ୍ତ୍ର ଓ ସାହିତ୍ୟ ସମାଲୋଚନା ସମେତ ବିଭିନ୍ନ ବିଷୟର ଅନୁଷ୍ଠାନ ହୋଇଥିଲା । ସମ୍ମିଳନୀ ଏହି ପ୍ରତିବଦ୍ଧତାକୁ ପୁନର୍ନବାହ କରି ଭାରତୀୟ ଜ୍ଞାନ ପରମ୍ପରା (ଆଇକେଏସ) କୁ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ ସହ ସମନ୍ୱୟ କରି ଶିକ୍ଷାର ସମସ୍ତ ମାନଦଣ୍ଡରେ ଅନ୍ତର୍ଭୁକ୍ତ କରିଥିଲା ।ସମାପନୀ ସଭାରେ ସମ୍ମାନନୀୟ ସଂସଦ ସଦସ୍ୟ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ହୋଇ, ସଂସ୍କୃତ ଓ ବେଦର ଶାଶ୍ୱତ ମୂଲ୍ୟ ଓ ଏହାର ଆଧୁନିକ ବୈଜ୍ଞାନିକ ଗୁରୁତ୍ୱ ଉପରେ ମୂଲ୍ୟବାନ ଉଦବୋଧନ ପ୍ରଦାନ କରିଥିଲେ ।ଏହି ସଭାରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିତ୍ୱ ମାନଙ୍କ ସହ ପ୍ରଫେସର ହରେକୃଷ୍ଣ ମିଶ୍ର ସମ୍ମିଳନୀ ସଂଯୋଜକ,ଡ଼ା. ନିବେଦିତା ପତି ପ୍ରକାଶନ ବିଭାଗ ସଚିବ, ଇଆଇଓସି, ପ୍ରଫେସର ବ୍ରଜକିଶୋର ସ୍ୱାଇଁ ଉପାଧ୍ୟକ୍ଷ, ଇଆଇଓସି,ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଅଧ୍ୟକ୍ଷ,ଇଆଇଓସି ପ୍ରମୁଖ ଉପସ୍ଥିତ ହୋଇ ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଡ଼ା. ଦେବାଶିଷ ମିଶ୍ର ଧନ୍ୟବାଦ ଜ୍ଞାପନ କରିଥିଲେ । ତିନିଦିନିଆ ସମ୍ମିଳନୀରେ ଗ୍ରହଣ କରାଯାଇଥିବା ମୁଖ୍ୟ ସଙ୍କଳ୍ପ ଗୁଡିକ, ଯଥା ସଂସ୍କୃତକୁ ଭାରତୀୟ ଜ୍ଞାନ ପରମ୍ପରାର ମୌଳିକ ଅଂଶ ଭାବେ ଅନୁଷ୍ଠାନିକ ଭାବେ ଶିକ୍ଷା ପାଠ୍ୟକ୍ରମରେ ସାମିଲ କରିବା, ଛାତ୍ରଛାତ୍ରୀଙ୍କୁ ନିବିଡ଼ ଶିକ୍ଷାସ୍ତର ରେ ପହଞ୍ଚିବା ପର୍ଯ୍ୟନ୍ତ ଆଇକେଏସ୍-ଆଧାରିତ ଶିକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଦ୍ୱାରା ନୀତି ପ୍ରଣୟନ, ଓଡିଶାର ବୈଦିକ ପରିଚୟ ରକ୍ଷା କରିବା ଲାଗି ପୈªଳାଦ ସଂହିତାର ସମ୍ପାଦନ ଓ ଅନୁବାଦ,ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣଙ୍କ କୃତିର ପ୍ରକାଶନ ଓ ଶିକ୍ଷାତ୍ମକ ସଂସ୍ଥାନଗତ ଇତ୍ୟାଦି ଅନ୍ତର୍ଭୁକ୍ତ କରାଯାଇଥିଲା । ବିଶେଷ ଶିକ୍ଷାଗତ ଦାବି ଇଆଇଓସି ରାଜ୍ୟ ଓ ଭାରତ ସରକାର ନିକଟରେ ଜଣାଇଥିବା ଦାବି ଗୁଡିକ, ଯଥା -ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଶ୍ରୀଧର ସ୍ୱାମୀ ଓ ବଳଦେବ ବିଦ୍ୟାଭୂଷଣ ଚେୟାର ନିର୍ମାଣ କରାଯାଉ ଓ ଏହାସହିତ ବାରିପଦାର ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପୈªଳାଦ ପରମ୍ପରା ଚେୟାର ଗଠିତ କରାଯାଉ । ଏହି ସମ୍ମିଳନୀ ଏକ ନୂଆ ପ୍ରେରଣା ସହିତ ସମାପ୍ତ ହେବା ସହ ଯୁବପିଢ଼ିଙ୍କୁ ଭାରତର ବୌଦ୍ଧିକ ଓ ଆଧ୍ୟାତ୍ମିକ ଧାରା ସହ ପୁନଃ ସଂଯୋଗ କରି ଏହି ପ୍ରାଚୀନ ଜ୍ଞାନ ପାରମ୍ପରିକତା ଭବିଷ୍ୟତକୁ ଆଲୋକିତ କରିଛି ବୋଲି ଆୟୋଜକ ମତବ୍ୟକ୍ତ କରିଛନ୍ତି ।

O-212
GOVT. OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION No.II, KEONJHAR
E-mail : eerw_kjr2@yahoo.com
"e"-Procurement Notice for Road Works
Identification No Online NCB-05/2024-25

1. Name of the work : Road Work
2. Total Number of Work : 01 No.
3. Estimated Cost : Rs. 70.40 Lakhs
4. Class of Contractor : Only 'B' Class
5. Period of Completin : As per annexure of e-Procurement Notice No. 05/2024-25
6. Other Details :

| Procurement Officer | Bid Identification No. | Availability of tender On-line for bidding | | Last date & Time of seeking Tender Clarification | Date & Time of Opening of Tender in O/o S.E., R.W. Division-II, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| | | | | | Double Cover | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-II, Keonjhar | Road Online NCB No.05 | Dt. 03.06.25 at 11.00 A.M. | Dt.17.06.25 up to 5.00 P.M. | Dt.16.06.25 up to 5.00 P.M. | Dt.18.06.25 at 11.00 A.M. | Will be Intimated later |

Further details can be seen from the website: www.tendersodisha.gov.in.

Sd/- Executive Engineer,
R.W. Divn. No-II, Keonjhar
OIPR : 25093/11/0019/2526

# ଚୋରା ଗଞ୍ଜେଇ କାରବାରକୁ ନେଇ ପୋଲିସ ଚଢାଉ

ଭୁବନେଶ୍ୱର, (ସବ୍ୟୁ) : ଚୋରା ଗଞ୍ଜେଇ କାରବାରକୁ ନେଇ କମିଶନରେଟ୍ ପୋଲିସ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଓ ଏସ୍‌ଟିଏଫ୍ ମିଶି ୪ ନମ୍ବର, ମାଷ୍ଟରକ୍ୟାଣ୍ଟିନ ଓ ଭୋଇନଗର ପ୍ରଭୃତି ଅଞ୍ଚଳରେ ଚଢାଉ କରି ବିପୁଳ ପରିମାଣର ଗଞ୍ଜେଇ, ଗଞ୍ଜେଇ ସିଗାରେଟ୍ ଜବତ କରିଛନ୍ତି । ଗଞ୍ଜେଇ ସିଗାରେଟ୍ ୩୦ଟଙ୍କା ଲେଖାରେ ବିକ୍ରି ହେଉଥିବା ବେଳେ ଜରିପୁଡିଆ ଗଞ୍ଜେଇ ୧୦୦ଟଙ୍କା ଓ ୫୦ଟଙ୍କା ଲେଖାରେ ବିକ୍ରି ହେଉଛି । ସିଗାରେଟ୍‌କୁ ଉପଭୋକ୍ତାମାନେ ସ୍ପେଶାଲ ସିଗାରେଟ୍ ମାଗୁଥିବା ବେଳେ ଗଞ୍ଜେଇକୁ ଭୋଗ କହି ମାଗୁଛନ୍ତି । ପୋଲିସ ଚଢାଉ କରିଥିବା ସହରର ଏହି ତିନୋଟି ସ୍ଥାନରେ ଚୋରା ଗଞ୍ଜେଇ ବିକ୍ରି ହେଉଛି ତାହା ଠିକ୍ ନୁହେଁ । ସମଗ୍ର ସହରର ବିଭିନ୍ନ ବଜାର ଓ ଗାଁମାନଙ୍କରେ ବସ୍ତା ବସ୍ତା ଗଞ୍ଜେଇ କାରବାର ହେଉଛି । ଚାଲାଣକାରୀମାନେ କନ୍ଧମାଳ, କୋରାପୁଟ, ମୟୂରଭଞ୍ଜ ପ୍ରଭୃତି ଅଞ୍ଚଳରୁ ଆଣି ଏହି ବିକ୍ରେତାମାନଙ୍କୁ ଯୋଗାଇ ଦେଉଛନ୍ତି । ବହୁ ସମୟରେ ଚାଲାଣକାରୀଙ୍କୁ ମଧ୍ୟ ପୋଲିସ ଗିରଫ କରୁଛି ।

## ଡକାୟତି ଉଦ୍ୟମ: ୩ ଗିରଫ

# ବାଇକ ଓ ମାରଣାସ୍ତ୍ର ଜବତ


କନ୍ଧମାଳ,(ସବ୍ୟୁ) : ଡକାୟତି ଉଦ୍ୟମ କରୁଥିବା ବେଳେ ୩ଜଣ ଯୁବକକୁ ଗିରଫ କରିଛି ଘଣ୍ଟାପଡା ପୋଲିସ । ସେମାନେ ହେଲେ ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଦେଓଗାଁ ଗ୍ରାମର ନୀଳାମ୍ବର ଭୋଇ(୨୭), ଆକାଶ ଭୁଏ(୨୨) ଓ ଯୋଗେଶ କୁମାର ସାହୁ(୨୦) । ଅଭିଯୁକ୍ତମାନଙ୍କ ନାମରେ ମାମଲା ରୁଜୁ ପୂର୍ବକ କୋର୍ଟ ଚାଲାଣ କରାଯାଇଛି । ସୂଚନା ପ୍ରକାରେ ରାତି ପ୍ରାୟ ୨ଟା ସମୟରେ ତିନିଜଣ ଦୂର୍ବୃର୍ତ୍ତ ଖୁଣ୍ଟିଗୋରା ପଞ୍ଚାୟତ ଅନ୍ତର୍ଗତ ମସିଣାଗୋରା ଗ୍ରାମର ଦେବଦତ୍ତ ଭୋଇଙ୍କ ଘରେ ଡକାୟତି ଉଦ୍ୟମ କରୁଥିବା ସମୟରେ ଘର ମାଲିକ ଜାଣିପାରି କିଛି ବ୍ୟକ୍ତିଙ୍କୁ ଯୋଗାଯୋଗ କରିଥିଲେ । ୭-୮ଜଣ ବ୍ୟକ୍ତି ଘେରିଯାଇ ଉକ୍ତ ଦୂର୍ବୃର୍ତ୍ତଙ୍କୁ କାବୁକରି ପୋଲିସକୁ ଖବର ଦେଇଥିଲେ । ଘଣ୍ଟାପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଗ୍ଲାମର ବାଇକ, ଫାର୍ଶା(ଟାଙ୍ଗି), ଖଣ୍ଡା ଏବଂ ଜେକରଡ୍ ଜବତ କରିଛି । ସମସ୍ତ ଅଭିଯୁକ୍ତ ବଲାଙ୍ଗୀର ଜିଲ୍ଲା ଦେଓଗାଁ ଥାନା ଦେଓଗାଁ ଗ୍ରାମର ବୋଲି ଜଣା ପଡିଛି । ଗିରଫ ଅଭିଯୁକ୍ତଙ୍କ ନାମରେ ଘଣ୍ଟାପଡା ଥାନାରେ ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଘଣ୍ଟାପଡା ଥାନା ଅଧିକାରୀ ମାଧବ ଚନ୍ଦ୍ର ଟାକ୍ରି ସୂଚନା ଦେଇଛନ୍ତି ।





# ଆତ୍ମସମର୍ପଣ କଲେ ୧୭ ମାଓବାଦୀ

ମାଲକାନଗିରି,(ସବ୍ୟୁ): ସୀମାନ୍ତ ତେଲେଙ୍ଗାନାର ଭଦ୍ରାଦୀ କଥାଗୁଡୁମ ଜିଲ୍ଲା ପୁଲିସ ନିକଟରେ ଶୁକ୍ରବାର ଦିନ ୪ ଦୁର୍ଦ୍ଧାନ୍ତ କ୍ୟାଡରଙ୍କ ସମେତ ୧୭ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତେଲେଙ୍ଗାନା ଗ୍ରେହାଉଣ୍ଡ ଯବାନ ଜଂଗଲରେ ଲଗାତାର ଅପରେସନ ଜାରି ରଖିବା ଦ୍ୱାରା ମାଓବାଦୀମାନେ ଜୀବନ ବିକଳରେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି । ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ଚେଷ୍ଟା କରୁଛନ୍ତି ମାଓବାଦୀ । କିଛି ମାଓବାଦୀ ଭୟଭୀତ ହେବା ସହ ସରକାରଙ୍କର ଆତ୍ମନିର୍ଭରଶୀଳ ନୀତିରେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଫଳ ସ୍ୱରୂପ ଆତ୍ମସମର୍ପଣ କରୁଛନ୍ତି। ଚଳିତ ବର୍ଷର ଆଜି ସୁଦ୍ଧା ୨୮୨ ଜଣ ମାଓବାଦୀ ଆତ୍ମସମର୍ପଣ କିସାରିଲେଣି। ସରକାରଙ୍କ ତରଫରୁ ସମସ୍ତଙ୍କୁ ଆର୍ଥିକ ସହାୟତା କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ ବୋଲି କୁହାଯାଇଛି।

ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ହେଲେ ମାଡବୀ ହୁଙ୍ଗା(୨୯), ସୁନାମ ଲଛୁ(୨୫), ସଭଲମ ଲର୍କିତା(୨୩), ମାଧବୀ ସୁଲା(୨୩), ନୁପ୍ପୋ ଲକ୍ଷ୍ମୀ(୨୬), କାବାସୀ ଆଡୁମା(୩୩), ମାଡ଼କମ ସମଡୁ(୨୨), ନୁପ୍ପୋ ଉର୍ଗି(୨୩), ଭେଞ୍ଜାମ ଉଙ୍ଗା(୩୪), କମଲୁ ଡୁଡଭା(୩୨), ମାଡ଼ବୀ ଲଖମା(୨୮), ମାଡ଼କମ ସହଦେବ(୨୦), ମୁଚାକି ଢାଡେ(୨୦), କାବାସୀ ନନ୍ଦେ(୨୦), ମାଡ଼କମ ହଡମା(୨୯) ଏବଂ ନୁପ୍ପୋ ମୁୟା(୪୦)ଛ ଏମାନଙ୍କ ମଧ୍ୟରୁ ୮ ଲକ୍ଷ ଘୋଷିତ ୨ ଜଣ ଏସିଏମ ରହିଥିବା ବେଳେ ୪ ଜଣ ପାର୍ଟି ମେମ୍ବର ରହିଛନ୍ତି। ସୂଚନାଯୋଗ୍ୟ, ଦୁଇଦିନ ପୂର୍ବରୁ ଛତିଶଗଡ଼ର ସୁକମା ଜିଲ୍ଲା ପୁଲିସ ନିକଟରେ ୪ ହାର୍ଡକୋର କ୍ୟାଡର ସମେତ ୧୮ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଦୁଇ ମାଓବାଦୀଙ୍କ ନାମରେ ୮ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରହିଥିଲା। ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସୁକମା ଏସପି କିରଣ ଚୌହାନଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରି ବାକି ଜୀବନ ଖୁସିରେ କଟାଇବାକୁ ଇଚ୍ଛା ପ୍ରକଟ କରିଛନ୍ତି। ସରକାରଙ୍କ ତରଫରୁ ସମସ୍ତଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଛି।




# ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ


ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପ୍ରଥମ ଅତିରିକ୍ତ ଜିଲ୍ଲା ବିଚାରପତି ଶିବପ୍ରସାଦ ମିଶ୍ର ଏକ ହତ୍ୟା ମାମଲାର ବିଚାର କରି ହତ୍ୟା ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡାଦେଶ ରାୟ ପ୍ରଦାନ କରିଛନ୍ତି । ଏଥିସହ ୨୦ହଜାର ଟଙ୍କା ଜରିମାନା କରିଥିବା ଜଣାପଡିଛି ।

ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଶାସନ ଥାନା ଅନ୍ତର୍ଗତ ଗମ୍ଭାରୀପଙ୍କ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କିରଣ ନାଏକ(୫୫) ଗତ ୨୪ଜୁନ୍, ୨୦୧୪ରେ ବାକୁଲା ଗର୍ଡିଆଙ୍କ ଛୁରିରେ ଭୁସି ହତ୍ୟା କରିଥିଲେ । ଏନେଇ ଶାସନ ଥାନାରେ ୮୪/୧୪ରେ ଏକ ମାମଲା ରୁଜୁ କରାଯାଇଥିଲା । ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତ କିରଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାର ବିଚାର କରି କୋର୍ଟ ୨୩ଜଣ ସାକ୍ଷ୍ୟ ଓ ୧୬ଟି ଦସ୍ତାବିଜକୁ ବିଚାର କରି ଏହି ରାୟ ପ୍ରଦାନ କରିଛନ୍ତି । ଏହି ମାମଲାକୁ ଅତିରିକ୍ତ ପିପି ସବୀର ଅହମ୍ମଦ ପରିଚାଳନା କରିଥିଲେ ।









# ଆତଙ୍କବାଦୀ ବିରୋଧୀ ଲଢେଇର ବିରାମ ନାହିଁ: ମୋଦି

**ନୂଆଦିଲ୍ଲୀ:** ଅପରେସନ ସିନ୍ଦୂର ଏବେ ଶେଷ ହୋଇନାହିଁ । ଭାରତ ଆତଙ୍କବାଦୀ ବିରୋଧରେ ଲଢେଇକୁ ତିନିଟି ସୂତ୍ରରେ ବାଣ୍ଟିଛି । ପ୍ରଥମତଃ ଭାରତ ପ୍ରତ୍ୟେକ ଆତଙ୍କବାଦୀ ଆକ୍ରମଣର ଜବାବ ଦେବ । ତେବେ ଆକ୍ରମଣ ସମୟ, ଶୈଳୀ, ସର୍ତ୍ତ କ'ଣ ରହିବ ତାହା ଆମ ସେନା ସ୍ଥିର କରିବ । ସେହିପରି ଦ୍ୱିତୀୟରେ ଭାରତ ଏବେ ପରମାଣୁ ବୋମା ଧମକରେ ଭୟଭୀତ ହେବନାହିଁ । ଏହାକୁ ଆଧାର କରି ସେନା ଅନେକ ଜରୁରୀ ନିଷ୍ପତ୍ତି ନେବ ।ଶେଷ ସୂତ୍ରଟି ହେଉଛି, ଭାରତ ଆତଙ୍କବାଦର ମାଲିକ ଏବଂ ଆତଙ୍କବାଦକୁ ପ୍ରଶ୍ରୟ ଦେଉଥିବା ସରକାରଙ୍କୁ ସମାନ ଦୃଷ୍ଟିରେ ଦେଖିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତରପ୍ରଦେଶର କାନପୁର ଗସ୍ତ



ଅବସରରେ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ କାନପୁରର ପୁଅ ଶୁଭମ ଦ୍ୱିବେଦୀ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିଲେ । ପହଲଗାମରେ ପ୍ରାଣ ହରାଇଥିବା ପ୍ରତିଟି ଲୋକଙ୍କ ମୃତ୍ୟୁର ପ୍ରତିଶୋଧ ଆମେ ଅପରେସନ ସିନ୍ଦୂର ଜରିଆରେ ନେଇଥିଲୁ ।ଯାହାର ପ୍ରମାଣ ପୂରା ଦେଶ ଦେଖିଥିଲା । ପାକିସ୍ତାନ ଭିତରେ ପ୍ରବେଶ କରି ଆମେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରି ଆଖିପିଛୁଳାକେ ସବୁକିଛି ଧ୍ୱଂସ କରି ଦେଇଥିଲୁ । ଆମ ଭାରତୀୟ ସେନାର ପରାକ୍ରମ ଦେଖି ପାକିସ୍ତାନ ବାଟବଣା ହୋଇଯାଇଥିଲା ।

## ନୌସେନା ଦେବ ଉଚିତ ଶିକ୍ଷା

**ନୂଆଦିଲ୍ଲୀ:** ଆଇଏନଏସ୍ ବିକ୍ରାନ୍ତରୁ ରାଜନାଥଙ୍କ ରଣହୁଙ୍କାର । ପ୍ରତିରକ୍ଷା ମନ୍ତ୍ରୀ କହିଲେ, ପଡ଼ୋଶୀ ଦେଶ ପୁଣିଥରେ ନିଜ ଭୁଲ ଦୋହରାଇଲେ ବଞ୍ଚିବାକୁ ଦେବୁନାହିଁ ସୁଯୋଗ । କେବଳ ଆତଙ୍କବାଦ ପ୍ରସଙ୍ଗରେ ହିଁ ଦୁଇ ଦେଶ ମଧ୍ୟରେ ହେବ ଆଲୋଚନା । 'ଅପରେସନ ସିନ୍ଦୂର'ରେ ଟାର୍ଗେଟରେ ଥିଲା କରାଚୀ ବନ୍ଦର । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଟାର୍ଗେଟ୍ କରି କହିଛନ୍ତି, ''ଏଥର ଯଦି ପାକିସ୍ତାନ କିଛି ଭୁଲ କରେ, ତେବେ ଆମେ ଆତଙ୍କବାଦ ବିରୋଧରେ ଏପରି ପଦ୍ଧତି ବ୍ୟବହାର କରିବୁ ଯାହା ଶତ୍ରୁ ଦେଶ ଚିନ୍ତା ମଧ୍ୟ କରିପାରିବ ନାହିଁ । ଏଥର ଯଦି ପାକିସ୍ତାନ କୌଣସି ପଦକ୍ଷେପ ନିଏ, ତେବେ ଆମର ନୌସେନା ଏହାର ଉଦଘାଟନ କରିବ । ଅପରେସନ୍ ସିନ୍ଦୂର ଏପର୍ଯ୍ୟନ୍ତ ଶେଷ ହୋଇନାହିଁ, ଏହା କେବଳ ଏକ ବିରତି । ଯଦି ପାକିସ୍ତାନ ପୁଣିଥରେ ସମାନ ଭୁଲ କରେ, ତେବେ ଭାରତର ପ୍ରତିକ୍ରିୟା ଆହୁରି କଠୋର ହେବ ଏବଂ ଏଥର ନିଜକୁ ସୁଧାରିବା ପାଇଁ ସୁଯୋଗ ବି ଦିଆଯିବନି । ପାକିସ୍ତାନ ଏହା ମନେରଖୁ ଯେ ଯଦି ଗୋଟିଏ ପଟେ ଆମର ନୌସେନା ସମୁଦ୍ର ପରି ଶାନ୍ତ ହୋଇଥାଏ, ଅନ୍ୟପଟେ ଏହା ସମୁଦ୍ର ପରି ସୁନାମୀ ମଧ୍ୟ ଆଣିପାରେ । ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଥରେ କଳ୍ପନା କରି ଦେଖନ୍ତୁ । ଯିଏ ଜଣେ ଚୁପ ରହିବି ଅନ୍ୟ ଦେଶର ସୈନ୍ୟଙ୍କୁ ବୋତଲରେ ବନ୍ଦି କରି ରଖିପାରେ, ସେ ଯଦି କେବେ ମୁହଁ ଖୋଲିବ ତେବେ କଣ ହେବ? ପାକିସ୍ତାନ ଯଦି ନସୁଧୁରେ ତେବେ ଏଥର ନା ସ୍ଥଳ ସେନା ନା ବାୟୁସେନା, ଏଥର ଉଦଘାଟନ ଆମର ନୌସେନା କରିବ ।

### ଆଇଏସଆଇ ସହ ସଂପର୍କ

# ବନ୍ଧା ହେଲେ ସରକାରୀ କର୍ମଚାରୀ

**ନୂଆଦିଲ୍ଲୀ:** ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସଆଇ ପାଇଁ ଗୁପ୍ତଚର କାମ କରୁଥିବା ଅଭିଯୋଗରେ ରାଜସ୍ଥାନର ଜଣେ ସରକାରୀ କର୍ମଚାରୀଙ୍କୁ ଗିରଫ କରାଯାଇଛି । ଗିରଫ ସରକାରୀ କର୍ମଚାରୀଙ୍କ ନାମ ଶକୁର ଖାନ ମାଙ୍ଗାନିୟାର ଥିବା ଜଣାପଡ଼ିଛି ।ଶକୁର ଖାନ ରାଜ୍ୟର ନିଯୁକ୍ତି ବିଭାଗରେ କାର୍ଯ୍ୟରତ ଥିଲେ । ଶକୁର ଖାନଙ୍କୁ ସିଆଇଡି ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକର ଏକ ମିଳିତ ଦଳ ଜେସଲମେରସ୍ଥିତ ତାଙ୍କ କାର୍ଯ୍ୟାଳୟରୁ ଗିରଫ କରିଛି । ଗିରଫ ପରେ ମଙ୍ଗାନିୟାରଙ୍କୁ ଅଧିକ ପଚରାଉଚରା ପାଇଁ ଜୟପୁର ନିଆଯିବାର ଯୋଜନା କରାଯାଉଛି । ସୂନାଯୋଗ୍ୟ, ଗୁପ୍ତଚର ଶକୁର ଖାନ କଂଗ୍ରେସ ସରକାରରେ ପୂର୍ବତନ ମନ୍ତ୍ରୀ ସାଲେହ ମହମ୍ମଦଙ୍କ ବ୍ୟକ୍ତିଗତ ସହାୟକ ଭାବରେ କାର୍ଯ୍ୟ କରୁଥିଲେ । ତଦନ୍ତକାରୀମାନେ ଶକୁର ମୋବାଇଲରୁ ଅନେକ ପାକିସ୍ତାନୀ ଫୋନ୍ ନମ୍ବର ପାଇଛନ୍ତ ।ଏହି ନମ୍ବରଗୁଡ଼ିକ ସମ୍ପର୍କରେ ଶକୁର କୌଣସି ସନ୍ତୋଷଜନକ ଉତ୍ତର ଏଯାବତ ଦେଇପାରି ନାହାଁନ୍ତି ।ଗିରଫ ପରେ ଶକୁର ସ୍ୱୀକାର କରି କହିଛନ୍ତି, 'କିଛି ବର୍ଷ ମଧ୍ୟରେ ଅତି କମରେ ସେ ସାତ ଥର ପାକିସ୍ତାନ ଗସ୍ତ କରିଛନ୍ତି । ଏସପି ସୁଧୀର ଚୌଧୁରୀ ଏହି ଘଟଣାକୁ ନେଇ କହିଛନ୍ତି,' ଯେ ଉଚ୍ଚ ମୁଖ୍ୟାଳୟରୁ ସନ୍ଦେହଜନକ



କାର୍ଯ୍ୟକଳାପ ସମ୍ପର୍କରେ ସୂଚନା ପାଇବା ପରେ ତଦନ୍ତ ଆରମ୍ଭ କରାଯାଇଥିଲା । ଆମେ ସମସ୍ତ ତଥ୍ୟ ଯାଞ୍ଚ କରୁଛୁ । ଶକୁର ତାଙ୍କ ଫୋନରୁ ଅନେକ ଫାଇଲ୍ ଡିଲିଟ୍ କରି ଦେଇଛନ୍ତି । ଡିଲିଟ ଫାଇଲଗୁଡ଼ିକର ବି ତଦନ୍ତ କରାଯିବ । ତାଙ୍କ ନାମରେ ଖୋଲାଯାଇଥିବା ଦୁଇଟି ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ବର୍ତ୍ତମାନ ତଦନ୍ତାଧୀନ ଅଛି ।'

# ଶପଥ ନେଲେ ସୁପ୍ରିମକୋର୍ଟର ୩ ବିଚାରପତି

**ନୂଆଦିଲ୍ଲୀ:** ଆଜି ଶପଥ ନେଇଛନ୍ତି ସୁପ୍ରିମକୋର୍ଟର ୩ ଜଣ ନୂଆ ବିଚାରପତି । ସେମାନେ ହେଲେ ଜଷ୍ଟିସ୍ ଏନ.ଭି. ଅଞ୍ଜାରିଆ, ଜଷ୍ଟିସ ବିଜୟ ବିଷ୍ଣୋଇ ଏବଂ ଜଷ୍ଟିସ୍ ଅତୁଲ ଏସ୍. ଚନ୍ଦୁରକର । ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ବି.ଆର. ଗଭାଇ ଆଜି ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟରେ ୩ ନୂଆ ବିଚାରପତିଙ୍କ ନିଯୁକ୍ତିକୁ ଗତକାଲି ମଞ୍ଜୁର କରିଥିଲେ କେନ୍ଦ୍ର ସରକାର । କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏନେଇ 'ଏକ୍ସ'ରେ ପୋଷ୍ଟ କରିଥିଲେ । ଏହାଦ୍ୱାରା ସୁପ୍ରିମକୋର୍ଟରେ ନିର୍ଦ୍ଧାରିତ ପୂର୍ଣ୍ଣ ସଦସ୍ୟଙ୍କ ସଂଖ୍ୟା ୩୪ରେ ପହଞ୍ଚିଛି । କଲେଜିୟମରେ ସର୍ବୋଚ୍ଚ ନ୍ୟାୟଳୟର ୫ ଜଣ ବରିଷ୍ଠ ବିଚାରପତି ରହିଛନ୍ତି । ପ୍ରଧାନ ବିଚାରପତି ବିଆର୍ ଗଭାଇଙ୍କ ସମେତ ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ବିକ୍ରମ ନାଥ, ଜଷ୍ଟିସ୍ ଜେକେ ମାହେଶ୍ୱରୀ ଏବଂ ଜଷ୍ଟିସ୍ ବିଭି ନାଗରତ୍ନା ବିଚାରପତି ଚୟନ କମିଟିର ସଦସ୍ୟ ଅଛନ୍ତି । ସୂଚନାଯୋଗ୍ୟ, ଗତ କିଛି ବର୍ଷ ମଧ୍ୟରେ ସୁପ୍ରିମକୋର୍ଟ



କଲେଜିୟମ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବିଚାରପତି ନିଯୁକ୍ତିକୁ ନେଇ ଅନେକ ଥର ମତଭେଦ ସାମ୍ନାକୁ ଆସିଛି । ତେବେ ଏଥର କଲେଜିୟମର ସୁପାରିସକୁ ଶୀଘ୍ର ଗ୍ରହଣ କରାଯିବା ସୂଚାଉଛି ଯେ ଉଭୟ ପକ୍ଷ ମଧ୍ୟରେ ଭଲ ବୁଝାମଣା ରହିଛି ଏବଂ ଏ ବାବଦ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁଛି ।

# ଜବାବୀ ହମଲାରେ ପାକ୍‌ର ୧୧୮ ପୋଷ୍ଟ ଧ୍ୱଂସ

**ପୁଞ୍ଚ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ପୁଞ୍ଚରେ ପାକିସ୍ତାନୀ ଆକ୍ରମଣର ଉପଯୁକ୍ତ ଜବାବ ଦେବା ପାଇଁ ସୀମା ସୁରକ୍ଷା ବାହିନୀ (ବିଏସଏଫ)କୁ ପ୍ରଶଂସା କରିଛନ୍ତି ଏବଂ କହିଛନ୍ତି ଯେ ଜମ୍ମୁ ସୀମାରେ ଜବାବୀ କାର୍ଯ୍ୟାନୁଷ୍ଠାନରେ ୧୧୮ରୁ ଅଧିକ ପାକିସ୍ତାନୀ ପୋଷ୍ଟ ନଷ୍ଟ ଏବଂ କ୍ଷତିଗ୍ରସ୍ତ ହୋଇଛି । ଅପରେସନ୍ ସିନ୍ଦୁର ପରେ ଜମ୍ମୁ ଏବଂ କାଶ୍ମୀରକୁ ତାଙ୍କର ପ୍ରଥମ ଗସ୍ତ ସମୟରେ, ଶାହ କହିଛନ୍ତି ଯେ ସୀମା ସୁରକ୍ଷା ବାହିନୀ ପାକିସ୍ତନର ନିରୀକ୍ଷଣ ନେଟୱାର୍କକୁ ଭାଙ୍ଗି ଦେଇଛି, ଯାହାକି ଏକ ବଡ଼ କ୍ଷତି ଏବଂ ଏହାର ଭରଣା ଲାଗି ସେମାନଙ୍କୁ ବର୍ଷ ବର୍ଷ ଲାଗିଯିବ । ଅପରେସନ୍ ସିନ୍ଦୁର ପରେ ଜମ୍ମୁ ଏବଂ



କାଶ୍ମୀରକୁ ତାଙ୍କର ପ୍ରଥମ ଗସ୍ତ ସମୟରେ, ଶାହ କହିଛନ୍ତି ଯେ ସୀମା ସୁରକ୍ଷା ବାହିନୀ ପାକିସ୍ତନର ନିରୀକ୍ଷଣ ନେଟୱାର୍କକୁ ଭାଙ୍ଗି ଦେଇଛି, ଯାହାକି ଏକ ବଡ଼ କ୍ଷତି ଏବଂ ଏହାର ଭରଣା ଲାଗି ସେମାନଙ୍କୁ ବର୍ଷ ବର୍ଷ ଲାଗିଯିବ । ସୁରକ୍ଷା ପରିସ୍ଥିତି, ଅମରନାଥ ଯାତ୍ରା ପ୍ରସ୍ତୁତି ସମୀକ୍ଷା ଏବଂ ପାକିସ୍ତାନୀ ଗୁଳି ମାଡ଼ର ଶିକାର ହୋଇଥିବା ଲୋକଙ୍କ ସହିତ ଆଲୋଚନା ପାଇଁ ଜମ୍ମୁକୁ ତାଙ୍କର ଦୁଇ ଦିନିଆ ଗସ୍ତର ଶେଷରେ କେନ୍ଦ୍ର ଗୃହମନ୍ତ୍ରୀ ବିଏସଏଫ ଜବାନମାନଙ୍କୁ ପ୍ରଶଂସା କରିଛନ୍ତି । ସେ କହିଛନ୍ତି, ଯେତେବେଳେ ପାକିସ୍ତାନ ଆମର ସୀମା ଏବଂ ସାଧାରଣ ନାଗରିକ ଅଞ୍ଚଳ ଉପରେ ଆକ୍ରମଣ କରି ଆମର ଆତଙ୍କବାଦ ବିରୋଧୀ ଅଭିଯାନର ଜବାବ ଦେଇଥିଲା, ସେତେବେଳେ ବିଏସଏଫର ଜମ୍ମୁ ଫ୍ରଣ୍ଟିୟରର ଜବାନମାନେ ୧୧୮ ରୁ ଅଧିକ ପୋଷ୍ଟ ନଷ୍ଟ ଏବଂ କ୍ଷତିଗ୍ରସ୍ତ କରି ପ୍ରତିଶୋଧ ନେଇଥିଲେ ।

# କର୍ଣ୍ଣାଟକରେ ୧୨୫ ବର୍ଷର ରେକର୍ଡ ଭାଙ୍ଗିଲା ବର୍ଷା

**ବେଙ୍ଗାଲୁରୁ:** ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ପ୍ରବେଶ ସହିତ ଦକ୍ଷିଣ ଭାରତରେ ପ୍ରବଳ ବର୍ଷା ଜାରି ରହିଛି । କେରଳ, କର୍ଣ୍ଣାଟକ, ତାମିଲନାଡୁରେ ପ୍ରବଳ ବର୍ଷା ଜୀବନ ଏବଂ ଜୀବନକୁ ଖରାପ ଭାବରେ ପ୍ରଭାବିତ କରିଛି । ଲୋକମାନେ ମଧ୍ୟ ବହୁ ପରିମାଣର ଜୀବନ ଏବଂ ସମ୍ପତ୍ତିର କ୍ଷତି କରିଛନ୍ତି । କର୍ଣ୍ଣାଟକରେ ବର୍ଷା ରେକର୍ଡ ଭାଙ୍ଗିଛି । ଏଠାରେ ବର୍ଷା ୧୨୫ ବର୍ଷର ରେକର୍ଡ ଭାଙ୍ଗିଛି । କର୍ଣ୍ଣାଟକରେ ୧୨୫ ବର୍ଷର ଇତିହାସରେ ପ୍ରଥମ ଥର ପାଇଁ ମେ ମାସରେ ଏତେ ବର୍ଷା ହୋଇଛି । ପ୍ରବଳ ବର୍ଷା ଯୋଗୁଁ ରାଜ୍ୟରେ ୩ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି । ଦକ୍ଷିଣ କନ୍ନଡ ଜିଲ୍ଲାରେ ଏହି ୩ ଜଣଙ୍କ ମୃତ୍ୟୁ ହୋଇଛି ।



କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଶୁକ୍ରବାର କହିଛନ୍ତି ଯେ ଗତ ୧୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ରାଜ୍ୟରେ ମେ ମାସରେ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି ଏବଂ ୨୮ଟି ଜିଲ୍ଲାରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଛି । ସମସ୍ତ ଜିଲ୍ଲାର ଡେପୁଟି କମିଶନର ଏବଂ ଜିଲ୍ଲା ପଞ୍ଚାୟତର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହିତ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ସିଦ୍ଧରମୈୟା ନିର୍ଦ୍ଦେଶ ଦେଇଛନ୍ତି ଯେ ସେମାନେ ତୁରନ୍ତ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରନ୍ତୁ ଏବଂ ପ୍ରଭାବିତ ଲୋକଙ୍କୁ ଆବଶ୍ୟକ କ୍ଷତିପୂରଣ ପ୍ରଦାନ କରନ୍ତୁ ।

# ଆରଆଇସି ଏକାଠି ହେବାର ସମୟ ଆସିଛି

**ମସ୍କୋ :** ରୁଷର ବୈଦେଶିକ ମନ୍ତ୍ରୀ ସେରଗେଇ ଲାଭରୋଭ୍ ଏକ ବଡ଼ ବୟାନ ଦେଇ ସମଗ୍ର ବିଶ୍ୱରେ ହଇଚଇ ସୃଷ୍ଟି କରିଛନ୍ତି । ସେ କହିଛନ୍ତି ଯେ ରୁଷ, ଭାରତ ଓ ଚୀନ (ଆରଆଇସି)ର ଶକ୍ତିକୁ ସକ୍ରିୟ କରିବା ସମୟ ଆସିଯାଇଛି ।

ଆମେରିକାରେ କ୍ଷମତାକୁ ଆସିବା ପରେ ଟ୍ରମ୍ପଙ୍କ ବେପରୁଆ ନିଷ୍ପତ୍ତି ବିଶ୍ୱ ସ୍ତରରେ ଅଶାନ୍ତି ସୃଷ୍ଟି କରିଥିବା ବେଳେ ଏବଂ ଏପରି ସମୟରେ ବିଶ୍ୱର ସମସ୍ତ ସମସ୍ୟାଗ୍ରସ୍ତ ଦେଶ



ସେମାନଙ୍କର ନୂତନ ବିଶ୍ୱ ନେତାଙ୍କୁ ଖୋଜୁଛନ୍ତି । ବର୍ତ୍ତମାନର ବିଶ୍ୱ ପରିସ୍ଥିତିରେ, ଶାନ୍ତି ଏବଂ ବିକାଶ ସପକ୍ଷରେ ଭାରତ ଉପରେ ବିଶ୍ୱର ବିଶ୍ୱାସ ବୃଦ୍ଧି ପାଉଛି । ତେଣୁ, ଭାରତର ପାରମ୍ପରିକ ଏବଂ ଘନିଷ୍ଠ ବନ୍ଧୁ ରୁଷ ବିଶ୍ୱର ଏହି ୩ ଶକ୍ତିଶାଳୀ ଦେଶର ଶକ୍ତିକୁ ଏକାଠି କରିବା ବିଷୟରେ ଏକ ବିବୃତ୍ତି ଦେଇ ଆମେରିକାର ଆଚରଣରେ ବିତସ୍ପୃହ ଦେଶମାନଙ୍କୁ ରଷର ଶିବିରକୁ ଆସିବାକୁ ପରୋକ୍ଷ ଆମନ୍ତ୍ରଣ ଦେଇଛନ୍ତି ।

## ହ୍ୱାଟ୍ସଆପରେ ରହିବ ଲଗ୍ ଆଉଟ୍ ଫିଚର୍

**ନୂଆଦିଲ୍ଲୀ:** ଯଦି ଆପଣ ଇନଷ୍ଟାଣ୍ଟ ମେସେଜିଂ ଆପ୍ ହ୍ୱାର୍ଟ୍ସଆପ୍ ବ୍ୟବହାର କରନ୍ତି, ତେବେ ଆପଣଙ୍କ ପାଇଁ ଏକ ଖୁସି ଖବର ଅଛି । ହ୍ୱାର୍ଟ୍ସଆପ୍ ନିଜ ୟୁଜରଙ୍କ ସୁବିଧା ପାଇଁ ସମୟ ସମୟରେ ନୂଆ ଫିଚର୍ ଆଣିଥାଏ । ଏବେ ଏହି ଆପ୍ଲିକେସନରେ ଏପରି ଏକ ଆଶ୍ଚର୍ଯ୍ୟଜନକ ଫିଚର୍ ଆସିବାକୁ ଯାଉଛି ଯାହା ବ୍ୟବହାରକାରୀଙ୍କୁ ସାମୟିକ ବିରତି ଦେବାରେ ସାହାଯ୍ୟ କରିବ । ଯଦି ଆପଣ ହ୍ୱାଟ୍ସଆପରେ ଅଧିକ ସମୟ ବିନିଯୋଗ କରୁଛନ୍ତି ଏବଂ ଆପଣ ଆପଣଙ୍କର ଏହି ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି, ତେବେ ଏବେ ଏହା ସମ୍ଭବ ହେବାକୁ ଯାଉଛିଛ ଯଦି ଆପଣ ଏପରି ଏକ ଫିଚର୍ ଚାହୁଁଛନ୍ତି ଯାହା ଦ୍ୱାରା ଆପଣଙ୍କୁ ଆପଣଙ୍କର ହ୍ୱାର୍ଟ୍ସଆପ୍ ଆକାଉଣ୍ଟ ଡିଲିଟ କରିବାକୁ ନପଡ଼େ ଏବଂ ଆପଣଙ୍କୁ କିଛି ବିରତି ମଧ୍ୟ ମିଳିବ, ତେବେ ଆମେ ଆପଣଙ୍କୁ କହି ରଖୁଛୁ ଯେ ଏବେ ଏଥିପାଇଁ ଏକ ନୂତନ ଫିଚର୍ ବହୁତ ଶୀଘ୍ର ଉପଲବ୍ଧ ହେବାକୁ ଯାଉଛି । ଏହି ନୂଆ ଫିଚର ହେଉଛି 'ଲଗ୍ ଆଉଟ୍' ।

# ହରିୟାଣା ମୁଖ୍ୟମନ୍ତ୍ରୀ ଅଫିସ୍‌କୁ ବୋମା ଧମକ



**ଚଣ୍ଡିଗଡ଼:** ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂହ ସୈନିଙ୍କ ଅଫିସକୁ ମିଳିଛି ବୋମା ଧମକ । ଅଫିସରେ ବୋମା ରହିଥିବା ଧମକ ମିଳିବା ପରେ ଚଣ୍ଡିଗଡ଼ ପୁଲିସ୍ ହାଇଆଲର୍ଟ ଜାରି କରିଛି । ଶୁକ୍ରବାର ଅପରାହ୍ନ ୩.୧୫ରେ କେହି ଜଣେ ଦୁର୍ବୃତ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଫୋନ କରିଥିଲା । ଅଫିସ ବିଲଡିଂରେ ବୋମା ରହିଥିବା କଲ କରିଥିବା ବ୍ୟକ୍ତି ଧମକ ଦେଇଥିଲା । ଏହି ସୂଚନା ମିଳିବା ପରେ ସଚିବାଳୟ ପରିସରକୁ ଖାଲି କରଯାଇଥିଲା ।ଖବର ପାଇ କେନ୍ଦ୍ରୀୟ ଶିଳ୍ପାଞ୍ଚଳ ଫୋର୍ସ, ହରିୟାଣା ପୁଲିସ୍, ଚଣ୍ଡିଗଡ଼ ପୁଲିସ୍ ଓ ସିଆଇଡି ଟିମ ଘଟଣା ସ୍ଥଳରେ ପହଞ୍ଚିଲେ । ସେମାନେ ହରିୟାଣା ସଚିବାଳୟକୁ ଖାଲି କରି ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ପୂରା ଅଞ୍ଚଳରେ ହାଇଆଲର୍ଟ ମଧ୍ୟ ଜାରି କରାଯାଇଛି । ବୋମା ନିଷ୍କ୍ରିୟ ଟିମ ଓ ସନ୍ଧାନୀ କୁକୁର ମଧ୍ୟ ସର୍ଚ୍ଚ ଅପରେସନରେ ସାମିଲ ହୋଇଛନ୍ତି । ସଚିବାଳୟ, ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଓ ପୂରା ଅଞ୍ଚଳରେ ଯାଞ୍ଚ ହୋଇଛି । ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସକୁ ମଧ୍ୟ ସଜାଗ ରଖାଯାଇଛି । କିନ୍ତୁ ଏଯାଏ କୌଣସି ବିସ୍ଫୋରକ ସାମଗ୍ରୀ ମିଳି ନାହିଁ । ତଥାପି ପୁଲିସ୍ ସତର୍କତା ଦୃଷ୍ଟିରୁ ସମସ୍ତ ପ୍ରକାରର ପଦକ୍ଷେପ ଗ୍ରହଣ କରିଛି ।

### ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲା

# ୩ ଦୋଷୀଙ୍କୁ ଆଜୀବନ ଜେଲ୍

**କୋଟଦ୍ୱାର:** ପ୍ରାୟ ଦୁଇ ବର୍ଷ ପରେ ଦେଶର ଏକ ସବୁଠାରୁ ଚର୍ଚ୍ଚିତ ହତ୍ୟାକାଣ୍ଡ– ଅଙ୍କିତା ଭଣ୍ଡାରୀ ହତ୍ୟା ମାମଲାରେ ଆଜି କୋର୍ଟଙ୍କ ରାୟ ଆସିଛି । କୋଟଦ୍ୱାରର ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍ ମାମଲାର ଶୁଣାଣି କରି ।ଶୁକ୍ରବାର ରାୟ ଶୁଣାଇଛନ୍ତି । କୋର୍ଟ ଏହି ମାମଲାରେ ତିନି ଅଭିଯୁକ୍ତ ପୁଲକିତ ଆର୍ଯ୍ୟ, ସୌରଭ ଭାସ୍କର ଏବଂ ଅଙ୍କିତ ଗୁପ୍ତାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହା ବ୍ୟତୀତ, କୋର୍ଟ ସମସ୍ତ ତିନି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ମୁଖ୍ୟ ଅଭିଯୁକ୍ତ ପୁଲକିତ ଆର୍ଯ୍ୟାକୁ ଆଇପିସି ୩୦୨ ଅନୁସାରେ ସଶ୍ରମ ଆଜୀବନ କାରାଦଣ୍ଡ ଦିଆଯାଇଛି । ଏହା ସହିତ ତା ଉପରେ ୫୦ ହଜାର ଟଙ୍କାର ଜରିମାନା ଲଗାଯାଇଛି । ଏହି ମାମଲାର ଶୁଣାଣି ମୋଟ ଦୁଇ ବର୍ଷ ଆଠ ମାସ ଧରି ଚାଲିଥିଲା। ଏହି ସମୟ ମଧ୍ୟରେ ସମସ୍ତ ପ୍ରମାଣ ଏବଂ ସାକ୍ଷୀ ଉପସ୍ଥାପନ କରାଯାଇଥିଲା । ଏଥିରେ ମୋଟ ୧୦୦ ଜଣ ସାକ୍ଷୀ ଉପସ୍ଥାପନ କରାଯାଇଥିଲା । ସେହି ସମୟରେ, ମାମଲାର ତଦନ୍ତ ପାଇଁ ଏସଆଇଟି ଗଠନ କରାଯାଇଥିଲା, ଯାହା ୫୦୦ରୁ ଅଧିକ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା ।





# କ୍ରୀଡାବିତ କେଶବ ଚନ୍ଦ୍ର ମିଶ୍ର



ପଶ୍ଚିମ ଓଡିଶାର କ୍ରୀଡା କ୍ଷେତ୍ରରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ଯେଉଁ କେତେଜଣ କ୍ରୀଡାବିତ୍ ନିଜର ନାମକୁ ଓଡିଶାର କ୍ରୀଡା ଇତିହାସରେ ଲିପିବଦ୍ଧ କରିବାରେ ସଫଳ ହୋଇଛନ୍ତି, ସେମାନଙ୍କ ମଧ୍ୟରେ କେଶବ ଚନ୍ଦ୍ର ମିଶ୍ର ଏକ ଜଣାଶୁଣା ବ୍ୟକ୍ତିତ୍ୱ । ୧୯୪୦ ମସିହା ଜୁଲାଇ ମାସ ୧ ତାରିଖ ବଲାଙ୍ଗିର ଉପାନ୍ତ ଅଂଚଳ ବଙ୍ଗୋମୁଣ୍ଡା ତାଙ୍କର ଜନ୍ମ । ପିତା ଫକୀର ମୋହନ ମିଶ୍ର ବ୍ରିଟିସ ସରକାରଙ୍କ ଅଧୀନରେ ଫରେଷ୍ଟ ରେଞ୍ଜର ଭାବେ କାର୍ଯ୍ୟ କରିଥିଲେ । ଗାଁ ସ୍କୁଲରେ ପଢିବା ସମୟରେ ଗାଁ ର କୃଷି ମେଳାରେ ଆୟୋଜିତ ୫ କିଲୋମିଟର ଦୌଡ ରେ ପ୍ରଥମ ସ୍ଥାନ ଅଧିକାର କରି ସେ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ୧୯୬୫ ମସିହାରେ ରାଜ୍ୟ ପୋଲିସ ବିଭାଗରେ ଯୋଗଦାନ କରିଥିଲେ । ୧୯୬୫ ରୁ ୧୯୭୬ ମସିହା ପର୍ଯ୍ୟନ୍ତ ୪୦୦ ମିଟର ହଡଲ୍ସ ଦୌଡ ରେ ବିଭିନ୍ନ ବର୍ଗରେ ରେକର୍ଡମାନ ସୃଷ୍ଟି କରି ଜାତୀୟ ସ୍ତରରେ ରାଜ୍ୟର ପ୍ରତିନିଧିତ୍ୱ କରିଥିଲେ । ୧୯୭୫ ରେ ଏହି ବର୍ଗରେ ସେ ହାସଲ କରିଥିବା ରେକର୍ଡ (୫୧.୮ ସେକେଣ୍ଡ) ଦିର୍ଘ ୧୫ ବର୍ଷ ଧରି ଅତୁଟ ରହିଥିଲା । ୧୯୭୪ ରୁ ୧୯୭୬ ପର୍ଯ୍ୟନ୍ତ ସେ ଜାତୀୟ ଦୌଡକୁଦରେ ଓଡିଶା ଦଳର ଅଧିନାୟକ ଥିଲେ । ରାଜ୍ୟ ପୋଲିସ ତରଫରୁ ଜାତୀୟ ସ୍ତରରେ ଭାରତୀୟ ପୋଲିସ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବାର ଗୌରବ ମଧ୍ୟ ସେ ଅର୍ଜନ କରିଥିଲେ । ସେ ପୁରୁଣା ସ୍ମୃତିକୁ ମନେ ପକାଇ କହିଛନ୍ତି ୧୯୬୫ ମସିହାରେ ବଲାଙ୍ଗିର ର ମନୋହର ପଡିଆରେ ନିୟମିତ ଦୌଡ କୁଦ ଅଭ୍ୟାସ କରିବା ସମୟରେ ଆନନ୍ଦୀନୀ ଦର୍ଜୀ, ପ୍ରଣତୀ ମିଶ୍ର, ପ୍ରତିମା ମିଶ୍ର, ଟିଟିଲାଗଡର ସଦାନନ୍ଦ ନାଏକ, ହରିହର ଥାପା, ସନ୍ତୋଷ ଠାକୁର, ଭୁବନାନନ୍ଦ ସ୍ୱାଇଁ ମଧ୍ୟ ବିଭିନ୍ନ ସମୟରେ କେଶବ ବାବୁଙ୍କ ସହ ମଝିରେ ମଝିରେ ଯୋଗଦାନ କରି ଅଭ୍ୟାସ କରି ପରବର୍ତ୍ତି ସମୟରେ ସେ ସେମାନେ ସଫଳ କ୍ରୀଡାବିତ୍ ଭାବରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ୧୯୬୭ ଅନୁଷ୍ଠିତ ପୂର୍ବାଂଚଳ ଦୌଡକୁଦ ପ୍ରତିଯୋଗିତାରେ ସେ ପଦକ ଜିତିଥିଲେ । ସେହି ପରି ଜାତୀୟ ଓପନ ଦୌଡକୁଦ ର ୪୦୦ ବାଧା ଦୌଡ (ହଡଲ୍ସ) ରେ ମଧ୍ୟ ସେ ଶ୍ରେଷ୍ଠ ତିନି ଜଣ ମଧ୍ୟରେ ସ୍ଥାନ ପାଇ ପାରିଥିଲେ । ଓଡିଶା ୧୯୭୪ ମସିହାରେ ଜାତୀୟ ଦୌଡ କୁଦ ପ୍ରତିଯୋଗିତାରେ ଉପ-ବିଜେତା ହେବା ସମୟରେ କେଶବ ବାବୁ ମଧ୍ୟ ଓଡିଶା ଦଳର ଜଣେ ସଦସ୍ୟ ଥିଲେ ।

**କେଶବ ମିଶ୍ରଙ୍କୁ ୧୯୮୨ ମସିହାରେ ଅନୁଷ୍ଠିତ ଦିଲ୍ଲୀ ଏସିଆଡ୍ କ୍ରୀଡାରେ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା । ସେପରି ୧୯୭୪ ରେ ଲକ୍ଷ୍ନୌରେ ଅନୁଷ୍ଠିତ ସର୍ବ ଭାରତୀୟ ପୋଲିସ କ୍ରୀଡା ପ୍ରତିଯୋଗିତାରେ ଯୋଗଦାନ କରି ତାଙ୍କର ପ୍ରିୟ ଇଭେଣ୍ଟ ରେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ୨୦୦୧ ମସିହା ଜାନୁୟାରୀ ୨୬ ତାରିଖରେ ସଫଳ କ୍ରୀଡାବିତ୍ ଭାବରେ ସେ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ । ୧୯୮୭ ମସିହାରେ ବାରବାଟୀ ଷ୍ଟାଡିୟମ ରେ ଅନୁଷ୍ଠିତ ଏକ ଦିବସୀୟ ଜିମ୍ବାୱେ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ କ୍ରିକେଟ ମ୍ୟାଚରେ ଲିୟାସନ ଅଫିସର ଭାବରେ ମଧ୍ୟ କାର୍ଯ୍ୟ ତୁଲାଇଥିଲେ । ହଡଲ୍ସ ଦୌଡ ଥିଲା କେଶବ ବାବୁଙ୍କ ଅତି ପ୍ରିୟ ଦୌଡ ଏବଂ ଏହି କ୍ରୀଡାରେ ସେ ବିଭିନ୍ନ ସମୟରେ ଯେଉଁ କିର୍ତ୍ତିମାନ ଅର୍ଜନ କରିଛନ୍ତି ତାହା ନିଶ୍ଚିତ ଭାବରେ ଆଜିର ଯୁବପିଢି ପାଇଁ ଏକ ପ୍ରେରଣାର ଉତ୍ସ ଅଟେ ।**

କେଶବ ବାବୁ ଆଜି ମଧ୍ୟ ଅହରହ ପରିଶ୍ରମ କରୁଛନ୍ତି । କେଶବ ବାବୁ ପୋଲିସ ଚାକରି ସମୟରେ ଢେର କିଛି ବର୍ଷ ଧରି ଓଡିଶା ପୋଲିସ ଦଳର ଅଧିନାରୟକ ଥିଲେ ।

ଆଜି ଏହି ପରିଣତ ବୟସରେ ସେ କ୍ରୀଡାକୁ ଭୁଲି ନାହାନ୍ତି । ସେ ଯୁବ କ୍ରୀଡାବିତମାନଙ୍କୁ ପ୍ରଶିକ୍ଷଣ ଦେବାରେ ସେ ତାଙ୍କର ସମୟ ଅତିବାହିତ କରୁଛନ୍ତି । କେଶବ ବାବୁଙ୍କ ପୁଅ ଶିବ ପ୍ରସାଦ ମିଶ୍ର, ଯେ କି ଜଣେ କ୍ଷମତା ପ୍ରାପ୍ତ ଅଥେଲେଟିକ୍ କୋଚ ଓ ତାଙ୍କ ଅଧିନରେ ଅଲମ୍ପିଆନ ଦୂତି ଚାନ୍ଦ ଓ ଜାତୀୟ ସ୍ତରର କ୍ରୀଡାବିତ ପୂର୍ଣ୍ଣିମା ହେମ୍ରମ୍ ମଧ୍ୟ ବିଭିନ୍ନ ସମୟରେ ଦୌଡ କୁଦର ପ୍ରଶିକ୍ଷଣ ନେଇ ଆସିଛନ୍ତି । ପରିଣତ ବୟସରେ ମଧ୍ୟ କେଶବ ବାବୁ କ୍ରୀଡାବିତ ଗଢିବାରେ ବ୍ୟସ୍ତ ଅଛନ୍ତି । ବରଗଡ ମିନି ଷ୍ଟାଡିୟମରେ ୨୦ ରୁ ଅଧିକ ପିଲାଙ୍କୁ ବିଭିନ୍ନ ଶାରିରୀକ ଅଭ୍ୟାସ ତଥା ଦୌଡକୁଦ ପ୍ରଶିକ୍ଷଣରେ ବ୍ୟସ୍ତ । ବିଗତ ଦିନ ରେ ଏହି ପୋଲିସ ଅଧିକାରୀ ଆଗାମୀ ଦିନରେ ଓଡିଶାର ବହୁ ଅଲମ୍ପିଆନ ସୃଷ୍ଟି ହେବେ ବୋଲି ଆଖା ପ୍ରକାଶ କରିଛନ୍ତି । ବୟସ ବର୍ତମାନ ୮୫ ବର୍ଷ, ତଥାପି ଏହି କ୍ରୀଡାବିତ ୫ କିଲୋମିଟର ଦୌଡିବାର କ୍ଷମତା ରଖନ୍ତି ।

୨୦୧୮ ମସିହାରେ ମାଲେସିଆରେ ଆୟୋଜିତ ଏସିଆ ପେସିଫିକ୍ ମାଷ୍ଟର୍ସ ପ୍ରତିଯୋଗିତାରେ ୧୦୦ ମିଟର ଦୌଡରେ ରୌପ୍ୟ ପଦକ ଜିତିଥିବା କେଶବ ବାବୁ ବର୍ତମାନ ମାଷ୍ଟର୍ସ ଗେମ୍ସ ଏସୋସିଏସନ ଅଫ୍ ଓଡିଶାର ସଭାପତି ସେ ମଧ୍ୟ ଏଲିଡ୍ ସ୍ପୋର୍ଟସ୍ ୱେଲଫେୟାର ଆସୋସିଏସନ ଅଫ୍ ଓଡିଶାର ଅଧକ୍ଷ ଅଛନ୍ତି । ପୁରୁଣା ଦିନର କଥାକୁ ମନେ ପକାଇ ସେ କହନ୍ତି, ମୁଁ ପ୍ରତିମା ମିଶ୍ର, ମୀନତି ମିଶ୍ର, ଆନନ୍ଦିନୀ ଦର୍ଜୀ ଭଳି କ୍ରୀଡାବିତ୍ ମାନଙ୍କ ସହ ଦୌଡିଛି ଓ ସେମାନଙ୍କୁ ଦୌଡାଇଛି ମଧ୍ୟ । ଆମ ସମୟରେ ସେପରି ପ୍ରୋତ୍ସାହନ ମିଳୁ ଥିଲା ଓ ଆମକୁ ଏହି କ୍ରୀଡାରେ ତିଷ୍ଟି ରହିବା ପାଇଁ ବହୁତ କଷ୍ଟ ଉଠାଇବାକୁ ପଡୁଥିଲା । କ୍ରୀଡା ଭିତିଭୂମି ଆଗ ଅପେକ୍ଷା ବହୁତ ବଢି ଯାଇଛି । ସରକାରଙ୍କ ଦ୍ୱାରା କ୍ରୀଡାବିତ ମାନଙ୍କ ଚାକିରି ର ବ୍ୟବସ୍ଥା ମଧ୍ୟ କରାଯାଇ ଅଛି । ଏହି ବର୍ଷୀୟାନ କ୍ରୀଡା ତାରକା ଖେଳ ପଡିଆକୁ ନିଜର କର୍ମସ୍ଥଳୀ ଭାବରେ ଗ୍ରହଣ କରି ନେଇଛନ୍ତି ଓ ସେଥି ପାଇଁ ବଲାଙ୍ଗିର, ବରଗଡ ନୁହେଁ ସମଗ୍ର ଓଡିଶା କ୍ରୀଡାବିତମାନେ ପାଇଁ କରିଛନ୍ତି ସେ ଏକ ପ୍ରେରଣାର ଉତ୍ସ ପାଲଟି ଯାଇଛନ୍ତି । ସେ ଅବସରର କ୍ରୀଡାବିତମାନଙ୍କୁ ଅନୁରୋଧ କରି ଆସିଛନ୍ତି । ଯେ ସେମାନେ ଆସନ୍ତୁ ଓ ଉଦୀୟମାନ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଆଗେଇ ଆସନ୍ତୁ । ଭଗବାନ ଏହି କ୍ରୀଡାବିତ ଙ୍କୁ ଦୀର୍ଘାୟୁ କରନ୍ତୁ ଯୁବ କ୍ରୀଡାବିତ ମାନଙ୍କୁ କ୍ରୀଡାବିତ ଭାବରେ ଗଢିବା ପାଇଁ ତାଙ୍କର ଅଭିଯାନ ଆଜି ସଫଳ ହେଉ ।

**କୃଷଚନ୍ଦ୍ର ମିଶ୍ର**
**ଉପସଭାପତି**
**ଜିଲ୍ଲା କ୍ରୀଡା ସଂସଦ, ବଲାଙ୍ଗୀର**
**ମୋ: ୯୬୯୨୪୪୦୪୪୪**



ଏସୀୟ ଜୁଜିଟସୁ ପ୍ରତିଯୋଗିତାରେ ଗୋଟିଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ଅନୁପମା ସ୍ୱର୍ଣ୍ଣଙ୍କୁ ରାଜ୍ୟ କ୍ରୀଡା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ଶାସନ ସଚିବ ଅଶୋକ ଚନ୍ଦ୍ର ପଣ୍ଡା, ବିଜୟ ଚନ୍ଦ୍ର ସ୍ୱର୍ଣ୍ଣ, ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ କ୍ଷୀରୋଦ ପଟ୍ଟନାୟକ, ସୋନାଲି ପ୍ରିୟଦର୍ଶିନୀ, ରାସଗୋବିନ୍ଦ ପରିଡା ଅଭିନନ୍ଦନ ଜଣାଇଛନ୍ତି ।

## ଆଇପିଏଲ୍ ମହାସମର

# ମୁମ୍ବାଇ-ପଞ୍ଜାବ କ୍ୱାଲିଫାୟର-୨


ମୁଲାନପୁର,୩୦।୫(ଏଜେନ୍ସି): ଆଇପିଏଲ୍ ୨୦୨୫ର ଏଲିମିନେଟର ମ୍ୟାଚରେ ରୋହିତ ଶର୍ମାଙ୍କ ବ୍ୟାଟ ଗର୍ଜିଛି । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସ ୫ ୱିକେଟ୍ ହରାଇ ୨୨୮ ରନର ବିଶାଳ ସ୍କୋର କରିଥିଲା । ରୋହିତ ଶର୍ମା ୮୧ ରନର ଧମାକାଦାର ଇନିଂସ ଖେଳିଥିବା ବେଳେ ସୂର୍ଯ୍ୟକୁମାର ଯାଦବ ୩୩ ରନ କରିଥିଲେ । ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ୨୨ ରନ କରିଥିଲେ। ଜବାବରେ ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ତେଣୁ ମୁମ୍ବାଇ ୨୦ ରନ୍ ବ୍ୟବଧାନରେ ବିଜୟୀ ହୋଇ କ୍ୱାଲିଫାୟର-୨ରେ ପ୍ରବେଶ କରିଛି । ଜୁନ୍ ୧ରେ ପଞ୍ଜାବ ଓ ମୁମ୍ବାଇ ମଧ୍ୟରେ କ୍ୱାଲିଫାୟର-୨ ମୁକାବିଲା ହେବ । ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଇଣ୍ଡିଆନ୍ସକୁ ଓପନର ରୋହିତ ଶର୍ମା ଓ ଜୋନି ବେୟାରଷ୍ଟୋ ଦମଦାର ଆରମ୍ଭ ଦେଇଥିଲେ । ରିୟାନ ରିକଲଟରଙ୍କ ସ୍ଥାନରେ ଦଳରେ ସାମିଲ ବେୟାରଷ୍ଟୋ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ଓ ରୋହିତ ପ୍ରଥମ ୱିକେଟ୍ ପାଇଁ ୮୪ ରନ ଯୋଡ଼ିଥିଲେ । ବେୟାରଷ୍ଟୋ ୨ ବଲରୁ ୪ ଚୌକା ଓ ୩ ଛକା ସହ ୪୭ ରନ କରିଥିଲେ । ଅନ୍ୟପଟେ ରୋହିତ ମିଳିଥିବା ଦୁଇଟି ଜୀବନ ଦାନର ଭରପୂର ଫାଇଦା ଉଠାଇଥିଲେ । ରୋହିତ ଓ ସୂର୍ଯ୍ୟକୁମାର ଦ୍ୱିତୀୟ ୱିକେଟ୍ ପାଇଁ ୫୯ ରନ ଯୋଡ଼ି ଦଳର ସ୍କୋରକୁ ୧୪୩ ରନରେ ପହଞ୍ଚାଇଥିଲେ । ସୂର୍ଯ୍ୟ ୩୩ ରନ କରି ଆଉଟ୍ ହୋଇଥିଲେ । ରୋହିତ ଶର୍ମା ଅର୍ଦ୍ଧଶତକ ହାସଲ କରିବା ସହ ୫୦ ବଲରୁ ୯ ଚୌକା ଓ ୪ ଛକା ସହ ୮୧ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିଲେ । ତିଳକ ବର୍ମା ଦ୍ରୁତ ବ୍ୟାଟିଂ କରି ୧୧ ବଲରୁ ୩ ଛକା ସହ ୨୫ ରନ କରିଥିଲେ ।



ନମନ ଧୀର ୯ ରନ କରି ପାଭିଲିୟନ ଫେରିଥିଲେ । ତେବେ ଶେଷ ଆଡ଼କୁ ମୁମ୍ବାଇର ରନ ଗତି ସାମାନ୍ୟ ମନ୍ଥର ରହିଥିଲା । ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲରୁ ୨୨ ରନ କରିବାରୁ ଶେଷରେ ମୁମ୍ବାଇ ୫ ୱିକେଟ୍ ହରାଇ ୨୨୮ ରନ କରିଥିଲା । ୨୨୯ ରନ୍‌ର ବିଜୟଲକ୍ଷ୍ୟ ଗୁଜରାଟ ଟାଇଟନ୍ସ ପାଇଁ ଧାର୍ଯ୍ୟ ହୋଇଥିଲା । ତେଣୁ ଦଳ ବିଜୟ ପାଇଁ ଆରମ୍ଭରୁ ହିଁ ଆକ୍ରଣାତ୍ମକ ଖେଳିଥିଲା । ଅଧିନାୟକ ଶୁଭମନ ଗିଲ ମାତ୍ର ୧ ରନ୍ କରି ପାଭିଲିୟନ୍ ଫେରିଥିଲେ । କିନ୍ତୁ ଏହାପରେ ସାଇ ସୁଦର୍ଶନଙ୍କ ବ୍ୟାଟରୁ ଚୌକା ଛକାର ବର୍ଷା ଦେଖିବାକୁ ମିଳିଥିଲା । ସେ ୪୯ ବଲ୍‌ର ସମ୍ମୁଖୀନ ହୋଇ ୧୦ ଚୌକା ଓ ଗୋଟିଏ ଛକା ସହାୟତାରେ ୮୦ ରନର ଇନିଂସ ଖେଳିଥିଲେ । ସେ ଆଉଟ୍ ହେବା ବେଳକୁ ପଞ୍ଜାବ ଦଳୀୟ ସ୍କୋର ୧୫.୪ ଓଭରରେ ୧୭୦/୪ ରନ୍‌ରେ ପହଞ୍ଚି ଯାଇଥିଲା । ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା କୁଶଲ ମେଣ୍ଡିସ୍ ୨୦ ଏବଂ ସ୍ପିନର ୱାଶିଂଟନ ସୁନ୍ଦର ୨୪ ବଲରୁ ୫ ଚୌକା ଓ ୩ ଛକା ସହାୟତାରେ ୪୮ ରନ୍ କରିଥିଲେ । ସେର୍ଫାନ୍ ରଦର ଫୋର୍ଡ ୨୪, ଶାହରୁଖ ଖାନ୍ ୧୩ ରନ୍ କରି ଆଉଟ୍ ହୋଇଥିବା ବେଳେ ରାହୁଲ ତେୱାତିଆ ୧୬ ରନ୍ ଅପରାଜିତ ଇନିଂସ ଖେଳିଥିଲେ । ଏହା ସତ୍ତ୍ୱେ ଶୁଭମନ ଗିଲଙ୍କ ନେତୃତ୍ୱାଧିନ ଗୁଜରାଟ ଟାଇଟନ୍ସ ବିଜୟଲକ୍ଷ୍ୟ ଠାରୁ ୨୦ ରନ୍ ପଛରେ ରହିଯାଇଥିଲା ।

## ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍

# ୩୬ ବର୍ଷ ପରେ ଭାରତକୁ ସ୍ୱର୍ଣ୍ଣ



ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ଏସିଆନ୍ ଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ଭାରତର ଅବିନାଶ ସାବଲେ ଶ୍ରେଷ୍ଠ ପ୍ରଦର୍ଶନ ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ୩୬ ବର୍ଷ ପରେ ୩୦୦୦ ମିଟର ଷ୍ଟିପଲ ଚେଜ ବର୍ଗରେ ଅବିନାଶ ସ୍ୱର୍ଣ୍ଣ ଜିତିବାରେ ପ୍ରଥମ ଭାରତୀୟ ହୋଇଛନ୍ତି । ଅବିନାଶ ୮:୨୦.୯୨ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେ ପୂର୍ବରୁ ୨୦୧୯ରେ ରୌପ୍ୟ ଜିତିଥିଲେ । ଅବିନାଶ ଏହି ଟୁର୍ଣ୍ଣାମେଣ୍ଟରେ ବ୍ୟକ୍ତିଗତ ଦ୍ୱିତୀୟ ପଦକ ଜିତିଛନ୍ତି ।

ଜାପାନର ୟୁଟାରୋ ନିନାଇ ୮:୨୪.୪୧ ସେକେଣ୍ଡ ସମୟ ସହିତ ରୌପ୍ୟ ପଦକ ଜିତିଛନ୍ତି । ଶେଷ ଲ୍ୟାପ୍‌ରେ ସେ ଆଗୁଆ ଥିଲେ କିନ୍ତୁ ଅବିନାଶ ସାବଲେ ତାଙ୍କୁ ପଛରେ ପକାଇ ସ୍ୱର୍ଣ୍ଣ ପଦକ ଜିତିବା ପାଇଁ ଏକ ଚମତ୍କାର ପ୍ରୟାସ କରିଥିଲେ । କାତ୍ତାରର ଜାକରିହା ଏଲହା ଲାମି ୮:୨୭.୧୨ ସେକେଣ୍ଡ ସହ ବ୍ରୋଞ୍ଜ ପଦକ ଜିତିଛନ୍ତି । ସାବଲେଙ୍କ ପୂର୍ବରୁ ଦିନା ଏସୀୟ ଚାମ୍ପିଅନ୍‌ସିପ୍‌ରେ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ହାସଲ କରିଥିଲେ । ଦିନାରାମ ୧୯୮୯ ମସିହାରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ହର୍ବାଲ ସିଂ ୧୯୭୫ ମସିହାରେ ଷ୍ଟିପଲ ଚେଜ୍ ଇଭେଣ୍ଟରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ ।

## ଫ୍ରେଞ୍ଚ ଓପନ

# ଚତୁର୍ଥ ରାଉଣ୍ଡରେ ମୁସେଟି, ପୌଲା

ପ୍ୟାରିସ୍,୩୦।୫ (ଏଜେନ୍ସି): ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ୍ ଟେନିସ୍ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମୁକାବିଲାରେ ଲୋରେଞ୍ଜୋ ମୁସେଟି ଏବଂ ଟମି ପଲ ବିଜୟ ହାସଲ କରି ଚତୁର୍ଥ ରାଉଣ୍ଡକୁ ଉଠିଛନ୍ତି । ଅନ୍ୟ ଏକ ତୃତୀୟ ରାଉଣ୍ଡ ମୁକାବିଲାରେ ହୋଲଗର ରୋନି ବିଜୟ ଲାଭ କରିଛନ୍ତି । ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସିଡ ଲୋରେଞ୍ଜୋ ମୁସେଟି ୪-୬, ୬-୪, ୬-୩, ୬-୨ ସେଟ୍‌ରେ ମାରିଆନୋ ନାଭୋନୀଙ୍କୁ ହରାଇଥିଲେ । ଦ୍ୱାଦଶ ସିଡ ଟମିପଲ ୬-୩, ୩-୬, ୭-୬, ୩-୬, ୬-୩ ମାରାଥନ ସେଟ୍‌ରେ କରିନ ଖାଚାନୋଭଙ୍କୁ ହରାଇଥିଲେ ।



ମହିଳା ସିଙ୍ଗଲ୍ସ ତୃତୀୟ ରାଉଣ୍ଡ ମ୍ୟାଚ ଗୁଡିକରେ ଇଗା ସ୍ୱିଟେକ୍, ସାମସୋନୋଭା, ସାବାଲେଙ୍କା, ଆନିସିମୋଭା, ଝେଙ୍ଗ ବିଜୟ ଲାଭ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଟୁର୍ଣ୍ଣାମେଣ୍ଟର ପଞ୍ଚମ ସିଡ ଇଗା ସ୍ୱିଟେକ ୬-୨, ୭-୫ ସେଟ୍‌ରେ ଜାକଲିନ୍ କ୍ରିଷ୍ଟିଆନୋଙ୍କୁ ପରାଜିତ କରିଥିଲେ । ଆର୍ଯ୍ୟାନା ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ଓଲଗା ଡାନିଲୋଭିକ୍‌ଙ୍କୁ ହରାଇଥିଲେ । କ୍ୱିନୱିନ ଝେଙ୍ଗ ୬-୩, ୬-୪ ସେଟ୍‌ରେ ଭିକ୍ଟୋରିଆ ମାବୋକୋଙ୍କୁ ପରାଜିତ କରି ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି । ଆମୋନ୍ଦା ଆନିସିନୋଭା ୭-୬, ୬-୪ ସେଟ୍‌ରେ କ୍ଲାରା ତୌସନଙ୍କୁ ପରାଜିତ କରି ପରବର୍ତ୍ତୀ ରାଉଣ୍ଡ ଯୋଗ୍ୟତା ଅର୍ଜନ କରିଛନ୍ତି ।

# ମୁଁ ଚୟନକର୍ତ୍ତା ନୁହେଁ: ଗମ୍ଭୀର

ନୂଆଦିଲ୍ଲୀ,୩୦।୫ (ଏଜେନ୍ସି): ନିକଟରେ ଇଂଲଣ୍ଡଗସ୍ତ ପାଇଁ ଭାରତୀୟ ଦଳ ଘୋଷିତ ହୋଇଥିଲା । ୧୮ ଜଣିଆ ଦଳରେ ଶ୍ରେୟାସ ଆୟରଙ୍କୁ ସାମିଲ କରାଯାଇନଥିଲା । ଯାହାକୁ ନେଇ କ୍ରିକେଟପ୍ରେମୀ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଭାରତୀୟ ଦଳ ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କୁ ଏସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ କହିଛନ୍ତି ଦଳ ଚୟନ ଚୟନକର୍ତ୍ତାଙ୍କ ଦାୟିତ୍ୱ । ମୁଁ ଚୟନ କର୍ତ୍ତା ନୁହେଁ । ଏଭଳି ଉତ୍ତର ଦେଇ ସେ ଏତେ ବଡ଼ ପ୍ରଶ୍ନକୁ ଏଡାଇ ଯାଇଛନ୍ତି । ଶୁଭମନ ଗିଲଙ୍କୁ ଦଳର ଅଧିନାୟକ ଏବଂ ୱିକେଟ୍‌କିପର ରିଷଭ ପନ୍ତଙ୍କୁ ଉପଅଧିନାୟକ ନିଯୁକ୍ତି କରାଯାଇଛି । ଶ୍ରେୟାସ ଆୟର ଘରୋଇ କ୍ରିକେଟ୍, ଦିନିକିଆ ଏବଂ ଆଇପିଏଲ୍‌ରେ ଭଲ ଫର୍ମରେ ରହିଥିଲେ ବି ତାଙ୍କୁ ଦଳରେ ସାମିଲ କଲେ ନାହିଁ ।

ଚୟନ କମିଟି ମୁଖ୍ୟ ଅଜିତ ଅଗରକର କହିଥିଲେ ଦଳରେ ଆୟରଙ୍କ ସ୍ଥାନ ନାହିଁ । କେଉଁ କାରଣ ପାଇଁ ଆୟରଙ୍କୁ ନିଆଗଲା ନାହିଁ ତାହା ମଧ୍ୟ ସ୍ପଷ୍ଟ କରିନାହାନ୍ତି । ଦୀର୍ଘ ୮ ବର୍ଷ ପରେ କରୁଣ ନାୟରଙ୍କୁ ଦଳକୁ ଅଣା ଯାଇଛି । କିନ୍ତୁ ଚମତ୍କାର ଫର୍ମରେ ଥିଲେ ବି ଆୟରଙ୍କୁ ସୁଯୋଗ ଦିଆଯାଇନାହିଁ ।

# କେନ୍ଦ୍ରାପଡ଼ା, ବଲାଙ୍ଗୀର, ସମ୍ବଲପୁର, ଯାଜପୁର, ମାଲକାନାଗିରି, କଳାହାଣ୍ଡି ବିଜୟୀ

## ସିଏମ୍ ଟ୍ରଫି

ଭୁବନେଶ୍ୱର,୩୦।୫ (ସବ୍ୟୁ): ୧୫ ବର୍ଷରୁ କମ୍ ଆନ୍ତଃ ଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍ ସିଏମ୍ ଟ୍ରଫିର ତୃତୀୟ ଦିନ ଅନୁଷ୍ଠିତ ମ୍ୟାଚ ଗୁଡିକରେ ଭୁବନେଶ୍ୱର, କେନ୍ଦ୍ରାପଡ଼ା, ସମ୍ବଲପୁର, ବଲାଙ୍ଗୀର, ଯାଜପୁର, ମାଲକାନାଗିରି ଓ କଳାହାଣ୍ଡି ବିଜୟୀ ହୋଇଛନ୍ତି । ଭୁବନେଶ୍ୱର ଜୋନ୍‌ରେ ଅନୁଷ୍ଠିତ ମ୍ୟାଚରେ କନ୍ଧମାଳକୁ ୯-୦ ଗୋଲ୍‌ରେ ଭୁବନେଶ୍ୱର ଏଫ୍‌ସିକୁ ହରାଇଛି । ବିଜୟୀ ଦଳର ପ୍ରସନ୍ନଜିତ ବଡାଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡ଼ା ଏଫ୍‌ସି ୬-୦ ଗୋଲ୍‌ରେ ଜଗତସିଂହପୁରକୁ ପରାଜିତ କରିଥିଲା । ସମ୍ବଲପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସମ୍ବଲପୁର ୨-୧ ଗୋଲ୍‌ରେ ଝାରସୁଗୁଡାକୁ ହରାଇଛି । ଦ୍ୱିତୀୟ ମ୍ୟାଚରେ ବଲାଙ୍ଗୀର ୫-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇଥିଲା । କେନ୍ଦୁଝର ଯାଜପୁର ୩-୨ ଗୋଲ୍‌ରେ କେନ୍ଦୁଝରକୁ ପରାଜିତ କରିଥିଲା । ଦ୍ୱିତୀୟ ମ୍ୟାଚଟି ଢେଙ୍କାନାଳ ଓ ଭଦ୍ରକ ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର ରହିଥିଲା । ବ୍ରହ୍ମପୁର ଜୋନ୍‌ରେ ମାଲକାନାଗିରି ଏଫ୍‌ସି ୧୮-୦ ଗୋଲ୍‌ରେ ଗଜପତିକୁ ହରାଇଥିବା ବେଳେ କଳାହାଣ୍ଡି ଏଫ୍‌ସି ୧୦-୦ ଗୋଲ୍‌ରେ ରାୟଗଡ଼ାକୁ ଧରାଶାୟୀ କରିଥିଲା ।

# ଫ୍ରାନ୍ସ ଗସ୍ତରେ ଓଡ଼ିଶାର ୯ ପାରା ଫେନ୍ସର



ଭୁବନେଶ୍ୱର,୩୦।୫ (ସବ୍ୟୁ): ଭାରତୀୟ ପାରା ଫେନ୍ସର ଦଳ ସାଟେଲାଇଟ ଟୁର୍ଣ୍ଣାମେଣ୍ଟ ପାଇଁ ଫ୍ରାନ୍ସର ଅରେଞ୍ଜ ସହର ଗସ୍ତ କରିଛି । ମେ ୩୧ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ୧୬ ଜଣ କ୍ରୀଡାବିତ ଭାଗ ନେଇଛନ୍ତି । ଏମାନଙ୍କ ମଧ୍ୟରୁ ୯ ଜଣ ଓଡ଼ିଶାର ପାରା ଫେନ୍ସିଂ ଖେଳାଳି ଭାଗ ନେଇଛନ୍ତି । ଏମାନେ ହେଲେ ଭି ରମେଶ ରାଓ, ରାଖାଲ ସେଠୀ, ପୂଜା ସ୍ୱନୀ ନାୟକ, ମାଳତୀ ପାନଓରେ, ସିଲା ମନ୍ତ୍ରୀ, ପବିତ୍ର ସାହୁ, ମଧୁସ୍ମିତା ସାହୁ, ଓମ୍ ପ୍ରକାଶ ବେହେରା, ରୁଦ୍ର ନାରାୟଣ ବେହେରା । ଓଡ଼ିଶା ପାରା ସ୍ପୋର୍ଟ୍ସ ଆସୋସିଏସନ୍ ସଭାପତି କମଳାକାନ୍ତ ରଥ କହିଛନ୍ତି ଓଡ଼ିଶାର ଖେଳାଳିମାନେ ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଦେଶର ଗୌରବ ବଢ଼ାଇବ ବୋଲି ଆମେ ଆଶା କରୁଛୁ ।

## ସୂଚନା

ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, **ମୁଖ୍ୟ ସମ୍ପାଦକ:** ଗୁରୁକଲ୍ୟାଣ ମହାପାତ୍ର, **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି